(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୩/୨୦୨୨ (୧୨+୮=୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 13/2022 Page 12+8 ₹ 7.00 ★★★★★★

୪୮ଶ ଭାଗ ୨୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ମୋର ବୋଧେ ଯୋଗ୍ୟତା ନାହିଁ: ପଙ୍କଜା

ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ପଙ୍କଜା ମୁଣ୍ଡେଙ୍କ ନାମ ସ୍ଥାନ ନ ପାଇବା ପରେ ସେ ନିରାଶ ହୋଇଛନ୍ତି।

୧୦

୦୨

## ରଣବୀରଙ୍କୁ ସମନ

ନ୍ୟୁଡ୍ ଫଟୋଶୁଟ୍ ନେଇ ଅଭିଯୋଗ ହେବା ପରେ ବଲିଉଡ୍ ଅଭିନେତା ରଣବୀର ସିଂଙ୍କ ନାମରେ ଚେମ୍ବୁର ଥାନା ସମନ ଜାରି କରିଛି।



## ଓଡ଼ିଶା ହାଇକୋର୍ଟର ୨ ନୂଆ ବିଚାରପତି



ଗୌରୀଶଙ୍କର ଶତପଥୀ



ଚିତ୍ତରଞ୍ଜନ ଦାଶ

**କଟକ ଅଫିସ,୧୨।୮**

ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ୨ ଜଣଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଛନ୍ତି। ସମ୍ବିଧାନର ଧାରା ୨୧୭ ଅନୁଯାୟୀ ବରିଷ୍ଠତା ଭିତ୍ତିରେ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କୁ ଏହି ନିଯୁକ୍ତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଯୋଗୀ ସରକାରଙ୍କୁ ସମସ୍ୟା




# ଦୁଇ ଦିନ ଢାଳିବ

- ୧୪ ଜିଲାକୁ ଅରେଞ୍ଜ ୱାର୍ନିଂ
- ଋଷିକୁଲ୍ୟା, ବଂଶଧାରା ଜଳସ୍ତର ବଢ଼ିବ
- ୧୮ରେ ଆଉ ଏକ ଲଘୁଚାପ ସମ୍ଭାବନା
- ବନ୍ୟା ଆଶଙ୍କା ନାହିଁ: ଜଳ ସମ୍ପଦ ବିଭାଗ



ବାଲେଶ୍ୱର ଜିଲା ଜଳକା ନଦୀରେ ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ବଙ୍ଗୋପ ସାଗରରେ ପଛକୁ ପଛ ସୃଷ୍ଟି ହେଉଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗିରହିଛି। ଗୋଟିଏ ଅବପାତ ଦୁର୍ବଳ ହେବାବେଳକୁ ଉତ୍ତର ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଶୁକ୍ରବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିବ। ଏହାର ପ୍ରଭାବରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ୨ ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

ଲଘୁଚାପ ପ୍ରଭାବରେ ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, କନ୍ଧମାଳ ଏବଂ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ ଏବଂ କନ୍ଧମାଳ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ସେହିପରି ୧୪ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, ଅନୁଗୋଳ, ସମ୍ବଲପୁର, ଦେବଗଡ଼ ଜିଲାରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ଖୋର୍ଦ୍ଧା, ☞ପୃଷ୍ଠା-୪






## ଚାଇନା-ତାଇୱାନକୁ ସଂଯମ ରହିବାକୁ ଭାରତର ପରାମର୍ଶ

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇପେଇ ଗସ୍ତ ପରେ ଚାଇନା ଓ ତାଇୱାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଉଭୟ ଦେଶକୁ ସଂଯମ ରହିବାକୁ ଶୁକ୍ରବାର ଭାରତ ପକ୍ଷରୁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ କ୍ଷେତ୍ରରେ ସ୍ଥିତାବସ୍ଥା ପରିବର୍ତ୍ତନକୁ ଏଡ଼ାଇବା ଲାଗି ଚାଇନା ଓ ତାଇୱାନ ଏକତରଫା କାର୍ଯ୍ୟାନୁଷ୍ଠାନ ନେବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଶୁକ୍ରବାର ବହିର୍ବ୍ୟାପାର ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି।

**ସଂକ୍ଷେପରେ**

### ଦିଲ୍ଲୀରେ ୨,୨୫୧ କ୍ୟାଟ୍ରିଜ୍ ଜବତ

**ନୂଆଦିଲ୍ଲୀ/କୋଲକାତା,୧୨।୮:** ସ୍ୱାଧୀନତା ଦିବସ ପୂର୍ବରୁ ଦିଲ୍ଲୀ ପୋଲିସ ପୂର୍ବ ଜିଲାରୁ ୨,୨୫୧ ଜୀବନ୍ତ କ୍ୟାଟ୍ରିଜ୍ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଏକ ଅପରାଧ ନେଟ୍‌ୱର୍କର ସଦସ୍ୟ ହୋଇଥିବାବେଳେ ଏହା ସହ ଆତଙ୍କବାଦ ଦିଗକୁ ଏଡ଼ାଯାଇ ନ ପାରେ ବୋଲି ପୂର୍ବାଞ୍ଚଳ ରେଞ୍ଜ ଅତିରିକ୍ତ ପୋଲିସ କମିଶନର ବିକ୍ରମଜିତ୍ ସିଂ କହିଛନ୍ତି। ଗିରଫ ୬ ଜଣଙ୍କ ମଧ୍ୟରୁ ୨ ଅଭିଯୁକ୍ତ ରଶିଦ ଓ ଆଜମଲଙ୍କ ସମ୍ପର୍କରେ ଆନନ୍ଦ ବିହାର ଅଞ୍ଚଳର ଜଣେ ଅଟୋ ଡ୍ରାଇଭର ପୋଲିସକୁ ସୂଚନା ଦେଇଥିଲେ। ଅନ୍ୟ ଜଣେ ଅଭିଯୁକ୍ତଙ୍କ ଘର ଡେରାଡୁନ୍‌ରେ ଓ ତାଙ୍କର ଏକ ଗନ୍ ହାଉସ୍ ରହିଛି। ମିରଟ ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ଅନିଲ ଏହି କ୍ୟାଟ୍ରିଜ୍ ଯୋଗାଡ଼ କରିଥିବା ପୋଲିସ ଜାଣିବାକୁ ପାଇଛି। ସେହିପରି ସ୍ୱାଧୀନତା ଦିବସ ପୂର୍ବରୁ କୋଲକାତାର ଭିକ୍ଟୋରିଆ ମେମୋରିଆଲ ହାଇ ଆଲର୍ଟରେ ରହିଥିବାବେଳେ ଏହା ଉପରେ ଦୁଇଜଣ ବାଂଲାଦେଶୀ ଡ୍ରୋନ୍ ଉଡ଼ାଇ ଧରାପଡିଛନ୍ତି।

### କଶ୍ମୀରରେ ପ୍ରବାସୀ ଶ୍ରମିକଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ,୧୨।୮:** ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲାରେ ଗୁରୁବାର ରାତିରେ ଜଣେ ପ୍ରବାସୀ ଶ୍ରମିକଙ୍କୁ ଆତଙ୍କବାଦୀ ଗୁଳିକରି ହତ୍ୟା କରିଛନ୍ତି। ମହମ୍ମଦ ଅମ୍ରେଜ୍ ନାମକ ଶ୍ରମିକଙ୍କ ଘର ବିହାରର ମାଧେପୁରାରେ। ବନ୍ଦିପୋରା ଜିଲାର ସୋଆଦନାରା ସୁମ୍ବାଲ ଅଞ୍ଚଳରେ ଆତଙ୍କବାଦୀମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ରାଜୌରୀସ୍ଥିତ ସେନା କ୍ୟାମ୍ପ୍ ଉପରେ ୨ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣ ଉଦ୍ୟମକୁ ଯବାନମାନେ ପଣ୍ଡ କରିଥିଲେ। ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ୩ ଯବାନ ଶହୀଦ ହୋଇଥିବାବେଳେ ୨ ଆତଙ୍କବାଦୀ ନିହତ ହୋଇଥିଲେ।

### ୨୪ ପାକିସ୍ତାନୀ ହିନ୍ଦୁଙ୍କୁ ଭାରତୀୟ ନାଗରିକତ୍ୱ

**ରାଜକୋଟ,୧୨।୮(ଆଇଏଏନ୍ଏସ୍):** ଦୀର୍ଘମିଆଦୀ ଭିଜା ବଳରେ ଗୁଜରାଟର ରାଜକୋଟରେ ରହୁଥିବା ୨୪ ଜଣ ପାକିସ୍ତାନୀ ହିନ୍ଦୁଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସାଙ୍ଘଭି ଶୁକ୍ରବାର ସେମାନଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ସାଙ୍ଘଭି ଉଦ୍‌ବୋଧନ ଦେଇ ସେମାନଙ୍କୁ ଭାରତର ଭାଇ ଭଉଣୀ ବୋଲି ସମ୍ବୋଧନ କରି ଅନ୍ୟମାନଙ୍କ ଭଳି ଦେଶର ବିକାଶ ଧାରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେମାନଙ୍କ ଅଭିବୃଦ୍ଧି ଓ ପ୍ରଗତିରେ ସରକାର ସହଯୋଗ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

### କାର୍-ଅଟୋ ଧକ୍କାରେ ୬ ମୃତ

**ଆନନ୍ଦ,୧୨।୮:** ଗୁଜରାଟର ଆନନ୍ଦ ଜିଲାରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏକ କାର୍ ଗୋଟିଏ ଅଟୋରିକ୍ସା ଏବଂ ଗୋଟିଏ ବାଇକ୍‌କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଅଟୋ ଡ୍ରାଇଭର ଓ ବାଇକ ଆରୋହୀ ପ୍ରାଣ ହରାଇଥିବାବେଳେ ହସ୍ପିଟାଲରେ ୪ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରୁ ୩ ଜଣ ଗୋଟିଏ ପରିବାରର। ସେମାନେ ରକ୍ଷାବନ୍ଧନ ଉତ୍ସବ ପାଳନ କରି ଗୁରୁବାର ରାତିରେ ଅଟୋରେ ଘରକୁ ଫେରୁଥିବାବେଳେ ଆନନ୍ଦ ଜିଲାର ସୋଜିତ୍ରାଠାରେ ଦୁର୍ଘଟଣା ଘଟିଥିଲା।



ବ୍ରିଟେନର ଲିକ୍ ସ୍ଥିତ ଟିଟ୍ସୱର୍ଥ ଜଳାଶୟରେ ମାଟି ଫାଟି ଆଁ କରିଛି।

**ପର୍ତ୍ତୁଗାଲ, ସ୍ପେନ୍ ଓ ଫ୍ରାନ୍ସରେ ପାରଦ ୪୦ ଡିଗ୍ରୀ ଉପରକୁ ଉଠିଛି। ବ୍ରିଟେନରେ ଅନାବୃଷ୍ଟି ଓ ଗ୍ରୀଷ୍ମ ପ୍ରବାହ ମରୁଡ଼ି ପରିସ୍ଥିତି ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏସବୁ ଘଟୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ସମଗ୍ର ୟୁରୋପରେ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାରମାନେ ସ୍ୱାସ୍ଥ୍ୟ ସତର୍କତା ଜାରି କରିଛନ୍ତି।**

# ବ୍ରିଟେନରେ ମରୁଡ଼ି, ଫ୍ରାନ୍ସରେ ବନାଗ୍ନି

**ଲଣ୍ଡନ/ ପ୍ୟାରିସ୍,,୧୨।୮**

ଲଗାତର ଅନାବୃଷ୍ଟି ଓ ଗ୍ରୀଷ୍ମ ପ୍ରବାହ ଯୋଗୁ ଇଂଲଣ୍ଡର ବିଭିନ୍ନ ଭାଗରେ ମରୁଡ଼ି ଦେଖାଦେଇଛି। କ୍ରମାଗତ ୫ ମାସ ଧରି ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ଜୁଲାଇରେ ହାରାହାରି ବୃଷ୍ଟିପାତ ୩୫% ରହିଥିବାବେଳେ ଶନିବାର କେତେକ ଭାଗରେ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଛୁଇଁବା ଆଶଙ୍କା କରାଯାଉଛି। ଇଂଲଣ୍ଡ ଓ ୱେଲ୍ସରେ ଚାରିଦିନିଆ ଚରମ ଗ୍ରୀଷ୍ମପ୍ରବାହ ଲାଗିରହିଥିବାରୁ ଆଲର୍ଟ ଜାରି କରାଯାଇଛି। ୧୯୩୫ ମସିହା ପରେ ଏପରି ଶୁଷ୍କତା କେବେ ଦେଖିବାକୁ ମିଳି ନ ଥିଲା। ବ୍ରିଟେନ ସରକାର ଶୁକ୍ରବାର ଇଂଲଣ୍ଡର ଦକ୍ଷିଣ, କେନ୍ଦ୍ରୀୟ ଓ ପୂର୍ବାଞ୍ଚଳରେ ଆନୁଷ୍ଠାନିକ ଭାବେ ମରୁଡ଼ି ଘୋଷଣା କରିଛନ୍ତି। ଗ୍ଲୁସେଷ୍ଟରଶାୟାରର ପଶ୍ଚିମ ଭାଗରୁ ଦକ୍ଷିଣ ଇଂଲଣ୍ଡ ପର୍ଯ୍ୟନ୍ତ ପ୍ରବାହିତ ୩୫୬ କି.ମି. ଲମ୍ବ ଥମ୍ସ ନଦୀର ଜଳଉତ୍ସ ଶୁଷ୍କ ହୋଇଯାଇଛି। ଏଥି ସକାଶେ ସମ୍ପୃକ୍ତ ଅଞ୍ଚଳରେ ପାଣିର ଘରୋଇ ଓ ବ୍ୟବସାୟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ଅର୍ଥାତ୍ ସାଧାରଣ ଲୋକେ ଓ କମ୍ପାନୀଗୁଡ଼ିକ ପାଣିର ଉପଯୋଗ ସରକାରଙ୍କ ହିସାବରେ କରିବେ। ଇଂଲଣ୍ଡରେ ୨୦୧୮ରେ ଶେଷ ଥର ପାଇଁ ମରୁଡ଼ି ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ୨୦୧୧ରେ ମଧ୍ୟ ତା'ଠୁ ବଳି ଭୟଙ୍କର ସ୍ଥିତି ଉପୁଜିଥିଲା। ଜୀବାଶ୍ମ ଇନ୍ଧନ ଜଳେଣିରୁ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଉଥିବାରୁ ଆଗକୁ ପାଗ ଆହୁରି ଖରାପ ହେବ ବୋଲି ଜଳବାୟୁ ବିଜ୍ଞାନୀମାନେ ସତର୍କ କରାଇଛନ୍ତି।



ବୋର୍ଡେଅକ୍ସରେ ଜଳିଯାଇଥିବା ଏକ ଘର।

**ରେକର୍ଡ ଭାଙ୍ଗୁଛି ତାପମାତ୍ରା**

ଫ୍ରାନ୍ସର ଦକ୍ଷିଣ-ପଶ୍ଚିମରେ ଥିବା ବୋର୍ଡେଅକ୍ସ ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଲିଭାଇବା ପାଇଁ ୧,୦୦୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବନାଗ୍ନି ଯୋଗୁ ଅଦ୍ୟାବଧି ୭,୪୦୦୦ ହେକ୍ଟର (୧୮,୨୮୬ ଏକର) ଜଙ୍ଗଲ ଜଳିପୋଡ଼ି ଛାରଖାର ହୋଇଯାଇଛି। ଫଳରେ ୧୦ ହଜାରରୁ ଅଧିକ ବାସିନ୍ଦା ବାସଚ୍ୟୁତ ହୋଇ ଗଣପଳାୟନ କରିଛନ୍ତି। ପର୍ତ୍ତୁଗାଲ ଓ ସ୍ପେନ୍‌ରେ ଗ୍ରୀଷ୍ମ ପ୍ରବାହ ଯୋଗୁ ୧,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି।

## ଅଣୁଅସ୍ତ୍ର ଦସ୍ତାବିଜ ଖୋଜୁଥିଲା ଏଫ୍‌ବିଆଇ



**ୱାଶିଂଟନ,୧୨।୮**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫ୍ଲୋରିଡ଼ା ଘରେ ସଂଘୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ଗତ ସପ୍ତାହରେ ଚଢ଼ାଉ ବେଳେ ଅଣୁଅସ୍ତ୍ର ସମ୍ପର୍କିତ ଦସ୍ତାବିଜ୍ ଖୋଜିଥିଲା। ତେବେ ଟ୍ରମ୍ପଙ୍କ ମାର୍-ଏ-ଲାଗୋ ରିସର୍ଟରୁ ଉକ୍ତ ଦସ୍ତାବିଜ୍ ମିଳିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଏଫ୍‌ବିଆଇ ଚଢ଼ାଉ ପାଇଁ କୋର୍ଟଙ୍କ ଅନୁମତି ଥିଲା। ଉକ୍ତ ୱାରେଣ୍ଟକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଆମେରିକା ନ୍ୟାୟ ବିଭାଗ ଗୁରୁବାର ବିଚାରପତିଙ୍କୁ କହିଛି। ତେବେ ରିପବ୍ଲିକାନ୍ ନେତା ଟ୍ରମ୍ପ ଉକ୍ତ ଚଢ଼ାଉକୁ ରାଜନୈତିକ ପ୍ରତିଶୋଧ ବୋଲି ଅଭିଯୋଗ କରିଛନ୍ତି। ୨୦୨୧ ଜାନୁୟାରୀରେ ଟ୍ରମ୍ପ ହ୍ୱାଇଟ୍ ହାଉସ ଛାଡ଼ିବା ପୂର୍ବରୁ ବେଆଇନ ଭାବେ କେତେକ ରେକର୍ଡ ସ୍ଥାନାନ୍ତର କରିଥିବା ଅଭିଯୋଗ ହୋଇଥିଲା।

**ଟ୍ରମ୍ପଙ୍କ ଘରେ ଚଢ଼ାଉ**

## ରଣବୀରଙ୍କୁ ସମନ



**ମୁମ୍ବାଇ,୧୨।୮:** ବଲିଉଡ୍ ଅଭିନେତା ରଣବୀର ସିଂଙ୍କ ନାମରେ ଚେମ୍ବୁର ପୋଲିସ ଶୁକ୍ରବାର ସମନ କରିଛି। ଏକ ମାଗାଜିନ୍ ପାଇଁ ରଣବୀର କରିଥିବା ନ୍ୟୁଡ୍ ଫଟୋଶୁଟ୍‌କୁ ବିରୋଧ କରି ଏନ୍‌ଜିଓ ପକ୍ଷରୁ ଏତଲା ଦିଆଯାଇଥିଲା। ଏହାର ତଦନ୍ତ ଆରମ୍ଭ ହୋଇଥିବାବେଳେ ରଣବୀରଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଯାଇଛି। ଥାନା ଅଧିକାରୀ ଶୁକ୍ରବାର ରଣବୀରଙ୍କ ଘରେ ପହଞ୍ଚିଥିଲେ। କିନ୍ତୁ ସେ ମୁମ୍ବାଇରେ ନ ଥିବା କୁହାଯାଉଛି। ଜାରି ନୋଟିସ୍ ଅନୁସାରେ ଆସନ୍ତା ୨୨ରେ ତାଙ୍କୁ ଚେମ୍ବୁର ଥାନାରେ ହାଜର ହେବା ପାଇଁ କୁହାଯାଇଛି।

## ବିପଦ ସଙ୍କେତ ଉପରେ ଯମୁନା ଜଳସ୍ତର



**ନୂଆଦିଲ୍ଲୀ/ବନ୍ଦା,୧୨।୮**

ଉପର ଅବବାହିକାରେ ପ୍ରବଳ ବର୍ଷା ଲାଗିରହିବା ଫଳରେ ଯମୁନା ନଦୀ ବିପଦ ସଙ୍କେତ ଅତିକ୍ରମ କରି ଦିଲ୍ଲୀରେ ୨୦୫.୩୩ ମିଟର ଉଚ୍ଚରେ ପ୍ରବାହିତ ହେଉଛି। ଫଳରେ ନଦୀକୂଳବର୍ତ୍ତୀ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା ଲାଗି ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ଦିଲ୍ଲୀର ପୁରୁଣା ରେଲୱେ ବ୍ରିଜ୍ ନିକଟରେ ଯମୁନା ନଦୀର ଜଳପତ୍ତନ ଶୁକ୍ରବାର ଅପରାହ୍ନରେ ୨୦୫.୨୯ ମିଟର ରହିଛି। ସେପଟେ ଗୁରୁବାର ସନ୍ଧ୍ୟାରେ ଉତ୍ତରପ୍ରଦେଶର ବନ୍ଦା ଜିଲା ଅନ୍ତର୍ଗତ ଯମୁନାରେ ବୋଟ୍ ବୁଡ଼ି ଘଟଣାରେ ଏବେ ବି ୨୫ ଜଣ ଯାତ୍ରୀ ନିଖୋଜ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କ ମୃତଦେହ ମିଳିଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ବୁଡ଼ାଳିମାନେ ନିୟୋଜିତ ଅଛନ୍ତି। ମୃତକଙ୍କ ପରିବାର ପାଇଁ ୟୁପି ସରକାରଙ୍କ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି।

**ବୋଟ୍ ବୁଡ଼ି ଘଟଣାରେ ଏବେ ବି ୨୫ ନିଖୋଜ**

**ବିବାଦରେ 'ଲାଲ୍ ସିଂ ଚଢ଼ା'**

### ଆମିର ଖାନ୍‌ଙ୍କୁ ଆସାମ ଗସ୍ତ ସ୍ଥଗିତ ରଖିବାକୁ କହିଲେ ବିଶ୍ୱଶର୍ମା



**ଗୁଆହାଟୀ,୧୨।୮**

ଅଭିନେତା ଆମିର ଖାନ୍‌ଙ୍କ ଆସାମ ଗସ୍ତ ସ୍ଥଗିତ କରିବାକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପରାମର୍ଶ ଦେଇଛନ୍ତି। ଆମିର ଆସନ୍ତା ୧୪ରେ ଗୁଆହାଟୀ ଯିବାକୁ ଯୋଜନା କରିଥିଲେ। କିନ୍ତୁ ରାଜ୍ୟବାସୀ 'ହର୍ ଘର ତ୍ରିରଙ୍ଗା' ପାଳନ କରୁଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କ ଗସ୍ତକୁ ସ୍ଥଗିତ କରିଥିବା କୁହାଯାଉଛି। ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହା ପାଳନ କରାଯିବ। ଆମିର ଗୁଆହାଟୀ ଗଲେ ମୁଖ୍ୟମନ୍ତ୍ରୀ ତାଙ୍କ ସହ ଲାଲ୍ ସିଂ ଚଢ଼ା ଫିଲ୍ମ ଦେଖିବା ନେଇ ଯୋଜନା ହୋଇଥିଲା। ସଦ୍ୟ ରିଲିଜ ହୋଇଥିବା ଆମିରଙ୍କ ଅଭିନୀତ ଫିଲ୍ମ 'ଲାଲ୍ ସିଂ ଚଢ଼ା'କୁ ନେଇ ଟୁଇଟରରେ 'ବଏକଟ୍ ଟ୍ରେଣ୍ଡ୍' ଚାଲିଛି।

### ରାଜୁ ଶ୍ରୀବାସ୍ତବଙ୍କ ସ୍ତ୍ରୀଙ୍କୁ ଫୋନ୍ କଲେ ମୋଦି

**ନୂଆଦିଲ୍ଲୀ,୧୨।୮**

ଷ୍ଟାଣ୍ଡଅପ୍ କମେଡିଆନ୍ ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଭେଣ୍ଟିଲେଟରେ ଥିବା ରାଜୁଙ୍କ ମସ୍ତିଷ୍କ କାମ କରିବା ବନ୍ଦ କରିଦେଇଛି। ତାଙ୍କ ପାଖକୁ କାହାରିକୁ ଛଡ଼ାଯାଉ ନାହିଁ ବୋଲି ରାଜୁଙ୍କ ବନ୍ଧୁ ଏହେଶାନ କୁରେଶି କହିଛନ୍ତି। ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଥିବା ରାଜୁ ୩୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଚେତ ରହିଛନ୍ତି। ରାଜୁଙ୍କ ସ୍ତ୍ରୀଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ କରି କଥା ହୋଇଛନ୍ତି। ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିବା କୁହାଯାଉଛି। ଗତ ବୁଧବାର ଜିମ୍‌ରେ ରାଜୁଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ଟ୍ରେନର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଡାକ୍ତରୀ, ଇଞ୍ଜିନିୟରିଂ ପାଇଁ ହେବ ଗୋଟିଏ ପ୍ରବେଶିକା ପରୀକ୍ଷା

**ନୂଆଦିଲ୍ଲୀ,୧୨।୮**

ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଗୋଟିଏ ପ୍ରବେଶିକା ପରୀକ୍ଷା ପ୍ରସ୍ତାବ ଉପରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) କାର୍ଯ୍ୟ କରୁଛି। ଏନ୍ଇଇଟି ଏବଂ ଜେଇଇ ବଦଳରେ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ-ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି-ୟୁଜି) କାର୍ଯ୍ୟକାରୀ କରିବାକୁ ଯୋଜନା ହେଉଥିବା ୟୁଜିସି ଅଧ୍ୟକ୍ଷ ଏମ୍. ଜଗଦେଶ କୁମାର ସୂଚନା ଦେଇଛନ୍ତି। ପ୍ରସ୍ତାବ ଅନୁଯାୟୀ ନାମଲେଖାଇବା ପାଇଁ ଆଶାୟୀ ଛାତ୍ରଛାତ୍ରୀ ୩ଟି ଏଣ୍ଟ୍ରାନ୍ସ ପରୀକ୍ଷାରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ବିଷୟରେ ୩ ଥର ପରୀକ୍ଷା ନ ଦେଇ ଗୋଟିଏ ଥର ପରୀକ୍ଷା ଦେବେ ଏବଂ ସେମାନେ ନାମ ଲେଖାଇବାକୁ ଚାହୁଁଥିବା ବିଭାଗ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ପ୍ରବେଶିକା ପରୀକ୍ଷାଗୁଡ଼ିକୁ ଏକାଠି କରାଇବା ପାଇଁ ୟୁଜିସିର ଏକ କମିଟି ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଚଳାଇଛି।



ପୋଲାଣ୍ଡ ଓ ଜର୍ମାନୀ ମଧ୍ୟ ଦେଇ ପ୍ରବାହିତ ଓଡର ନଦୀ ବିଷାକ୍ତ ପାଣିରେ ଲକ୍ଷାଧିକ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ସିନ୍ଥେଟିକ୍ ରାସାୟନିକ ପଦାର୍ଥ ଯୋଗୁ ପାଣି ବିଷାକ୍ତ ହୋଇଥିବା ନମୁନା ପରୀକ୍ଷାରୁ ସ୍ପଷ୍ଟ ହୋଇଛି।

## 'ଇକୋନୋମିଷ୍ଟ' ବିରୋଧରେ ମାମଲା

**ବାଗଦାଦ୍,୧୨।୮**

ବ୍ରିଟେନର ଜଣାଶୁଣା ପତ୍ରିକା 'ଦି ଇକୋନୋମିଷ୍ଟ'ରେ ନିକଟରେ ଏକ ବିବାଦୀୟ ଆର୍ଟିକଲ ପ୍ରକାଶ ପାଇଥିଲା। ଆରବ ଦୁନିଆର ମୋଟୀ ମହିଳାମାନଙ୍କୁ ଏଥିରେ ସ୍ଥାନିତ କରାଯାଇଥିଲା। ଜୁଲାଇ ଶେଷଭାଗରେ ପ୍ରକାଶିତ 'ଆରବର ପୁରୁଷଙ୍କ ତୁଳନାରେ ମହିଳାମାନେ କାହିଁକି ମୋଟୀ' ଶୀର୍ଷକ ନିବନ୍ଧରେ ମଧ୍ୟପ୍ରାଚ୍ୟରେ ମେଦବୃଦ୍ଧି କ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ରେଖାଙ୍କିତ କରାଯାଇଥିଲା। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ଇନାସ୍ ତଲେବ

**'ମୋଟୀ ମହିଳା' ଷ୍ଟୋରିରେ ଇରାକୀ ଅଭିନେତ୍ରୀଙ୍କ ଫଟୋ**

ଉକ୍ତ ପତ୍ରିକା ବିରୋଧରେ ଇରାକୀ ଅଭିନେତ୍ରୀ ଇନାସ୍ ତଲେବ ମାମଲା ଦାଏର କରିଛନ୍ତି। କାରଣ ମୋଟୀ ମହିଳାମାନଙ୍କ ମଧ୍ୟରେ ତାଙ୍କୁ ରଖାଯାଇଛି। ୪୨ ବର୍ଷୀୟା ଇନାସ୍ କହିଛନ୍ତି, ମହିଳାଙ୍କୁ ଅପମାନିତ କରିବା ପାଇଁ ଉଦ୍ଦିଷ୍ଟ ଏକ ପ୍ରସଙ୍ଗରେ ତାଙ୍କ ଫଟୋକୁ ଯୋଡ଼ାଯାଇଛି। ଏଥିଯୋଗୁ ତାଙ୍କୁ ସୋସିଆଲ ମିଡିଆରେ ହୀନସ୍ତା ହେବାକୁ ପଡ଼ିଛି। 'ଇକୋନୋମିଷ୍ଟ' କର୍ତ୍ତୃପକ୍ଷଙ୍କଠାରୁ କ୍ଷମା ଓ ଆର୍ଥିକ କ୍ଷତିପୂରଣ ଦାବିରେ ଇନାସ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇଥିବା ସୂଚନା ଦେଇଛନ୍ତି। ଏହା ସମସ୍ତ ଆରବୀ ମହିଳାଙ୍କ ପ୍ରତି ଅପମାନ। ଆଗକୁ ଏଭଳି ଫଟୋ ଛାପିବା ପୂର୍ବରୁ ବ୍ରିଟିଶ୍ ମାଗାଜିନ୍ ବହୁବାର ଚିନ୍ତା କରିବ ବୋଲି ସେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୩୫,୬୭,୪୪୧ | ୬୪,୪୯,୫୮୯ | ୫୬,୫୬,୧୧,୩୪୫ |
| ଭାରତ | ୪,୪୨,୩୩,୫୫୭ | ୫,୨୬,୯୨୮ | ୪,୩୫,୭୩,୦୯୪ |
| ଓଡ଼ିଶା | ୧୩,୨୧,୬୮୦ | ୯୧୫୪(+୫୩) | ୧୩,୦୮,୧୬୬ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସୃଷ୍ଟି ହେଲା ୧୯୮ ନୂଆ ଓଆର୍‌ଏସ୍ ପଦବୀ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ଓଡ଼ିଶା ରାଜସ୍ୱ ସେବା (ଓଆର୍‌ଏସ୍) ଗ୍ରୁପ୍-ବି କ୍ୟାଡର୍ ପଦବୀ ସଂଖ୍ୟା ଏବେ ୧୦୯୨ ରହିଛି। ସେଥିମଧ୍ୟରୁ ୭୯ଟି ପଦବୀ ଛୁଟି, ଡେପୁଟେଶନ ଓ ଟ୍ରେନିଂ ରିଜର୍ଭ ଅଧୀନରେ ଅଛି। ବିଭିନ୍ନ ବିଭାଗ, ସରକାରୀ ଏଜେନ୍ସି, ସ୍ୱୟଂଶାସିତ ସଂସ୍ଥାଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇବା ସମ୍ଭବ ହେଉନାହିଁ। ଚକବନ୍ଦୀ କାର୍ଯ୍ୟାଳୟ, ପଞ୍ଜୀକରଣ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକ ତାଲିମ ପ୍ରତିଷ୍ଠାନରେ ଅଧିକ ପଦବୀ ଆବଶ୍ୟକତା ପଡୁଛି। ଏହାକୁ ଦୃଷ୍ଟିରେ ରଖି ମଞ୍ଜୁରୀପ୍ରାପ୍ତ ୧୦୯୨ ପଦବୀ ବ୍ୟତୀତ ଓଆର୍‌ଏସ୍ କ୍ୟାଡରରେ ୧୯୮ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଅତ୍ୟଧିକ ସମ୍ବେଦନଶୀଳ ଲଘୁ ଖଣିଜପୂର୍ଣ୍ଣ ତହସିଲ ନିମନ୍ତେ ଅତିରିକ୍ତ ତହସିଲଦାର (ଏନ୍‌ଫୋର୍ସମେଣ୍ଟ) ପାଇଁ ୩୨ ପଦବୀ ସୃଷ୍ଟି ହୋଇଥିବା ବେଳେ ସହକାରୀ ବନ୍ଦୋବସ୍ତ ଅଧିକାରୀ, ସହକାରୀ ଚକବନ୍ଦୀ ଅଧିକାରୀ ପଦବୀ ୫, ସହନିବନ୍ଧକ ପଦବୀ ସଂଖ୍ୟା ୩୦ ସୃଷ୍ଟି ହୋଇଛି। ସେହିପରି କୋର୍ଟ ଅଫିସର, ରାଜସ୍ୱ ପର୍ଷଦ ପାଇଁ ୧୧ ପଦବୀ ସୃଷ୍ଟି କରାଯାଇଥିବା ବେଳେ ସହକାରୀ ନିର୍ଦ୍ଦେଶକ ରାଜସ୍ୱ ନିରୀକ୍ଷକ ତାଲିମ ପ୍ରତିଷ୍ଠାନ ପାଇଁ ୨ ଏବଂ ଛୁଟି, ଡେପୁଟେଶନ ଓ ଟ୍ରେନିଂ ରିଜର୍ଭ ପାଇଁ ୧୧୮ ପଦବୀ ସୃଷ୍ଟି କରାଯାଇଛି। ଫଳରେ ଓଡ଼ିଶା ରାଜସ୍ୱ ସେବା (ଓଆର୍‌ଏସ୍)ର ମୋଟ୍ ପଦବୀ ସଂଖ୍ୟା ୧୨୯୦କୁ ବୃଦ୍ଧି ହୋଇଛି। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

**ଓଡ଼ିଶା ରାଜସ୍ୱ ସେବା ପଦବୀ ୧୨୯୦କୁ ବୃଦ୍ଧି**

## ଇଡିକଲ ଆର୍ଥିକ ଖର୍ଚ୍ଚ ବହନ କରିବ ଓଏମ୍‌ସି

ରାଜ୍ୟ ସରକାର ଓଡ଼ିଶା ଖଣି ନିଗମ (ଓଏମ୍‌ସି) ମାଧ୍ୟମରେ ଦୀର୍ଘମିଆଦୀ ଯୋଗାଣ ନୀତି ଜରିଆରେ ଇସ୍ପାତ କାରଖାନାଗୁଡ଼ିକୁ କଞ୍ଚାମାଲ ଯୋଗାଣ ନିମନ୍ତେ ୨୦୧୪ ସେପ୍ଟେମ୍ବର ୧୭ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ନୀତିକୁ କ୍ରିୟାଶୀଳ କରିବାକୁ କ୍ୟାବିନେଟ କେତେକ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୀର୍ଘମିଆଦୀ ପ୍ରତିବଦ୍ଧ ପରିମାଣକୁ ବୃଦ୍ଧି କରାଯାଇଛି। ଏହା କ୍ରେତାମାନଙ୍କୁ ଯୋଗାଣ ସୁରକ୍ଷା ନିଶ୍ଚିତ କରିବ। ନିକଟରେ ରାଜ୍ୟ ସରକାର ଏନ୍‌ଇଆରଆଇ ଗାଇଡ୍‌ଲାଇନକୁ ବିଚାର କରି ପରିବର୍ତ୍ତିତ ବିଜ୍ଞପ୍ତି ପ୍ରଣୟନ କରିଛନ୍ତି। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ (ଇଡିକଲ) ଏବଂ ଏହାର ସହାୟକ ସଂସ୍ଥା ଇଡିକଲ କଳିଙ୍ଗ ଆଇରନ ୱାର୍କସ ଲିମିଟେଡ ଓ ଇଡିକଲ ଫେରୋକ୍ରୋମ ଆଣ୍ଡ ଆଲଏଜ ଲିମିଟେଡ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ରେ ମିଶ୍ରଣ ହୋଇଛି। ଓଡ଼ିଶା ଖଣି ନିଗମ ଇଡିକଲର ଭୂସମ୍ପଦ ଉପଯୋଗ କରି ବ୍ୟବସାୟିକ ବୃଦ୍ଧି କରିବା ସହ ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ କାର୍ଯ୍ୟ କରିବ। ଓଏମ୍‌ସି ଇଡିକଲ ଓ ଏହାର ସହାୟକ ସଂସ୍ଥାଗୁଡ଼ିକର ସମସ୍ତ ଦେୟ ସରକାରଙ୍କ କୌଣସି ଆର୍ଥିକ ସହାୟତା ବିନା ବହନ କରିବ। ଏଥିସହିତ ଏଠାରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନିୟୋଜିତ କରିବ। କ୍ୟାବିନେଟ ଏହି ପ୍ରସ୍ତାବକୁ ମୋହର ମାରିଛି। ଏଥିସହିତ କ୍ୟାବିନେଟ ଗତ ବିଧାନସଭାର ସତ୍ରାବସାନକୁ ଅନୁମୋଦନ କରିଛି।

## ଜେଜେଏମ୍ ଯୋଜନାରେ ୩ ଜିଲାର ୭.୨୯ ଲକ୍ଷ ଲୋକଙ୍କୁ ମିଳିବ ପାନୀୟ ଜଳ

ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଜଳ ଜୀବନ ମିଶନ(ଜେଜେଏମ୍)

**କ୍ୟାବିନେଟ୍ ନିଷ୍ପତ୍ତି**

ଯୋଜନାରେ ସରକାର ଢେଙ୍କାନାଳ, କେନ୍ଦ୍ରାପଡା ଓ ବାଲେଶ୍ୱର ଜିଲାର ୧୦ ବ୍ଲକର ୧୮୮ ପଞ୍ଚାୟତ ଅନ୍ତର୍ଗତ ୧୦୮୪ ଗ୍ରାମର ୭ ଲକ୍ଷ ୨୯ ହଜାର ୪୮୭ ଜଣଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବେ। ଏ ବାବଦରେ ୧୨୧୦.୦୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଢେଙ୍କାନାଳ ଜିଲାର ୪ ବ୍ଲକର ୭୧ ପଞ୍ଚାୟତ ଅନ୍ତର୍ଗତ ୨୬୧ ଗ୍ରାମର ୩୨୨୦୪ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। କାମାକ୍ଷାନଗର ବ୍ଲକର ୧୩ ପଞ୍ଚାୟତର ୪୬ ଗ୍ରାମର ୫୨୯୧୪ ଜଣ, ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତର ୯୨ ଗ୍ରାମର ୧,୩୫,୨୪୩ ଜଣ, କଙ୍କଡ଼ାହାଡ଼ ବ୍ଲକର ୨୧ ପଞ୍ଚାୟତର ୧୦୬ ଗ୍ରାମର ୯୬,୯୭୩ ଜଣ ଓ ସଦର ବ୍ଲକର ୮ ପଞ୍ଚାୟତର ୨୭ ଗ୍ରାମର ୩୭,୦୭୪ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପାନୀୟ ଜଳ ପ୍ରକଳ୍ପର ୫୦୧ କୋଟି ୮୫ ଲକ୍ଷ ୮୧ ହଜାର ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପଗୁଡିକ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲାର ୩ ବ୍ଲକ ପଟ୍ଟାମୁଣ୍ଡାଇ, ରାଜନଗର ଓ ଗରଦପୁରର ୭୬ ପଞ୍ଚାୟତର ୫୨୨ ଗ୍ରାମର ୪,୩୫,୧୯୦ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଡକାଯାଇଥିବା ୪୧୬ କୋଟି ୫୭ ଲକ୍ଷ ୨୯ ହଜାର ୧୮୧ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨ ବର୍ଷରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବାଲେଶ୍ୱର ଜିଲାର ୩ ବ୍ଲକ ବାଲେଶ୍ୱର, ରେମୁଣା ଓ ଖଇରାର ୪୧ଟି ପଞ୍ଚାୟତର ୩୦୧ ଗ୍ରାମର ୨,୬୨,୦୯୩ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଡକାଯାଇଥିବା ୨୯୧ କୋଟି ୬୨ ଲକ୍ଷ ୭୭ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର ଲାଗିଛି। ପ୍ରକଳ୍ପଗୁଡିକ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଜଳ ସଂରକ୍ଷଣ ପ୍ରକଳ୍ପ ତଦାରଖ ପାଇଁ ପିଏମ୍‌ସି ନିଯୁକ୍ତ ହେବେ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ, ୬ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥାର ପର୍ଯ୍ୟବେକ୍ଷଣ ପାଇଁ ରାଜ୍ୟ ସରକାର ପ୍ରକଳ୍ପ ପରିଚାଳନା କନସଲଷ୍ଟାଣ୍ଟ (ପିଏମ୍‌ସି) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପିଏମ୍‌ସି ପ୍ରକଳ୍ପଗୁଡିକର ଶେଷ ହେବା ପାଇଁ ଆବଶ୍ୟକ ବୈଷୟିକ ସହାୟତା, ଡିଜାଇନ ଓ ଆକଳନ, ନିର୍ମାଣ ଆଦି କାର୍ଯ୍ୟର ତଦାରଖ କରିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୧୫ କୋଟି ୭୬ ଲକ୍ଷ ୮୮ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ ଆସନ୍ତା ୩୬ ମାସରେ ଶେଷ ହେବ।

## ମିଲେଟ୍ ମିଶନ ପାଇଁ ୨୮୦୮.୩୯ କୋଟି

ଆଦିବାସୀ ଅଞ୍ଚଳରେ ପୁଷ୍ଟିକର ଖାଦ୍ୟ ଶସ୍ୟର ବହୁଳ ଉତ୍ପାଦନ ପାଇଁ ରାଜ୍ୟ ସରକାର ୨୦୧୭-୧୮ରେ ମିଲେଟ୍ ମିଶନ ଆରମ୍ଭ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସହଯୋଗରେ କୃଷକ ଉତ୍ପାଦ ସଂଘ (ଏଫପିଓ) ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ରାଜ୍ୟ ଯୋଜନା, ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ୨୦୨୨-୨୩ରେ ୧୯ ଜିଲାର ୧୪୨ ବ୍ଲକରେ ମିଲେଟ୍ ମିଶନ ପାଇଁ ଆସନ୍ତା ୬ ବର୍ଷ ସକାଶେ ୨୮୦୮.୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

## କାଉନସିଲର ବର୍ଗରେ ସାମିଲ ହେବେ ମେୟର, ପୌରାଧ୍ୟକ୍ଷ

ପୌର ସଂସ୍ଥାର ନିର୍ବାଚିତ ଅଧ୍ୟକ୍ଷ ଓ ମେୟରମାନଙ୍କୁ ନିର୍ବାଚିତ କାଉନସିଲର ବର୍ଗରେ ଅନ୍ତର୍ଭୁକ୍ତ କରିବା ତଥା ଜିଲା ଯୋଜନା କମିଟିର ସଦସ୍ୟ ଭାବେ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବା ଏବଂ ଅସଦାଚାର କିମ୍ବା ଅନୈତିକ କାର୍ଯ୍ୟକଳାପ କାରଣରୁ ଜିଲା ଯୋଜନା କମିଟି ସଦସ୍ୟଙ୍କୁ ବହିଷ୍କାର କରିବା ଲାଗି ରାଜ୍ୟ ସରକାର ଓଡ଼ିଶା ଜିଲା ଯୋଜନା କମିଟି ଅଧିନିୟମ ୧୯୯୮ର ସଂଶୋଧନ କରାଯାଇଛି। ଏଥିରେ ନୂତନ ସବସେକ୍ସନ (IV) ଅନ୍ତର୍ଭୁକ୍ତ କରାଯାଇଛି। କ୍ୟାବିନେଟ ଏହି ପ୍ରସ୍ତାବକୁ ଅନୁମୋଦନ କରିଛି।

ବ୍ୟାଙ୍କ ଅଧିକାରୀ ନିଖୋଜ ଘଟଣା

## ସନ୍ଧାନ ମିଳୁନାହିଁ: ଆଶଙ୍କାରେ ପରିବାର

ଲୋଇସିଂହା,୧୨।୮(ଡି.ଏନ୍.ଏ.): ବରଗଡ଼ ଜିଲା ବରପାଲିସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଏଗ୍ରିକଲ୍‌ଚର ଅଧିକାରୀ ଦିବ୍ୟରଞ୍ଜନ ମିଶ୍ର(୩୮) ଗତ ବୁଧବାର ରାତିରୁ ନିଖୋଜ ଅଛନ୍ତି। ଏହାମଧ୍ୟରେ ୪୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ବଲାଙ୍ଗୀର-ବରଗଡ଼ ୨୬ନଂ. ଜାତୀୟ ରାଜପଥର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଏବଂ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସୀମାନ୍ତ ସାଲେଭଟା ଅଙ୍ଗନଦୀ ପୋଲ ଉପରୁ ଦିବ୍ୟରଞ୍ଜନଙ୍କ ବାଇକ୍, ହେଲ୍‌ମେଟ ଏବଂ ବ୍ୟାଗ୍‌କୁ ପୋଲିସ ଜବତ କରିଛି। ପୋଲିସ ଏବଂ ଓଡ୍ରାଫ୍ ଟିମ୍ ଅଙ୍ଗନଦୀରେ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ଦିବ୍ୟରଞ୍ଜନଙ୍କ ପରିବାର ଲୋକେ ଆଶଙ୍କାରେ ଦିନ କାଟୁଛନ୍ତି।


NIIS INSTITUTE OF INFORMATION SCIENCE & MANAGEMENT
Sarada Vihar, Madanpur, Bhubaneswar-752054, Khurdha
(Recognised by Govt. of Odisha & Affiliated to Utkal University Odisha)
Contact No.: 9778899990 / 9778899991
ADMISSION NOTICE (2022 - 23)
B.A.(Hons), B.Sc.(Hons), B.Com.(Hons)
Interested Candidates for admission may select 1st option in Khurdha District by following the website: www.samsodisha.gov.in
B.Sc.(Biotech),B.Sc.(Comp.Sc.), B.Sc.(ITM)
Interested Candidates may contact college office or E-mail: contactus@niisgroup.org
Incampus Hostel, Study tour, Softskill provided
Principal










## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଶରତ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଆ ଦାନ୍ତୀ ମୁଗ ପଇତି**
**ଚାଉଳ ସେରକ ଉଆ।**
**ଖଣ୍ଡିଆ ଦାନ୍ତିକି ବର ପଡ଼ିଛି**
**ଆର ସାଇ ବଣଭୁଆ।**

ଦାନ୍ତ ମୁଖମଣ୍ଡଳର ଶୋଭା ବଢାଇଥାଏ। ବିବାହ ବେଳେ ଝିଅର ରୂପ ଦେଖି ପସନ୍ଦ କରାଯାଏ। ଏପରି ସ୍ଥଳେ ଯାହାର ଦାନ୍ତ ଖଣ୍ଡିଆ ତାକୁ ଭଲ ବର ନ ମିଳିବା ନେଇ ସାଇପଡ଼ିଶା ଥଟ୍ଟା କରିବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଡ଼ି ଗଡି ଗଡି ଗଲା**
**ଅଣବାବୁଆର ପୁଅ ହୋଇଲା**
**ଆଗ ଦୋଷ କଟିଗଲା।**

ବଂଶକୁ ଆଗକୁ ନେବା ପାଇଁ ବା ବଂଶ ବୃଦ୍ଧି ଲାଗି ସନ୍ତାନର ଆବଶ୍ୟକତା ଯେ କେତେ ତାହା କେବଳ ନିଃସନ୍ତାନ ବ୍ୟକ୍ତି ହିଁ ହୃଦୟଙ୍ଗମ କରିଥାଏ। ଏପରିସ୍ଥଳେ ପୁତ୍ର ଲାଭ ପରେ ବଂଶ ରକ୍ଷା ହୋଇଯିବା ଜାଣି ପିତା ମନ କୁଣ୍ଢେମୋଟ ହୋଇଯିବା ସହ ଆଶ୍ୱସ୍ତି ଲାଭ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦଳିତ, ଆଦିବାସୀଙ୍କ ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେଉ




ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ନିର୍ଯାତନା ନିବାରଣ) ଆଇନ୍ ୧୯୮୯ ଓ ନିୟମାବଳୀ ୧୯୯୫ର ଓଡ଼ିଆ ଭାଷାରେ ସଂଶୋଧିତ ସଂସ୍କରଣକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର, ୧୨।୮ (ବ୍ୟୁରୋ)

ଆମ୍ବେଦକର-ଲୋହିଆ ବିଚାର ମଞ୍ଚ ଓ ନୂଆଦିଲ୍ଲୀର ନ୍ୟାଶନାଲ ଦଳିତ ମୁଭ୍‌ମେଣ୍ଟ ଫର୍ ଜଷ୍ଟିସ୍ ପକ୍ଷରୁ ଶୁକ୍ରବାର ଆନ୍ତଃରାଜ୍ୟ ଦିନିକିଆ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇ କହିଲେ, ଦେଶ ଆଜାଦୀର ଅମୃତ ମହୋତ୍ସବ ପାଳନ କଲାବେଳେ ଆମକୁ ଭେଦଭାବହୀନ ସମାନତାର ଅଧିକାର ପାଇଁ ସଂଘର୍ଷ ତୀବ୍ରତର କରିବାକୁ ହେବ। ଏଥିସହିତ ଶିଶୁ ମୃତ୍ୟୁହାର କମ୍ କରିବା ଓ ସୁସ୍ଥ ସବଳ ଆଗାମୀ ପିଢି ପାଇଁ ବାଲ୍ୟ ବିବାହ

### ଆନ୍ତଃରାଜ୍ୟ ପରାମର୍ଶ ଶିବିର

ବନ୍ଦ କରିବାକୁ ହେବ। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ କହିଲେ, ରାଜ୍ୟରେ ଏପର୍ଯ୍ୟନ୍ତ ଜଣେ ବି ଅନୁସୂଚିତ ଜାତିର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ନାହାନ୍ତି। ଏହି ବର୍ଗର ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ଏହି ଅବସରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ନିର୍ଯାତନା ନିବାରଣ) ଆଇନ୍ ୧୯୮୯ ଓ ନିୟମାବଳୀ ୧୯୯୫ର ଓଡ଼ିଆ ଭାଷାରେ ସଂଶୋଧିତ ସଂସ୍କରଣ ଲୋକାର୍ପିତ ହୋଇଥିଲା। ଏହି ଆଇନ ପୁସ୍ତିକା ରାଜ୍ୟରେ ସଂଗଠକମାନଙ୍କୁ ଓ ନିର୍ଯାତିତ ଗୋଷ୍ଠୀଙ୍କ ସମେତ ସରକାରୀ ଅଧିକାରୀଙ୍କୁ ସଚେତନ କରିବ ବୋଲି ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ ମଲିକ କହିଛନ୍ତି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ନ୍ୟାଶନାଲ ଦଳିତ ମୁଭମେଣ୍ଟ ଫର୍ ଜଷ୍ଟିସର ସାଧାରଣ ସମ୍ପାଦକ ରାହୁଲ ସିଂଙ୍କ ସହ ଓଡ଼ିଶାର ବିଭିନ୍ନ ଜିଲାରୁ ଦଳିତ ଆଦିବାସୀ ସଂଗଠନର ସକ୍ରିୟ କର୍ମକର୍ତ୍ତାଙ୍କ ସମେତ ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଓ ଛତିଶଗଡ଼ର ନେତାମାନେ ଯୋଗ ଦେଇଥିଲେ। ଅରବିନ୍ଦ ମଲିକ ସ୍ୱାଗତ ଓ କିଷାନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସତ୍ୟରଞ୍ଜନ ସାହୁ ବୌଦ୍ଧ ଜିଲାପାଳ

## ରୂପାରୋଶନଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୧୨।୮ (ବ୍ୟୁରୋ)

ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ଶୁକ୍ରବାର ବଡ଼ଧରଣର ଅଦଳବଦଳ କରିଛନ୍ତି। ବରିଷ୍ଠ ଓଏଏସ୍ ଅଧିକାରୀ ସତ୍ୟରଞ୍ଜନ ସାହୁଙ୍କୁ ବୌଦ୍ଧ ଜିଲାପାଳ ଭାବେ ବଦଳି କରାଯାଇଛି। ଏଥିପୂର୍ବରୁ ସତ୍ୟରଞ୍ଜନ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଥିଲେ। ସେହିପରି ୨୦୦୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ରୂପାରୋଶନ ସାହୁଙ୍କୁ ଶିକ୍ଷକ ପ୍ରଶିକ୍ଷଣ ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ସେ ଇଂଲିଶ ଭାଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ଏଥିସହ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୩୨ ଜଣଙ୍କୁ ବିଡିଓ, ୧୦ଜଣଙ୍କୁ ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ପୁନର୍ବାର ୫୧ ଜଣ ଓଏଏସ୍ ଅଫିସର ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ପଦବୀକୁ ବଦଳି ହୋଇଛନ୍ତି। ପଞ୍ଚାୟତିରାଜ ବିଭାଗର ବିଜ୍ଞପ୍ତି ଅନୁଯାୟୀ ମୋଟ ୩୨ ଓଏଏସ୍ ଅଫିସର ୩୨ ବ୍ଲକର ବିଡିଓ ଭାବେ ବଦଳି ହୋଇଛନ୍ତି। ବିଡିଓ ଭାବେ କାର୍ଯ୍ୟରତ ୧୩ ଜଣଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ଫେରାଇ ନିଆଯାଇଛି। ଜଣଙ୍କୁ ସାଧାରଣ ପ୍ରଶାସନ ବିଭାଗରେ ଅବସ୍ଥାପିତ କରାଯାଇଛି।

ସଂଗ୍ରାମ କେଶରୀ ଭଲଙ୍କୁ ପରଜଙ୍ଗ ବ୍ଲକ ବିଡିଓ ଭାବେ ନିଯୁକ୍ତି ମିଳିଥିବା ବେଳେ ନୀଳାମ୍ବର ମହାନନ୍ଦଙ୍କୁ ଯୁଯୁମରା, ପ୍ରବୀଣ କୁମାର ବଣୁଆଙ୍କୁ ଫୁଲବାଣୀ, ରବୀନ୍ଦ୍ରନାଥ କହଁରଙ୍କୁ ହରଭଙ୍ଗା, ଅନୁପମା ଘୋଷଙ୍କୁ ଖଜୁରିଆପଡା, ଅରବିନ ବେହେରାଙ୍କୁ ଅନୁଗୋଳ, ସୁଧୀର କୁମାର ସିଂଙ୍କୁ ଔପଦା, ଅଭିଷେକ ଦାସଙ୍କୁ ସିମୁଳିଆ, ବିନୟ ଭୋଇଙ୍କୁ କୋକସରା, ପ୍ରିୟରଞ୍ଜନ କୁମାରଙ୍କୁ ବୋଡେନ, ସଦାଶିବ ନାୟକଙ୍କୁ ବିଷମକଟକ, ଅଶ୍ୱିନୀ ପଣ୍ଡାଙ୍କୁ କୋଲାବିରା, କାମଦେବ ସମାଦାରଙ୍କୁ ଲମତାପୁଟ, ସନ୍ଧ୍ୟା ସମର୍ଥଙ୍କୁ କୁନ୍ଦ୍ରା, ଆକାଶ ରଞ୍ଜନ ସାହୁଙ୍କୁ ଲୋଇସିଂହା, ସ୍ନିଗ୍ଧାରାଣୀ ପ୍ରଧାନଙ୍କୁ ଜୟପାଟଣା, ଉତ୍ତମ କୁମାର ବାଗ୍‌ଙ୍କୁ କର୍ଲାମୁଣ୍ଡା, ରାଜୀବ ଦାସଙ୍କୁ ମାଥିଲି, ପ୍ରଣବ କୁମାର ଚାନ୍ଦଙ୍କୁ ଆମ୍ବାଭୋନା, ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ବ୍ରହ୍ମଗିରି ବ୍ଲକର ବିଡିଓ ଭାବେ ନିଯୁକ୍ତି ମିଳିଛି। ଲେଫ୍ରିପଡାରେ ବିଡିଓ ଥିବା ଓଏଏସ୍ ଅଫିସର ରମେଶ ହାଁସଦାଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ପଠାଇ ଦିଆଯାଇଛି। ତାଙ୍କୁ ନୂଆ ନିଯୁକ୍ତି ମିଳିଛି। ସେହିପରି ବସୁନ୍ଧରା ଭିତିରିଆଙ୍କୁ କେନ୍ଦୁଝର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି।

# କ୍ଷୁଦ୍ର ଜଳସେଚନ ସଂବର୍ଗର ପୁନର୍ବିନ୍ୟାସ କଲେ ସରକାର

ଭୁବନେଶ୍ୱର, ୧୨।୮(ବ୍ୟୁରୋ): ଓଡ଼ିଶା ଯାନ୍ତ୍ରିକ ସେବା ଅଧୀନ କ୍ଷୁଦ୍ର ଜଳସେଚନ ସଂବର୍ଗର ପୁନର୍ବିନ୍ୟାସ କରିବା ଦିଗରେ ସରକାର ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ଯାନ୍ତ୍ରିକ ବିଭାଗର କର୍ମବର୍ଦ୍ଧିଷ୍ଣୁ କାର୍ଯ୍ୟ ହାରକୁ ଦୃଷ୍ଟିରେ ରଖି ଓଡ଼ିଶା ଯାନ୍ତ୍ରିକ ସେବା ପ୍ରତି ମେଧାବୀ ପ୍ରାର୍ଥୀଙ୍କୁ ଆକର୍ଷିତ କରିବା ଲାଗି ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ପଦୋନ୍ନତିରେ ରହିଥିବା ଗତିହୀନତା ଏଡାଇବା ସକାଶେ ସରକାର ଚିନ୍ତା କରିଛନ୍ତି। ଏହା ସହ କ୍ଷୁଦ୍ର ଜଳସେଚନ ଯାନ୍ତ୍ରିକ ସଂବର୍ଗର ଉତ୍ପାଦକତାର ଅବକ୍ଷୟ ହ୍ରାସ କରିବା ଏବଂ ରାଜ୍ୟର ଅନ୍ୟ ପ୍ରିମିୟମ ପ୍ରାଦେଶିକ ସଂବର୍ଗ ତୁଳନାରେ ଏହି ସଂବର୍ଗର ବେତନ ଅସଙ୍ଗତି ସମସ୍ୟାକୁ ସମାଧାନ କରିବାକୁ ମୋଟ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ଅକ୍ଷୁଣ୍ଣ ରହିବ। ଏଥିସହ ଉପନିର୍ବାହୀ ଯନ୍ତ୍ରୀ ପଦ ଉଚ୍ଛେଦ କରି, ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ସ୍ତର-୨ ଓ ଅଧୀକ୍ଷଣ ଯନ୍ତ୍ରୀ ସ୍ତର-୧ ପଦ ଦୁଇଟିର ଏକତ୍ରୀକରଣ ପୂର୍ବକ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ସୃଷ୍ଟି କରି, ନୂତନ ଭାବେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଓ ସର୍ବୋଚ୍ଚ ଯନ୍ତ୍ରୀ ପଦ ସୃଷ୍ଟି କରି ଓଡ଼ିଶା ଯାନ୍ତ୍ରିକ ସେବା ଅଧୀନ କ୍ଷୁଦ୍ର ଜଳସେଚନ ସଂବର୍ଗର ପୁନର୍ବିନ୍ୟାସ କରିବାକୁ ସରକାର ଧ୍ୟାନ ପୂର୍ବକ ବିଚାର କରିଛନ୍ତି।

# ଲୋୟରସୁକତେଲ ପ୍ରକଳ୍ପ ଲାଗି ପ୍ରାୟ ୧୦୦୮ କୋଟିର ଟେଣ୍ଡରକୁ ମଞ୍ଜୁରୀ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ବଲାଙ୍ଗୀର ଜିଲା ସ୍ଥିତ ଲୋଏର ସୁକତେଲ ଜଳସେଚନ ପ୍ରକଳ୍ପର ନିର୍ମାଣ ଓ ରକ୍ଷଣାବେକ୍ଷଣ ଲାଗି ପ୍ରାୟ ହଜାରେ ୮ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟାକୁ କ୍ୟାବିନେଟ୍‌ରେ ମଞ୍ଜୁର ମିଳିଛି। ଏହାର ଜଳସେଚନ କ୍ଷମତା ବୃଦ୍ଧି, ଜଳର ସୁଶମ ବଣ୍ଟନ, ଜଳ ଅପଚୟ ଏଡାଇବା ସହ ଅପେକ୍ଷାକୃତ କମ୍ ଭୂମି ଅଧିଗ୍ରହଣ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପନ୍ନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଓପନ କେନାଲ ଫ୍ଲୋ ଜଳସେଚନ ବଦଳରେ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ନଅ ଶହ ଅଠାନବେ କୋଟି ଟଙ୍କା ଏବଂ ୫ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଲାଗି ୮ କୋଟି ୯୨ ଲକ୍ଷ ଟଙ୍କାର ଟେଣ୍ଡର କରାଯିବ। ଏହି କାର୍ଯ୍ୟ ୩୦ ମାସ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି।


ପ୍ରଥମ ପୃଷ୍ଠାରୁ...


## ଦୁଇ ଦିନ ...

ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ ଏବଂ ବରଗଡ଼ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାପ୍ରତି ୪୫ରୁ ୫୫ କି.ମି ବେଗରେ ପବନ ପ୍ରବାହିତ ହୋଇପାରେ। ସ୍ଥଳବିଶେଷରେ ଏହାର ବେଗ ୬୫ କି.ମି. ଯାଏ ବଢ଼ିପାରେ। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ୧୫ ତାରିଖ ଯାଏ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଏଥିସହ ଆସନ୍ତା ୧୮ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି । ଅନ୍ୟପଟେ ଲଗାଣବର୍ଷା ଯୋଗୁ ବାଲେଶ୍ୱର ଜିଲା ଦେଇ ପ୍ରବାହିତ ଜଳକା ନଦୀରେ ବନ୍ୟାଜଳ ବିପଦସଙ୍କେତ ଡେଇଁଛି। ମଥାନୀଠାରେ ବିପଦ ସଙ୍କେତ ୫.୫ ମିଟର ଥିବାବେଳେ ଶୁକ୍ରବାର ଅପରାହ୍ନ ୨ଟା ସୁଦ୍ଧା ୬.୨୯ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ମହାନଦୀ, ବଂଶଧାରା, ଋଷିକୁଲ୍ୟା ନଦୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଆସନ୍ତା ୧୫ ତାରିଖ ଯାଏ ଛତିଶଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ମହାନଦୀରେ ଛୋଟ ଧରଣର ବନ୍ୟା ଆଶଙ୍କା କରାଯାଉଛି। ଏହାକୁ ନଜରରେ ରଖି ହୀରାକୁଦର ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୯୩ ହଜାର ୩୨୩ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ୩ ଲକ୍ଷ ୪୦ ହଜାର ୯୮୦ କ୍ୟୁସେକ ପାଣି ଛଡ଼ାଯାଉଛି। ଖଇରାମାଳରେ ୨,୭୫,୦୦୦, ବରମୂଳରେ ୧,୮୮,୭୫୦ ଏବଂ ମୁଣ୍ଡଲିରେ ୩,୦୯,୨୭୪ କ୍ୟୁସେକ ବର୍ଷା ଜଳ ପ୍ରବାହିତ ହେଉଛି। ରାଜ୍ୟର ବଡ଼ ନଦୀଗୁଡ଼ିକରେ ବନ୍ୟା ପାଣି ହ୍ରାସ ପାଉଛି। ତେଣୁ ବନ୍ୟା ଆଶଙ୍କା ନ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି) ବିଜୟ କୁମାର ମିଶ୍ର କହିଛନ୍ତି, ସବୁ ନଦୀର ଜଳସ୍ତର ବଢ଼ିଥିଲେ ହେଁ ବନ୍ୟା ଆଶଙ୍କା ନାହିଁ। ଆଗକୁ ମଧ୍ୟ ପ୍ରବଳ ବର୍ଷା ହେବ। ତେଣୁ ପରିସ୍ଥିତି ଉପରେ ନଜର ରହିଛି। କେବଳ ଜଳକା ନଦୀ ବିପଦ ସଙ୍କେତ ଉପରେ ରହିଛି। ଅନ୍ୟ ନଦୀରେ ବନ୍ୟାଜଳ ସ୍ୱାଭାବିକ ରହିଛି। ହୀରାକୁଦର ୨୦ଟି ଗେଟ୍ ଖୋଲା ରହିଥିଲେ ମଧ୍ୟ ସେହି ପାଣି ଏଯାଏ ନଦୀଗୁଡ଼ିକୁ ଆସିନାହିଁ। ହୀରାକୁଦ ପାଣି ଆସିଲା ବେଳକୁ ଏହି ନଦୀରେ ଥିବା ପାଣି ଖସି ଯାଇଥିବ। ତେଣୁ ସେଭଳି ଚିନ୍ତାଜନକ ସ୍ଥିତି ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

### ଟେନ୍‌ସାରେ ସର୍ବାଧିକ ୧୧୩.୪ ମି.ମି. ବର୍ଷା

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ର ଟେନ୍‌ସାଠାରେ ସର୍ବାଧିକ ୧୧୩.୪ ମିଲିମିଟର ବର୍ଷା ହୋଇଛି। ସେହିପରି ଦେବଗଡ଼ରେ ୧୧୨.୮, ସୁନ୍ଦରଗଡ଼ ବଣାଇଗଡ଼ରେ ୧୦୭, ସମ୍ବଲପୁରର କୁଚିଣ୍ଡାରେ ୯୦.୩, କେନ୍ଦ୍ରାପଡ଼ାର ମାର୍ଶାଘାଇରେ ୭୨, ହୀରାକୁଦ ୬୨.୪, କେନ୍ଦୁଝର ୬୧.୨, ବାଂଶପାଳ ୫୮.୧, ସୁନ୍ଦରଗଡ଼ ୫୭.୮, ଝୁମ୍ପୁରାରେ ୫୭.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଓଡ଼ିଶା ହାଇକୋର୍ଟର ...

ମିଳିଥିବା ନେଇ ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୨ ଜୁଲାଇ ୨୫ରେ ସୁପ୍ରିମକୋର୍ଟ କଲେଜିୟମ ଓଡ଼ିଶା ହାଇକୋର୍ଟର ବିଚାରପତି ନିଯୁକ୍ତି ପାଇଁ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କ ନାମ ସୁପାରିସ କରିଥିଲେ। ଗୌରୀଶଙ୍କର ଶତପଥୀ ଏବେ ଓଡ଼ିଶା ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବାବେଳେ ଚିତ୍ତରଞ୍ଜନ ଦାଶ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଭାବେ କାର୍ଯ୍ୟରତ ଅଛନ୍ତି ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** – କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ । ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇବେ। ପରିବହନ କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାପ୍ତି ଘଟାଇବେ। ଫେରନ୍ତା ରାସ୍ତାରେ ମିତ୍ରତା ସ୍ଥାପନ କରିବାର ସୁଯୋଗ ପାଇବେ ।

**ବୃଷ** – କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଅନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଘରୋଇ କ୍ଷେତ୍ରରେ ସନ୍ତାନ ହେତୁକ ପୀଡ଼ା ଅନୁଭବ କରିବେ। ଆଗାମୀ ଆନୁଷ୍ଠାନିକ କାମ ସୁବିଧାରେ ହାସଲ ସକାଶେ ବ୍ୟସ୍ତ ରହିପାରନ୍ତି ।

**ମିଥୁନ** – ପାରିବାରିକ ଅସ୍ଥିରତାରେ ଅନ୍ୟକୁ ଦାୟୀକରି ସମାଲୋଚିତ ହେବେ। କୌଣସି ବ୍ୟକ୍ତିଙ୍କୁ କଟୁ ସତ୍ୟ କହି ସେମାନଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଇନ, ଅଦାଲତ, ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ ।

**କର୍କଟ** – ଆକସ୍ମିକ ଭାବେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା ବୃଦ୍ଧି ପାଇପାରେ । ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** – ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରି ପରେ ଅନୁତାପ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** – ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। କର୍ମକ୍ଷେତ୍ରରେ ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି। ଆଲୋଚନା କାଳରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା** – ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ନିଜ କାମ ସମ୍ପନ୍ନରେ ବ୍ୟସ୍ତତା ବଢ଼ିଯାଇପାରେ । ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ସତ୍‌ସଙ୍ଗ, ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା** – ଯାହା ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆତ୍ମୀୟଙ୍କ ସାହାଯ୍ୟରେ ତାହା ହୋଇଯିବ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିପାରନ୍ତି। ନିଜ ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** – କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗିରହିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଅଫିସରେ ସହକର୍ମୀଙ୍କ ସହ ଖୁସିରେ ସମୟ କଟିଯିବ। ପିଲାମାନଙ୍କ ଶିକ୍ଷାର ସଫଳତାରେ ଆନନ୍ଦ ଅନୁଭବ କରିବେ।

**ମକର** – ଆଜି ହଠାତ୍ ଜଣେ ବନ୍ଧୁ ଅର୍ଥ ଓ ସମ୍ମାନ ପ୍ରଦାନ କରିବେ। କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ି ପାରନ୍ତି। ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ।

**କୁମ୍ଭ** – ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି । ତର୍କ, ବିତର୍କ କାରଣରୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି ।

**ମୀନ** – ପାରିବାରିକ ସ୍ତରରେ ପିଲାମାନଙ୍କ ପାଇଁ ମନ ଅସ୍ଥିର ରହିବ। ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇନେବାକୁ ବାଧ ହେବେ । କୌଣସି କଥା ଭଲ ରୂପେ ନ ବୁଝି ଅନ୍ୟ ଉପରେ ଦୋଷ ଲଦିପାରନ୍ତି।


# classifieds

Everyday 0674-2580101, 2549302

## real estate

### SALE

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone- sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787. D-73290

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-1143

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ନଖରା East କଲେଜଠାରୁ 2.5k.m. ଦୂରତାରେ @870/- ପାଚେରି ଥାଇ Govt. Medical ନିକଟରେ ଘରବାରି ପ୍ଲଟ୍ ମିଳୁଛି। 9348152874. D-73291

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-1144

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283

## construction

Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-73278

Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332. D-73295

## healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73949

Newly open SPA positively health benefit with expert. Contact: 7749976301. D-73854

Relax, Refresh your body, Mind at Saikrupa Spa with best therapies. 8984068077. D-1248

Newly open full body massage 1099 free massage one. Mo: 9583808247. D-1164

### AFFIDAVIT

I Bhagaban Harijan, S/o Mahadev Harijan of Vill. Daniguda, P.O.- Kodinga. P.S.- Kodinga, Dist.- Nabarangpur state that my name is wrongly mentioned as Pawan Kumar Nag, S/o Mahadev Nag instead of Bhagaban Harijan, S/o Mahadev Harijan in my driving license. Both Bhagaban Harijan and Pawan Kumar Nag is one and same person. D-1249

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୧୧ ଜଣଙ୍କୁ ଗୁଳିକରି ହତ୍ୟା

**ସେଟିଞ୍ଜେ,୧୨।୮:** ଦକ୍ଷିଣପୂର୍ବ ୟୁରୋପୀୟ ରାଷ୍ଟ୍ର ମୋଣ୍ଟେନେଗ୍ରୋରେ ଶୁକ୍ରବାର ପାରିବାରିକ ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ୧୧ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୋଲିସ ସହ ଗୁଳି ବିନିମୟ ବେଳେ ୩୪ ବର୍ଷୀୟ ବନ୍ଧୁକଧାରୀ ଜଣକ ନିହତ ହୋଇଛନ୍ତି। ରାଜଧାନୀ ସେଟିଞ୍ଜେ ନିକଟସ୍ଥ ମେଡୋଭିନାରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଥିବାବେଳେ ରାସ୍ତାରେ ଯାଉଥିବା ଲୋକଙ୍କ ଉପରକୁ ଆକ୍ରମଣକାରୀ ଆଖିବୁଜା ଗୁଳି ଚଳାଇଥିଲେ। ଆହତଙ୍କ ମଧ୍ୟରୁ ୬ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ପୋଲିସ ଘେରି ରହିଛି।

# ୫ ବର୍ଷ ବଢ଼ିଲା ଆଇଏମ୍ଏସ୍ ଯୋଜନାର ଅବଧି

## ୩୨୬.୨୭ କୋଟି ଟଙ୍କାକୁ କ୍ୟାବିନେଟ୍ ମଞ୍ଜୁରୀ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ):** ଇଣ୍ଟିଗ୍ରେଟେଡ୍ ମାଇନ୍ସ ଆଣ୍ଡ ମିନେରାଲ୍ସ ମନିଟରିଂ ବ୍ୟବସ୍ଥା(ଆଇଏମ୍ଏସ୍) ଯୋଜନା ଅବଧିକୁ ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି ସହ ଏଥିପାଇଁ ୩୨୬.୨୭ କୋଟି ଟଙ୍କାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ଇଣ୍ଟିଗ୍ରେଟେଡ୍ ମାଇନ୍ସ ଆଣ୍ଡ ମିନେରାଲ୍ସ ମନିଟରିଂ ବ୍ୟବସ୍ଥା ଲାଗୁ ଦ୍ୱାରା ଓଡ଼ିଶାରେ ଖଣିଜ ପ୍ରଶାସନ ସ୍ତରରେ ସ୍ୱଚ୍ଛତାର ଏକ ନୂଆ ଯୁଗ ଆରମ୍ଭ ହୋଇଛି। ପିଟ-ଟୁ-ପୋର୍ଟ ମିନେରାଲ ଭାଲୁଏସନ ଉପରେ ରିଅଲ ଟାଇମ ଭିଜିବିଲିଟି କାର୍ଯ୍ୟକ୍ଷମ କରି ଏହି ଏଣ୍ଡ-ଟୁ-ଏଣ୍ଡ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥା ସରକାରଙ୍କ ରେଗୁଲେଟାରି ଓଭରସାଇଟକୁ ଆହୁରି ବୃଦ୍ଧି କରିଛି। ବେଆଇନ ଖଣି କାରବାରର ମୂଳୋତ୍ପାଟନ ଏବଂ ଅନଧିକୃତ ଓ ପରିବହନ ବନ୍ଦ କରିବା ସହିତ ଆଇଏମ୍ଏସ୍ ଅହେତୁକ ରାଜସ୍ୱ ବୃଦ୍ଧି କରିପାରିଛି। ଏଥିପାଇଁ ଅଧିକ ଅର୍ଥ ମଞ୍ଜୁର କରାଯାଇଛି। କମ୍ପ୍ୟୁଟର, ଆସେସରିଜ, କଞ୍ଜୁମେବଲ୍ସ ଓ ଫର୍ନିଚର, ସ୍ୱୟଂଚାଳିତ ଓଜନ ସେତୁ ବ୍ୟବସ୍ଥା, ଆଇଏମ୍ଏସ୍ ଅନ୍ତର୍ଗତ ଡ୍ରୋନ୍ ଟେକ୍ନୋଲୋଜି, ଇଣ୍ଟିଗ୍ରେସନ ଫ୍ରେମ୍‌ୱର୍କ ଏବଂ ସିକ୍ୟୁରିଟି ଏନହାନ୍ସମେଣ୍ଟ ଆଦି ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ଲାନ୍ କରାଯାଇଛି। ଗତ ୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ୨୫୫.୨ କୋଟି ଟଙ୍କା ମୂଲ୍ୟର ଉପଭୋକ୍ତା ଫି ସୃଷ୍ଟି ହୋଇଥିଲା। ଆଇଏମ୍ଏସ୍ ଆସନ୍ତା ୫ ବର୍ଷରେ ୩୩୦ କୋଟି ୟୁଜର୍ସ ଫି ଉଠାଇବ ବୋଲି ଆକଳନ କରାଯାଇଛି।


FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A, CUTTACK, ODISHA

**O.A. NO. 68 OF 2022**

HDFC BANK LIMITED ..............................APPLICANT
-VERSUS-
UNIQUE AGRISCIENCE (INDIA) PVT. LTD. & OTHERS ............DEFENDANT(S)

To,
1. **UNIQUE AGRISCIENCE (INDIA) PVT. LTD.**, At- Plot No. 231, Kharvel Nagar, Unit-III, Bhubaneswar, District-Khordha, Pin-751001.
2. **PRASANT KUMAR RAUT**, Director, Unique Agriscience (India) Pvt. Ltd., S/o-Amareswar Raut, At- House No. 49, Basant Vihar, Brahmeswarpatna, Bhubaneswar, District-Khordha, Pin-751018.
3. **ROJALIN RAUT**, Director, Unique Agriscience (India) Pvt. Ltd., W/o- Prasant Kumar Raut, At- House No. 49, Basant Vihar, Brahmeswarpatna, Bhubaneswar, District-Khordha, Pin-751018.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 68 of 2022** in the court of the Debts Recovery Tribunal, Cuttack for recovery of **Rs.30,67,295.18/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **26.09.2022 at 10.30 A.M.** as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this 8th day of **August, 2022**.

Sd/- Registrar


# ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷର କାହାଣୀ 'ସ୍ୱରାଜ'



**ଭୁବନେଶ୍ୱର,୧୨।୮**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷର ସ୍ୱାଧୀନତା ଦିବସକୁ ଅଧିକ ସ୍ମରଣୀୟ କରିବା ପାଇଁ ଦୂରଦର୍ଶନ (ଡିଡି-୧)ରେ ପ୍ରସାରିତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ମେଗା ଧାରାବାହିକ 'ସ୍ୱରାଜ'। ଏହି ଧାରାବାହିକଟି ସମ୍ପୂର୍ଣ୍ଣ ଭାବେ ଭାରତର ବୀର ସଂଗ୍ରାମୀଙ୍କ ଅବଦାନ ଓ ବଳିଦାନକୁ ପ୍ରସାରଣ କରିବ। ଚଳିତ ମାସ ୧୪ରୁ ଏହି ୭୫ ଅଧ୍ୟାୟ ବିଶିଷ୍ଟ ଧାରାବାହିକ ପ୍ରତି ରବିବାର ରାତି ୯ରୁ ୧୦ଟା ପର୍ଯ୍ୟନ୍ତ ଡିଡି ନ୍ୟାଶନାଲ (ଡିଡି-୧)ରେ ପ୍ରସାରଣ ହେବାକୁ ଯାଉଛି।

ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର କେନ୍ଦ୍ରର ଡିଡିଜେ ନରସିଂହ ଜେଠୀ, ସମାଚାର ନିର୍ଦ୍ଦେଶକ ବଦ୍ରିନାରାୟଣ ଅଧିକାରୀ ଏବଂ ପ୍ରୋଗ୍ରାମ୍ ମୁଖ୍ୟ ଦୀପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱରାଜ ସମେତ ଦୂରଦର୍ଶନର ଆଗାମୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବିଶେଷକରି ସ୍ୱରାଜ ଜରିଆରେ ଡିଡି ତା'ର ପୂର୍ବ ଗୌରବର ପୁନରାବୃତ୍ତି ସହ ପୁଣି ଥରେ ଦର୍ଶକଙ୍କ ନିକଟତର ହେବାକୁ ପ୍ରୟାସ ଆରମ୍ଭ କରିଛି। ସେହିଭଳି ସ୍ୱରାଜ

## ଅଗଷ୍ଟ ୧୪ରୁ ଦୂରଦର୍ଶନରେ ଆରମ୍ଭ ହେବ ନୂଆ ଯୁଗ

୯ଟି ପ୍ରମୁଖ ଆଞ୍ଚଳିକ ଭାଷା ସମେତ ଇଂରାଜୀରେ ମଧ୍ୟ ଡବିଂ କରାଯାଇଛି। ଉକ୍ତ ୯ଟି ଭାଷା ମଧ୍ୟରେ ରହିଛି ତାମିଲ, ତେଲୁଗୁ, କନ୍ନଡ, ମାଲୟାଲମ, ମରାଠୀ, ଗୁଜରାଟୀ, ବଙ୍ଗଳା, ଅହମିଆ ଏବଂ ଓଡ଼ିଆ। ଏପରିକି ଅଗଷ୍ଟ ୧୪ ପରେ ସ୍ୱରାଜ ଉପରୋକ୍ତ ଆଞ୍ଚଳିକ ଭାଷାରେ ଅଗଷ୍ଟ ୨୦ ଠାରୁ ଦୂରଦର୍ଶନ ଚ୍ୟାନେଲରେ ରାତି ୮ଟାରୁ ୯ ଘଣ୍ଟିକା ପର୍ଯ୍ୟନ୍ତ ପ୍ରସାରଣ କରାଯିବ। ସେହିପରି ଓଡ଼ିଆରେ ମଧ୍ୟ ଶନିବାର ଓ ସୋମବାର ରାତି ୯ରୁ ୧୦ ଘଣ୍ଟିକା ପର୍ଯ୍ୟନ୍ତ ଏବଂ ବୁଧବାର ଓ ଶୁକ୍ରବାର ଅପରାହ୍ନ ୨ଟାରୁ ୩ ଘଣ୍ଟିକା ପର୍ଯ୍ୟନ୍ତ ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ଅନୁରୂପ ଭାବେ ଉକ୍ତ ଧାରାବାହିକଟି ଆକାଶବାଣୀର ବିଭିନ୍ନ କେନ୍ଦ୍ର ଜରିଆରେ ଅଗଷ୍ଟ ୨୦ଠାରୁ ଶନିବାର ପୂର୍ବାହ୍ନ ୧୧ ଘଣ୍ଟିକାରେ ପ୍ରସାରଣ କରାଯିବ। ସ୍ୱାଧୀନତାର ଏହି ସ୍ୱତନ୍ତ୍ର ଧାରାବାହିକ ୧୪୯୮ ଭାସ୍କୋଡାଗାମାଙ୍କଠାରୁ ଆରମ୍ଭକରି ୧୯୪୭ ଅଗଷ୍ଟ ୧୫ ମଧ୍ୟରେ କେତେକ ପ୍ରମୁଖ ମହାନାୟକଙ୍କ ମହାନ ଗାଥାକୁ ଅଭିଜ୍ଞ ଭାରତୀୟ କଳାକାରଙ୍କ ଜରିଆରେ ଅତ୍ୟାଧୁନିକ ଜ୍ଞାନକୌଶଳ ସାଙ୍ଗକୁ ଉଚ୍ଚମାନର କ୍ୟାମେରାଗୁଡ଼ିକରେ ରେକର୍ଡିଂ କରାଯାଇ ଭାରତବାସୀଙ୍କୁ ପ୍ରତ୍ୟକ୍ଷ କାହାଣୀ ଦେଖାଇବାର ଶତ ପ୍ରୟାସ ଦୂରଦର୍ଶନ ପକ୍ଷରୁ କରାଯାଇଛି। ସେହିପରି ଖୁବ୍‌ଶୀଘ୍ର ଡିଡି ନ୍ୟାଶନାଲରେ ୪ଟି ଧାରାବାହିକ ସାଙ୍ଗକୁ ଏକ ରିଆଲିଟି ଶୋ'ର ମଧ୍ୟ ପ୍ରସାରଣ ହେବାକୁ ଯାଉଛି। ସାରା ଦେଶର ଦର୍ଶକଙ୍କୁ ପୁଣିଥରେ ବାନ୍ଧି ରଖିବା ପାଇଁ ଡିଡି-୧ରେ ସବୁ ବର୍ଗର କାର୍ଯ୍ୟକ୍ରମ ଫିଲ୍ମ, ଧାରାବାହିକ, ଖବର ପ୍ରସାରଣ ସାଙ୍ଗକୁ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମର ମଧ୍ୟ ପ୍ରସାରଣ କରାଯିବ ବୋଲି ଦୂରଦର୍ଶନ କର୍ତ୍ତୃପକ୍ଷ ମତବ୍ୟକ୍ତ କରିଥିଲେ।

# ୪ ପୋଲିସ ଅଧିକାରୀ ପାଇବେ 'ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲ'


ସୁମିତ୍ରା ଜେନା


ଅନସୂୟା ନାୟକ


ଆଶିଷ ଚନ୍ଦ୍ର ଜେନା


ରମେଶ କୁମାର ପ୍ରଧାନ

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ଅପରାଧ ତଦନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦେଶର ୧୫୧ଜଣ ପୋଲିସ ଅଧିକାରୀଙ୍କୁ ୨୦୨୨ ବର୍ଷ ପାଇଁ 'ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲ' ପ୍ରଦାନ କରାଯିବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦକ ପାଇଁ ଯୋଗ୍ୟ ବିବେଚିତଙ୍କ ମଧ୍ୟରୁ ଓଡ଼ିଶାରୁ ୪ଜଣ ଅଧିକାରୀ ରହିଛନ୍ତି। ସେମାନେ ହେଲେ କୋରାପୁଟ ଡିଏସ୍‌ପି ସୁମିତ୍ରା ଜେନା, ଗଞ୍ଜାମ ପୋଲିସରେ କାର୍ଯ୍ୟରତ ଇନ୍ସପେକ୍ଟର ରମେଶ କୁମାର ପ୍ରଧାନ, କମିଶନରେଟ ପୋଲିସ ଅଧୀନ କଟକ ସହରାଞ୍ଚଳ ପୋଲିସ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଅନସୂୟା ନାୟକ ଓ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ରେ କାର୍ଯ୍ୟରତ ଇନ୍ସପେକ୍ଟର ଆଶିଷ ଚନ୍ଦ୍ର ଜେନା। ତେବେ ଏହି ଘୋଷଣା ପରେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ସମସ୍ତ ୪ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଯାଇଛି। ଅପରାଧ ତଦନ୍ତର ଉଚ୍ଚ ବୃତ୍ତିଗତ ମାନ୍ୟତାକୁ ପ୍ରୋତ୍ସାହିତ ଲାଗି ୨୦୧୮ରୁ ଏହି ପଦକ ଦିଆଯାଉଛି।

## ପୋଷ୍ଟମାଷ୍ଟର ନିଲମ୍ବିତ

**ପାରଳାଖେମୁଣ୍ଡି, ୧୨।୮(ଡି.ଏନ୍.ଏ.)**

ଗଜପତିଜିଲା ମୋହନା ବ୍ଲକ ଜିରାଙ୍ଗ ପଞ୍ଚାୟତ ଡରାବ ଗାଁ ପୋଷ୍ଟ ଅଫିସ ନିକଟରେ ମାଟିତଳୁ ଗଦାଗଦା ଆଧାର କାର୍ଡ ମିଳିବା ଘଟଣାରେ ଶୁକ୍ରବାର ପୋଷ୍ଟମାଷ୍ଟର ପର୍ଶୁଧର ରଣସିଂଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ପୂର୍ବାଞ୍ଚଳ ଡାକ ନିରୀକ୍ଷକ ରବିନ କୁମାର ପାଣିଗ୍ରାହୀ।


**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ADMISSION OPEN FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 45% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484



**ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ**
ନୂଆଦିଲ୍ଲୀ
ନର୍ସିଂ ଅଫିସର ନିଯୁକ୍ତି ସାଧାରଣ ଯୋଗ୍ୟତା ପରୀକ୍ଷା (ଏନ୍‌ଓଆର୍‌ସିଇଟି), ୨୦୨୨
ବିଜ୍ଞପ୍ତି ସଂଖ୍ୟା ୧୧୫/୨୦୨୨ ତାରିଖ: ୦୪।୦୮।୨୦୨୨
www.aiimsexams.ac.in

ଏଆଇଆଇଏମ୍ଏସ୍ ନୂଆଦିଲ୍ଲୀ ଏବଂ ସମ୍ପୃକ୍ତ ସଂସ୍ଥାନରେ ଉପଲବ୍ଧ ଖାଲି ପଦବୀ ଅନୁଯାୟୀ ଅନ୍ୟାନ୍ୟ ଏଆଇଆଇଏମ୍ଏସ୍‌ରେ ସ୍ତର ୦୭ ରେ ଟ.୯୩୦୦-୩୪୮୦୦ର ପ୍ରାକ୍-ସଂଶୋଧିତ ପେ' ବ୍ୟାଣ୍ଡ-୨ ସହିତ ଟ.୪୬୦୦/-ର ଗ୍ରେଡ୍ ପେ', ଗ୍ରୁପ୍-ବିରେ ନର୍ସିଂ ଅଫିସର ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ନର୍ସିଂ ଅଫିସର ନିଯୁକ୍ତି ସାଧାରଣ ଯୋଗ୍ୟତା ପରୀକ୍ଷା (ଏନ୍‌ଓଆର୍‌ସିଇଟି), ୨୦୨୨ ନିମନ୍ତେ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି ।

**ଅନ୍‌ଲାଇନ୍ ଆବେଦନ ଏଆଇଆଇଏମ୍ଏସ୍ ୱେବ୍‌ସାଇଟ୍ www.aiimsexams.ac.in ମାଧ୍ୟମରେ ତା୦୪।୦୮।୨୦୨୨ରୁ ୨୧।୦୮।୨୦୨୨ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ କରାଯାଇପାରିବ ।**

ଏନ୍‌ଓଆର୍‌ସିଇଟିରେ ଭାଗ ନେବା ପାଇଁ ଯୋଗ୍ୟତା ମାନଦଣ୍ଡ

ଅତ୍ୟାବଶ୍ୟକ ଯୋଗ୍ୟତା

I
କ. କୌଣସି ଭାରତୀୟ ନର୍ସିଂ କାଉନ୍‌ସିଲ୍/ରାଜ୍ୟ ନର୍ସିଂ କାଉନ୍‌ସିଲ୍ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ କିମ୍ବା ବିଶ୍ୱବିଦ୍ୟାଳୟରୁ ବି.ଏସ୍‌ସି. (ସମ୍ମାନ) / ବି.ଏସ୍‌ସି ନର୍ସିଂ
କିମ୍ବା
କୌଣସି ଭାରତୀୟ ନର୍ସିଂ କାଉନ୍‌ସିଲ୍/ରାଜ୍ୟ ନର୍ସିଂ କାଉନ୍‌ସିଲ୍ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ କିମ୍ବା ବିଶ୍ୱବିଦ୍ୟାଳୟରୁ ବି.ଏସ୍‌ସି. (ପୋଷ୍ଟ-ସାର୍ଟିଫିକେଟ୍) / ପୋଷ୍ଟ-ବେସିକ୍ ବି.ଏସ୍‌ସି. ନର୍ସିଂ ।
ଖ. ରାଜ୍ୟ/ଭାରତୀୟ ନର୍ସିଂ କାଉନ୍‌ସିଲ୍ ସହିତ ନର୍ସ ଏବଂ ମିଡ୍‌ୱାଇଫ୍ ଭାବେ ପଞ୍ଜୀକୃତ ।

କିମ୍ବା

II
କ. କୌଣସି ଭାରତୀୟ ନର୍ସିଂ କାଉନ୍‌ସିଲ୍/ରାଜ୍ୟ ନର୍ସିଂ କାଉନ୍‌ସିଲ୍ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ / ବୋର୍ଡ କିମ୍ବା କାଉନ୍‌ସିଲ୍‌ରୁ ଜେନେରାଲ ନର୍ସିଂ ମିଡ୍‌ୱାଇଫେରୀରେ ଡିପ୍ଲୋମା
ଖ. ରାଜ୍ୟ/ଭାରତୀୟ ନର୍ସିଂ କାଉନ୍‌ସିଲ୍‌ରେ ନର୍ସ ଏବଂ ମିଡ୍‌ୱାଇଫ୍ ଭାବେ ପଞ୍ଜୀକୃତ ।
ଗ. ସମସ୍ତ ଅଂଶଗ୍ରହଣକାରୀ ଏଆଇଆଇଏମ୍ଏସ୍ ନିମନ୍ତେ ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ଉପରଦର୍ଶିତ ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ପରେ ଏକ ସର୍ବନିମ୍ନ ୫୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟରେ ଦୁଇବର୍ଷର କାର୍ଯ୍ୟ ଅଭିଜ୍ଞତା ।
ମନ୍ତବ୍ୟ - ଉପରୋକ୍ତ ଜରୁରୀ ଯୋଗ୍ୟତା ମାନଦଣ୍ଡରେ ଦର୍ଶିତ ଦୁଇବର୍ଷର ଅଭିଜ୍ଞତା ଅତ୍ୟାବଶ୍ୟକ ଅଟେ ଏବଂ ଏହା ବୈଧ ହେବା ଆବଶ୍ୟକ, ଏହି ଅଭିଜ୍ଞତା ଜରୁରୀ ଯୋଗ୍ୟତା ପ୍ରାପ୍ତ କରିବା ପରେ ହାସଲ କରାଯାଇଥିବା ଆବଶ୍ୟକ ଅର୍ଥାତ୍ ପାଠ୍ୟକ୍ରମର ରେସିଡେନ୍ସି ଅବଧି ସମାପ୍ତ ହେବା, ଫଳାଫଳ ଘୋଷଣା ହେବା ଏବଂ ରାଜ୍ୟ/ଭାରତୀୟ ନର୍ସିଂ କାଉନ୍‌ସିଲ୍‌ରେ ପଞ୍ଜୀକରଣ ପରେ ।

**ବୟସ ସୀମା: ସମସ୍ତ ଏଆଇଆଇଏମ୍ଏସ୍ ପାଇଁ: ୧୮-୩୦ ବର୍ଷ ମଧ୍ୟରେ । (ସାଧାରଣ ସର୍ତ୍ତାବଳୀରେ ପ୍ରଦତ୍ତ ବୟସ କୋହଳ ବିବରଣୀ ଅନୁଯାୟୀ, ଯାହା ସମ୍ପୃକ୍ତ ସଂସ୍ଥାନ/ଚିକିତ୍ସାଳୟର ନିଯୁକ୍ତି ନିୟମାବଳୀ ଅନୁସାରେ ପ୍ରଯୁଜ୍ୟ ବୟସ କୋହଳ ଉପରେ ନିର୍ଭର କରିବ ।**
ସମସ୍ତ ବୟସକୁ ଆବେଦନ ଫର୍ମ ସମାପ୍ତିର ଶେଷ ତାରିଖରେ ହିସାବ କରାଯିବ ।

ଆବେଦନ ଦେୟ:
କ) ସାଧାରଣ/ଓବିସି ପ୍ରାର୍ଥୀ - ଟ.୩୦୦୦/- (ତିନିହଜାର ଟଙ୍କା ମାତ୍ର)
ଖ) ଏସ୍‌ସି/ଏସ୍‌ଟି ପ୍ରାର୍ଥୀ/ଇଡବ୍ଲ୍ୟୁଏସ୍ - ଟ.୨୪୦୦/- (ଚବିଶ ଶହ ଟଙ୍କା ମାତ୍ର)
ଗ) ଭିନ୍ନକ୍ଷମ ବ୍ୟକ୍ତି - ଛାଡ଼

- ପ୍ରାର୍ଥୀମାନେ ନିର୍ଦ୍ଧାରିତ ଆବେଦନ ଦେୟକୁ ଡେବିଟ୍ କାର୍ଡ/କ୍ରେଡିଟ୍ କାର୍ଡ/ନେଟ୍‌ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ପୈଠ କରିପାରିବେ । ନେଣଦେଣ/ପ୍ରକ୍ରିୟାକରଣ ଦେୟ, ଯଦି ଥାଏ, ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ପ୍ରାର୍ଥୀଙ୍କ ଦ୍ୱାରା ବ୍ୟାଙ୍କକୁ ପୈଠଯୋଗ୍ୟ ହେବ ।
- **ଆବେଦନ ଦେୟ ଥରେ ପ୍ରେରଣ କରାଯିବା ପରେ କୌଣସି ପରିସ୍ଥିତିରେ ମଧ୍ୟ ଫେରସ୍ତ କରାଯିବ ନାହିଁ ।**
- ନିର୍ଦ୍ଧାରିତ ଦେୟ ବିନା ପ୍ରାପ୍ତ ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ଏବଂ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ ।
- **ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କର ଆବେଦନ ଦେୟକୁ ପରୀକ୍ଷାଫଳ ଘୋଷଣା ହେବା ପରେ ଯଥା ସମୟରେ ଫେରସ୍ତ କରିଦିଆଯିବ ।**

**ଅନ୍‌ଲାଇନ୍ (ସିବିଟି) ପଦ୍ଧତିରେ ପରୀକ୍ଷା ତାରିଖ: ୧୧ ସେପ୍ଟେମ୍ବର, ୨୦୨୨ (ରବିବାର)**
ଅନ୍‌ଲାଇନ୍ ଆବେଦନ ଏବଂ ସଦ୍ୟତମ ସୂଚନା ପାଇଁ ଦୟାକରି ଏଆଇଆଇଏମ୍ଏସ୍ ୱେବ୍‌ସାଇଟ୍ www.aiimsexams.ac.in ପରିଦର୍ଶନ କରନ୍ତୁ ।
CBC 17112/12/0019/2223



**VISA STEEL LIMITED**
CIN: L51109OR1996PLC004601
Registered Office : 11 Ekamra Kanan, Nayapalli, Bhubaneswar 751 015, Odisha Phone: (+91-674) 255 2479, Fax: (+91-674) 255 4661
website: www.visasteel.com
Email ID for registering Investor Grievances: cs@visasteel.com

**Extract of Unaudited Standalone/Consolidated Financial Results for the Quarter ended 30 June 2022**

(Rs. In Million, except EPS)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Unaudited Quarter Ended 30 June 2022 | Unaudited Quarter Ended 30 June 2021 | Audited Year Ended 31 March 2022 | Unaudited Quarter Ended 30 June 2022 | Unaudited Quarter Ended 30 June 2021 | Audited Year Ended 31 March 2022 |
| 1 | Total Income from Operations (net) | 1,435.05 | 1,071.82 | 7,932.35 | 1,972.15 | 2,525.87 | 11,197.03 |
| 2 | Net Profit / (Loss) for the period (before tax, Exceptional and / or Extraordinary items) | (115.42) | (197.01) | (525.70) | (254.16) | (322.10) | (872.23) |
| 3 | Net Profit / (Loss) for the period before tax (after Exceptional and / or Extraordinary items) | (115.42) | (197.01) | (525.70) | (254.16) | (322.10) | (872.23) |
| 4 | Net Profit / (Loss) for the period after tax (after Exceptional and / or Extraordinary items) | (115.42) | (197.01) | (525.70) | (254.16) | (322.10) | (872.23) |
| 5 | Total Comprehensive Income for the Period [Comprising Profit/(Loss) for the period (after tax) and Other Comprehensive Income (after tax)] | (115.50) | (200.23) | (526.02) | (253.19) | (325.29) | (868.36) |
| 6 | Equity Share Capital (face value of Rs. 10/- each) | 1,157.90 | 1,157.90 | 1,157.90 | 1,157.90 | 1,157.90 | 1,157.90 |
| 7 | Other Equity | | | (4,246.84) | | | (25,489.54) |
| 8 | Earnings Per Share (of Rs. 10/- each) (Basic and Diluted) | (1.00) | (1.70) | (4.54) | (2.20) | (2.78) | (7.53) |

Notes :
1 The above is an extract of the detailed format of Financial Results for the quarter ended 30 June 2022, filed with the Stock Exchanges under Regulation 33 of the Securities and Exchange Board of India (Listing Obligations and Disclosure Requirements) Regulations, 2015. The full format of the Financial Results for the quarter ended 30 June 2022 are available on the Company's website: www.visasteel.com and also available on the Stock Exchange websites, NSE: www.nseindia.com & BSE: www.bseindia.com.

By Order of the Board
For VISA Steel Limited

Place : Kolkata
Date : 12 August 2022

Sd/-
Vishal Agarwal
Vice Chairman & Managing Director
DIN 00121539





ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। **–ଶ୍ରୀଅରବିନ୍ଦ**



# ଯୋଗୀ ସରକାରଙ୍କୁ ସମସ୍ୟା



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ରେଣୁକା କୁମାର ତାଙ୍କ ମୂଳ କ୍ୟାଡର ଉତ୍ତରପ୍ରଦେଶ (ୟୁପି)କୁ ଫେରିଥିବା ବିଷୟ ଗତ ସପ୍ତାହରେ ଦିଲ୍ଲୀକା ବାବୁରେ ପ୍ରକାଶ ପାଇଥିଲା। କିନ୍ତୁ ଏବେ ଜଣାପଡ଼ିଛି ଯେ, ଏହି ଅଧିକାରୀ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ଲାଗି ଆବେଦନ କରିଛନ୍ତି। ସ୍ପଷ୍ଟ ହେଉଛି ଯେ, ଉକ୍ତ ବରିଷ୍ଠ ଅଧିକାରୀ ୟୁପିକୁ ଫେରିବା ପାଇଁ ଅନିଚ୍ଛୁକ ଥିଲେ। ତେବେ ଯୋଗୀଙ୍କ ଶାସିତ ରାଜ୍ୟରେ କେବଳ କୁମାର ନୁହନ୍ତି, ଆହୁରି ଅନେକ ଅଧିକାରୀ ଚାକିରି କରିବା ଲାଗି ଚାହୁଁନାହାନ୍ତି। ଏହି କାରଣରୁ ଏକ ସପ୍ତାହ ମଧ୍ୟରେ କୁମାରଙ୍କ ଭଳି ୟୁପି କ୍ୟାଡରର ଦୁଇ ବରିଷ୍ଠ ଅଧିକାରୀ ଯୁଥିକା ପଟଙ୍କର ଏବଂ ବିକାଶ ଗୋଥାଲ୍‌ୱାଲ ସ୍ୱେଚ୍ଛାକୃତ ଅବସର ନେବାକୁ ଚାହିଁଛନ୍ତି। ତେବେ ପାଖାପାଖି କେଉଁ ଦିନ ଏହି ବରିଷ୍ଠ ଅଧିକାରୀମାନେ ଅବସର ନେବାକୁ ଚାହିଁଛନ୍ତି ତାହା ପର୍ଯ୍ୟବେକ୍ଷକମାନେ ସୁନିଶ୍ଚିତ କରିପାରିନାହାନ୍ତି। ଏହି ଘଟଣାର ସମ୍ଭାବିତ କାରଣ ବିଷୟରେ ବାବୁମାନଙ୍କ ପକ୍ଷରୁ ବେସରକାରୀ ସୂଚନା ଏବଂ କିଛି ଗୁଜବର ଗୁଞ୍ଜରଣ ପ୍ରକାଶ ପାଉଛି। ଏଭଳି ଘଟଣା ଲାଗି ୟୁପିରେ ସର୍ଭିସ୍‌ର ଅତ୍ୟଧିକ ରାଜନୀତୀକରଣକୁ କେତେକେ ଦୋଷ ଦେଉଛନ୍ତି ଓ ଏହି କାରଣରୁ ବାବୁମାନେ ରାଜ୍ୟରେ କାମ କରିବାକୁ ଚାହୁଁ ନ ଥିବା ଅନୁମାନ କରାଯାଉଛି। ତେବେ ନବେ ଦଶକରେ ରାଜ୍ୟ କ୍ୟାଡର୍‌ରେ ତିନିଜଣ ଅଧିକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଠାବ କରିବାକୁ ୟୁପି ଆଇଏଏସ୍ ଆସୋସିଏଶନ୍‌ର ଅଭିଯାନରେ ମୁଖ୍ୟ ଭୂମିକା ନେଇଥିବା ଅଧିକାରୀ ରେଣୁକା କୁମାର କେଉଁ କାରଣ ପାଇଁ ସେଠାରେ ଆଉ ଅଧିକ ଦିନ କାମ କରିବାକୁ ଚାହୁଁନାହାନ୍ତି ? ରେଣୁକାଙ୍କ ଭଳି ଯୁଥିକା ମଧ୍ୟ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ। ବିକାଶ ଗୋଥୱାଲ ଏବେ ଷ୍ଟଡି ଲିଭ୍‌ରେ ଇଂଲଣ୍ଡରେ ରହିଛନ୍ତି ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଭିଆର୍‌ଏସ୍ ଚାହିଁଛନ୍ତି। ଏହା ପଛରେ କାରଣ ଯାହା ଥାଉନା କାହିଁକି, ବରିଷ୍ଠ ବାବୁମାନେ ରାଜ୍ୟରେ କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ବୋଲି ଏକ ଧାରଣା ସୃଷ୍ଟି ହୋଇଥିବାରୁ ଏବଂ ଅବସରର କିଛି ବର୍ଷ ପୂର୍ବରୁ ସେମାନେ ଚାକିରି ଛାଡୁଥିବାରୁ ଏହି ଘଟଣା ଯୋଗୀ ସରକାର ପାଇଁ ଏକ କଠିନ ସମସ୍ୟା ସୃଷ୍ଟି କରୁଛି।

### ଚର୍ଚ୍ଚାରେ ଇଡି

ତଦନ୍ତ କରାଯାଉଥିବା ମନି ଲଣ୍ଡରିଂର ହାଇ ପ୍ରୋଫାଇଲ ମମଲା ସଂଖ୍ୟା ବୃଦ୍ଧି ଯୋଗୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସ୍ୱରୂପ ବଦଳିବା ସହ ତା' କାର୍ଯ୍ୟ ବଢ଼ିଯାଇଛି। ଏବକାର ତଦନ୍ତକୁ ନେଇ ଇଡ଼ି ମିଡିଆରେ ଚର୍ଚ୍ଚାର ବିଷୟ ପାଲଟୁଛି। ପର୍ଯ୍ୟବେକ୍ଷକଙ୍କ ମତରେ, ୨୦୧୮ରେ ଏସ୍.କେ.ମିଶ୍ର ଇଡିର ନିର୍ଦ୍ଦେଶକ ହେବା ସମୟରୁ ଏହା କମ୍ ସମୟରେ ଅସାଧାରଣ ଭାବେ ତାହାର କାୟା ବିସ୍ତାର କରିବା ସହ ଅତ୍ୟଧିକ ସକ୍ରିୟତା ପ୍ରକାଶ କରିଆସିଛି। ମିଶ୍ର ମୁଖ୍ୟ ହେବା ପୂର୍ବରୁ ଇଡିର ୫ ଜଣ ସ୍ୱତନ୍ତ୍ର ନିର୍ଦ୍ଦେଶକ ଏବଂ ୧୮ଜଣ ଯୁଗ୍ମ ନିର୍ଦ୍ଦେଶକ ଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଇପିଏସ୍‌ରୁ ଆସିଥିଲେ। ଏବେ ଏହି ସଂସ୍ଥାରେ ୯ ଜଣ ସ୍ୱତନ୍ତ୍ର ନିର୍ଦ୍ଦେଶକ, ୩ ଅତିରିକ୍ତ ନିର୍ଦ୍ଦେଶକ, ୩୬ ଯୁଗ୍ମ ନିର୍ଦ୍ଦେଶକ ଏବଂ ୧୮ ଜଣ ଉପନିର୍ଦ୍ଦେଶକ ରହିଛନ୍ତି। ୨୦୧୮ ପୂର୍ବାପେକ୍ଷା ଏହି ପଦବୀ ସଂଖ୍ୟା ପାଖାପାଖି ୫୦ ପ୍ରତିଶତ ବୃଦ୍ଧିପାଇଛି। ଆଶ୍ଚର୍ଯ୍ୟର କଥା, ଏଥିରେ ଅର୍ଥ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଆୟକର ଅଧିକାରୀମାନଙ୍କୁ, ଜିଏସ୍‌ଟି ଇଣ୍ଟେଲିଜେନ୍ସ ଏବଂ ଉତ୍ପାଦ ଓ ଅବକାରୀ ବିଭାଗର ମହା ନିର୍ଦ୍ଦେଶକଙ୍କୁ ଅଧିକ ପ୍ରାଥମିକତା ଦିଆଯାଇଛି। ମେଘାଳୟ,କର୍ଣ୍ଣାଟକ, ମଣିପୁର, ତ୍ରିପୁରା ଏବଂ ସିକ୍କିମ ସମେତ ଅନ୍ୟ ରାଜ୍ୟରେ ଇଡି ତା'ଅଫିସ କରିଛି। ୨୦୦୨ରେ ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ)ଲାଗୁ ହେବା ପରଠାରୁ ଏହି ଆଇନ୍ ବଳରେ ଇଡି ସଶକ୍ତ ହେଲା ଏବଂ ଏହାର ଅଧିକାରୀମାନଙ୍କୁ କାର୍ଯ୍ୟ କରିବାକୁ ଶକ୍ତି ଓ କ୍ଷମତା ଦେଲା। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ଏହାର ତଦନ୍ତ ସଂଖ୍ୟା ଥିଲା ୩,୦୮୬। ଇଡିର ତଦନ୍ତ ସଂଖ୍ୟାକୁ ଦେଖିଲେ ସେହି ତୁଳନାରେ ଦୋଷୀ ସାବ୍ୟସ୍ତ ହେବାର ହାର ଅତ୍ୟଧିକ କମ୍। ପିଏମ୍‌ଏଲ୍‌ଏ ଆଇନ ପାସ୍ ହେବା ଠାରୁ କେବଳ ୨୩ଟି ମାମଲାରେ ଦୋଷୀ କରାଯାଇପାରିଛି।

### ପୁନଶ୍ଚ ଗୌବା

କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳ ଆଉ ଏକ ବର୍ଷ ବୃଦ୍ଧି କରିବା ଫଳରେ ବାବୁ ଓ ମିଡିଆ ପରିସରରେ ସମାନ୍ୟ ହଲ୍‌ଚଲ୍ ଦେଖାଦେଲା। ୨୦୧୯ରେ ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୌବାଙ୍କୁ ଦେଶର ଏହି ଶୀର୍ଷ ଅମଲାତନ୍ତ୍ର ପଦବୀରେ ଦୁଇ ବର୍ଷ ଲାଗି ନିଯୁକ୍ତ କରାଯାଇଥିଲା। ଗତ ବର୍ଷ ଅଗଷ୍ଟରେ ତାଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ାଯାଇଥିଲା। ନିୟମିତ କାର୍ଯ୍ୟକାଳ ପରେ କ୍ୟାବିନେଟ୍ ସଚିବ ପଦବୀରେ ରହିବା ଏବେ ଏକ ନୂଆ ପରମ୍ପରା ହୋଇଯାଇଛି। ବହୁ ସମୟରେ କିଛି କାରଣ କାର୍ଯ୍ୟକାଳ ଲଗାତର ବୃଦ୍ଧି କରିବା ଧାରାକୁ ସୁନିଶ୍ଚିତ କରୁଛି, ଯାହା ଉକ୍ତ ଘଟଣାରେ ସାମ୍ନାକୁ ଆସିଛି। ଅର୍ଥ ବ୍ୟବସ୍ଥାରେ ସୁଧାର ଓ ଅଭିବୃଦ୍ଧି ଆଣିବା ଲାଗି କାର୍ଯ୍ୟକଳାପର ସଞ୍ଚାଳକ ଭାବେ ଗୌବାଙ୍କୁ କାର୍ଯ୍ୟ କରିବା ଲାଗି କେନ୍ଦ୍ର ଚାହୁଁଥିବାରୁ ଏଭଳି କରିଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବାରୁ ସରକାରଙ୍କ ପାଇଁ ଆର୍ଥିକ ସୁଧାର ଓ ଅଭିବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅବଶ୍ୟ,ଗୌବାଙ୍କ ପରେ କ୍ୟାବିନେଟ୍ ସଚିବ ପଦବୀରେ ଅସୀନ ହେବା ସକାଶେ ଯେଉଁମାନେ କ୍ରମରେ ରହିଥିଲେ ସେମାନଙ୍କ ଯୋଜନାକୁ ତାଙ୍କ ଦ୍ୱିତୀୟ ସମ୍ପ୍ରସାରଣ ଧୂଳିସାତ କରିଦେଲା। ତେବେ ଗୌବାଙ୍କ ଠିକ୍ ପୂର୍ବରୁ ଏହି ପଦବୀରେ ପି.କେ. ସିହ୍ନା ରହିଥିଲେ ଓ ତାଙ୍କ କାର୍ଯ୍ୟକାଳ ୩ଥର ସମ୍ପ୍ରସାରଣ କଲା ପରେ ତାଙ୍କୁ ପ୍ରିନ୍ସିପାଲ ଆଡ୍‌ଭାଇଜର ଭାବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହାକୁ ବିଚାରକଲେ ଜଣାଯାଏ ଯେ, ଗୌବାଙ୍କ ପାଇଁ ବି ଲମ୍ବା ଚାକିରି ରହିଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 5 | 9 | | |
| | | | | | | 4 | | 8 |
| | | | 2 | 8 | 3 | | | |
| | | 4 | | | | 7 | | 9 |
| | 7 | | | 1 | | 5 | | |
| | | 9 | 5 | | | | 3 | |
| | | 3 | 8 | 5 | | | | |
| 6 | | | | | | | 4 | |
| | | | | 2 | 9 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 6 | 4 | 7 | 9 | 1 | 3 | 8 |
| 4 | 3 | 8 | 5 | 6 | 1 | 2 | 9 | 7 |
| 1 | 9 | 7 | 2 | 3 | 8 | 5 | 6 | 4 |
| 7 | 1 | 3 | 9 | 5 | 6 | 4 | 8 | 2 |
| 6 | 4 | 2 | 3 | 8 | 7 | 9 | 5 | 1 |
| 9 | 8 | 5 | 1 | 2 | 4 | 3 | 7 | 6 |
| 8 | 5 | 1 | 6 | 4 | 3 | 7 | 2 | 9 |
| 3 | 6 | 9 | 7 | 1 | 2 | 8 | 4 | 5 |
| 2 | 7 | 4 | 8 | 9 | 5 | 6 | 1 | 3 |

ଗତକାଲିର ଉତ୍ତର

# ଅଙ୍ଗଦାନର ଆଇନଗତ ଦିଗ



**ଡା. ଉମେଶ ଚନ୍ଦ୍ର ପାତ୍ର**

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ)ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କଠାରେ ରୋପଣ କରାଯାଏ। ଜଣେ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି। ଆମ ଦେଶରେ ଯକୃତ, ବୃକ୍‌କ, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ପ୍ରତିରୋପଣ କରିବାର ସୁବିଧା ରହିଛି। ଏହା ବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଚକ୍ଷୁ ଆଦି ମଧ୍ୟ ଦାନ କରାଯାଏ।

ଅଙ୍ଗଦାନ ଦୁଇ ପ୍ରକାରର ଯଥା ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ରନଳୀ, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା। ତେବେ ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଓ ଟିସୁ ଜୀବିତାବସ୍ଥାରେ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକ୍‌କ। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକ୍‌କ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ। ଭାରତରେ ହେଉଥିବା ଅଧିକାଂଶ ବୃକ୍‌କ ପ୍ରତିରୋପଣ ଜୀବିତ ଦାତାଙ୍କଠାରୁ ହିଁ ମିଳେ। ଫୁସ୍‌ଫୁସ୍ ଏବଂ ଯକୃତ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ। ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ।

ବ୍ରେନ୍ ଡେଥ୍ ଏପରି ମୃତ୍ୟୁ, ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ। ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁ ହୋଇଥାଏ। ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ। ବ୍ରେନ୍ ଡେଥ୍ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତିରୋପଣ ପାଇଁ ଗ୍ରହଣ କରାଯାଇପାରେ। ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡେଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି। ଡାକ୍ତରମାନଙ୍କର ଏକ ପାନେଲ ଏହା ଘୋଷଣା କରନ୍ତି। ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ। ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ ଆଇନ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ। ଏଥିପାଇଁ ଶରୀରକୁ ଲମ୍ବାରେ ଚିରାଯାଏ। ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ। ଅଙ୍ଗ ଗ୍ରହଣ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ। ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ।

### ବିଶ୍ୱ ଅଙ୍ଗଦାନ ଦିବସ ଉପଲକ୍ଷେ



ଯେକୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ। ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ। ନବଜାତ ଶିଶୁଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତିରୋପଣ ସଫଳ ହୁଏ। ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା'-ବାପାଙ୍କ ଅନୁମତି ନେବା ଜରୁରୀ।

ଅର୍ଗାନ୍ ଡୋନେଶନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତିରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ। ଏହା ଏକ କଷ୍ଟକର ନିୟମ। ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି। ଏହି ସମସ୍ୟାକୁ ଦେଖି ସରକାର ୨୦୧୧ରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି। ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତିରୋପଣ ସୁବିଧା ନ ଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ। ଏହାଦ୍ୱାରା ଅଙ୍ଗଦାନ ଦ୍ରୁତ ଓ ସୁବିଧାଜନକ ହେବ। କିନ୍ତୁ ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତି ହିଁ ଅଙ୍ଗଦାନ କରିପାରୁଛନ୍ତି। ଡାକ୍ତର ଦାନ କରାଯାଇଥିବା ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତିରୋପଣ କରିଦିଅନ୍ତି, ଯାହାଙ୍କୁ ଏହାର ଆବଶ୍ୟକତା ଥାଏ। ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେଶନ୍‌ର ଏକ ୱେଟିଂ ଲିଷ୍ଟ ଥାଏ। ଅଙ୍ଗ ପ୍ରତିରୋପଣ ପାଇଁ ବ୍ଲଡ୍ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ। ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତିରୋପଣ ହେବା ଆବଶ୍ୟକ। ବୃକ୍‌କ ୧୨ଘଣ୍ଟା ମଧ୍ୟରେ ଓ ଚକ୍ଷୁ ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଦରକାର।

ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ। ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ। ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିପାରିବେ ନାହିଁ। ଆଖିରେ ସମସ୍ୟା ଥିଲେ କିମ୍ବା ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ। ଯଦି କୌଣସି ମୃତ ବ୍ୟକ୍ତିର ଚକ୍ଷୁଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହୋଇଥାଏ।

ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ। ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ ମିଳିବ। ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନ ଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ। କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ। ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରି ନ ଥିଲେ ବି ଅଙ୍ଗଦାନ କରିପାରିବେ। ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି। କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ। ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ।

ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି। ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ। ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତିରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ। ଯେଉଁ ବ୍ୟକ୍ତିଠାରେ ପ୍ରତିରୋପଣ ହେବ କେବଳ ତା'ଙ୍କ ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ। ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ। ଏମାନଙ୍କ ମଧ୍ୟରେ ମାତା-ପିତା, ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅ, ଭାଇ-ଭଉଣୀ ଆଦି ସାମିଲ। ଏମାନଙ୍କୁ ପ୍ରଲୋଭନ ଦେଖାଇ ପ୍ରତିରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ।

**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ:୯୪୩୭୦୫୧୯୫୭**

# ନୂଆ 'ରାମସାର କ୍ଷେତ୍ର' ସାତକୋଶିଆ



**ପ୍ର. ରମେଶ ଚନ୍ଦ୍ର ପରିଡ଼ା**

ନିକଟରେ (୨ ଅଗଷ୍ଟ ୨୦୨୨) ଆମ ରାଜ୍ୟର ଅନ୍ୟତମ ବନଭୂମିବେଷ୍ଟିତ ସୁପ୍ରସିଦ୍ଧ ଆର୍ଦ୍ରଭୂମି ସାତକୋଶିଆକୁ 'ରାମସାର କ୍ଷେତ୍ର' ରୂପେ ସ୍ୱୀକୃତି ମିଳିଛି। ଫଳରେ ଏହା ଏବେ ପରିଗଣିତ ହେବ ଅନ୍ୟତମ 'ଆନ୍ତର୍ଜାତିକ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି' (ୱେଟ୍‌ଲ୍ୟାଣ୍ଡ ଅଫ୍ ଇଣ୍ଟରନ୍ୟାଶନାଲ ଇମ୍ପୋର୍ଟାନ୍ସ) ରୂପେ । ଅତଏବ ଏହାର ସୁରକ୍ଷା ଏବଂ ବିକାଶ ପାଇଁ ମିଳିବ ଆନ୍ତର୍ଜାତିକ ସହାୟତା। ଆମ ରାଜ୍ୟରେ ଏହିଭଳି ସ୍ୱୀକୃତି ଲାଭ କରିଥିବା ଅନ୍ୟ ଦୁଇଟି କ୍ଷେତ୍ର ହେଲା ଚିଲିକା ଏବଂ ଭିତରକନିକା। ଅନ୍ୟପକ୍ଷରେ ବର୍ତ୍ତମାନ ସାତକୋଶିଆ ସମେତ ଦେଶର ୧୦ ନୂତନ କ୍ଷେତ୍ରକୁ ଏ ମାନ୍ୟତା ମିଳିବା ଫଳରେ ଏହାର ସଂଖ୍ୟା ପହଞ୍ଚିଛି ୬୪ରେ।

ଇରାନ୍‌ର ରାମସାରଠାରେ ୧୯୭୧ ମସିହାରେ ଅନୁଷ୍ଠିତ ହୋଇଥିଲା ପରିବେଶ ଓ ପରିସଂସ୍ଥା ଲାଗି ଗୁରୁତ୍ୱ ବହନ କରୁଥିବା ବିଶ୍ୱର ଆର୍ଦ୍ରଭୂମିଗୁଡ଼ିକର ସୁପରିଚାଳନା ଓ ସୁରକ୍ଷା ଲାଗି ଏକ ଆନ୍ତର୍ଜାତିକ ସମ୍ମିଳନୀ। ଏଥିରେ ଯୋଗ ଦେଇଥିଲେ ୧୭୧ଟି ଦେଶ। ଏହି ସମ୍ମିଳନୀକୁ କୁହାଯାଏ 'ଦି ରାମସାର କନ୍‌ଭେନ୍‌ସନ୍ ଅନ୍ ୱେଟ୍‌ଲ୍ୟାଣ୍ଡ୍‌ସ ଅଫ୍ ଇଣ୍ଟରନ୍ୟାଶନାଲ ଇମ୍ପୋର୍ଟାନ୍ସ'। ବିଶେଷକରି ବିବିଧ ଜଳଚର ପକ୍ଷୀ ତଥା ପରିସଂସ୍ଥା ଲାଗି ଗୁରୁତ୍ୱ ବହନ କରୁଥିବା ଅନ୍ୟାନ୍ୟ ପ୍ରାଣୀ ଓ ଉଦ୍ଭିଦ ପ୍ରଜାତିର ବାସସ୍ଥଳୀ ହୋଇଥିବା ଆର୍ଦ୍ରଭୂମିଗୁଡ଼ିକୁ ଏଥିରେ 'ରାମସାର କ୍ଷେତ୍ର' ରୂପେ ସ୍ୱୀକୃତି ପ୍ରଦାନ କରାଗଲା। ଏହାକୁ ନେଇ ସ୍ୱାକ୍ଷରିତ ହେଲା ଏକ ଚୁକ୍ତି। ତେବେ ତାହା କାର୍ଯ୍ୟକାରୀ ହେଲା ୧୯୭୫ ମସିହା ଡିସେମ୍ବର ୨୧ରୁ।

ପ୍ରଥମେ ଏହାର ଅନ୍ତର୍ଭୁକ୍ତ କରାଯାଇଥିଲା ପୃଥିବୀର ପ୍ରାୟ ୨୦୦୦ଟି ଆର୍ଦ୍ରଭୂମି (୨୦ କୋଟି ଏକର କ୍ଷେତ୍ରଫଳ ବିଶିଷ୍ଟ)। ଏଗୁଡ଼ିକୁ ମାନ୍ୟତା ଦିଆଯିବାର କାରଣ ହେଲା ଯେ 'ଏଗୁଡ଼ିକ ବ୍ୟାପକ ସଂସାଧନ ଏବଂ ସମୁନ୍ନତ ପରିସଂସ୍ଥା ଯୋଗାଇଥାନ୍ତି, ଯେପରିକି ଖାଦ୍ୟ, ଜଳ, ତନ୍ତୁ ଇତ୍ୟାଦିର ଯୋଗାଣ, ଭୂତଳ ଜଳର ପୁନଃ ଭରଣ, ଜଳ ବିଶୋଧନ, ବନ୍ୟା ଅବରୋଧ, ମୃତ୍ତିକାକ୍ଷୟ ଅବରୋଧ ଏବଂ ପରିବେଶ ନିୟନ୍ତ୍ରଣ। ପୁନଶ୍ଚ ଏହା ବିଲୁପ୍ତପ୍ରାୟ ତଥା ସଙ୍କଟାପନ୍ନ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା, ଜୈବ ବିବିଧତାକୁ ଋଦ୍ଧିମନ୍ତ କରିବା, ଜଳଚର ପକ୍ଷୀ ଓ ମାଛ ଆଦି ଜୀବଙ୍କୁ ଖାଦ୍ୟ ଓ ବାସ ଯୋଗାଇବା, ବିରଳ ପ୍ରାଣୀ ଓ ଉଦ୍ଭିଦମାନ ଧାରଣ କରିବା ଲାଗି ମଧ୍ୟ ସକ୍ଷମ । କୌଣସି ନୂତନ ଆର୍ଦ୍ରଭୂମି 'ରାମସାର କ୍ଷେତ୍ର' ତାଲିକାର ଅନ୍ତର୍ଭୁକ୍ତ କରିବାକୁ ହେଲେ ଏହିସବୁ କଥା ବିଚାରକୁ ନିଆଯାଏ।

ରାମସାର କନ୍‌ଭେନ୍‌ର ଦୈନନ୍ଦିନ କାର୍ଯ୍ୟ ନିର୍ବାହ ଲାଗି ସୁଇଜର୍‌ଲାଣ୍ଡର 'ଗ୍ଲାନ'ଠାରେ ଥିବା 'ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍




କଞ୍ଜରଭେସନ ଅଫ୍ ନେଚର'ର କାର୍ଯ୍ୟାଳୟରେ ଏକ 'ସେକ୍ରେଟାରିଏଟ୍' ରହିଛି। ପୁନଶ୍ଚ ଏହାର ମଧ୍ୟ ଏକ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ସମୀକ୍ଷା ପ୍ୟାନେଲ୍ ରହିଛି, ଯାହାକି ଉପରୋକ୍ତ ସର୍ତ୍ତମାନ ପୂରଣ କରୁଥିବା ଆର୍ଦ୍ରଭୂମି କଥା ବିଚାରକୁ ନେଇ ନୂତନ ଭାବେ ସେଗୁଡ଼ିକୁ ଏ ମାନ୍ୟତା ପ୍ରଦାନ ଲାଗି ସୁପାରିସ କରେ ଏବଂ କାର୍ଯ୍ୟକାରୀ କମିଟି ଏହା ପ୍ରଦାନ କରେ। ଆମ ଦେଶ ଏହି କନ୍‌ଭେନ୍‌ସନର ସଦସ୍ୟ ହେଲା ୧୯୮୨ ମସିହା ଫେବୃୟାରୀ ୧ରେ।

ଏବେ 'ରାମସାର କ୍ଷେତ୍ର' ରୂପେ ନୂତନ ଭାବେ ସ୍ୱୀକୃତି ପାଇଛି ଭାରତର ୧୦ଟି ଆଦ୍ରଭୂମି। ସେଗୁଡ଼ିକ ମଧ୍ୟରୁ ୬ଟି ତାମିଲନାଡୁରେ ଅବସ୍ଥିତ ଏବଂ ଅବଶିଷ୍ଟ ୪ଟି ମଧ୍ୟରୁ ଗୋଟିଏ ଗୋଟିଏ କରି ରହିଛି ଓଡ଼ିଶା, ଗୋଆ, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶରେ। ଆମ ରାଜ୍ୟର ନୂତନ 'ରାମସାର କ୍ଷେତ୍ର' ସାତକୋଶିଆ ମହାନଦୀ ଉପରେ ଅନୁଗୋଳ ଜିଲାରେ ଅବସ୍ଥିତ। ଏହା ପ୍ରାୟ ୨୨ କିଲୋମିଟର ଲମ୍ବ ଏବଂ ୯୮୮.୩୦ ବର୍ଗ କିଲୋମିଟର ଆୟତନ ବିଶିଷ୍ଟ। ଏଠାରେ ରହିଛି ବହୁବିଧ ବିରଳ ଜୀବଜନ୍ତୁ ତଥା ଉଦ୍ଭିଦ ପ୍ରଜାତିର ସମୃଦ୍ଧ ଏକ ପରିସଂସ୍ଥା। ତାହାର ଅନ୍ତର୍ଭୁକ୍ତ ହେଲା ଶାଳ ସମେତ ବିବିଧ ବୃକ୍ଷରାଜିର ପର୍ଣ୍ଣମୋଚୀ ଏବଂ ନଦୀ ଶଯ୍ୟାର ଜଙ୍ଗଲ। ତହିଁରେ ବାସ କରୁଥିବା ଜୀବଜନ୍ତୁ ହେଲେ ଚିତାବାଘ, ବଣୁଆ କୁକୁର, ବନ୍ୟ ଶୂକର, ହରିଣ, ଶମ୍ବର, ନାନାଜାତିର ମାଙ୍କଡ଼, ଝିଙ୍କପକ୍ଷୀ, ପାଙ୍ଗୋଲିନ୍, ଅଜଗର ଓ ଅନ୍ୟାନ୍ୟ ସାପ, ବୃହଦାକାର ଗୁଣ୍ଡୁଚି ମୂଷା ଇତ୍ୟାଦି। ପୁନଶ୍ଚ ଏହାର ଜଳରାଶିରେ ଅଛନ୍ତି ବଉଳାକୁମ୍ଭୀର, ଘଡ଼ିଆଳ, ବିଭିନ୍ନ ପ୍ରକାର ମାଛ ଓ ଜଳଚର ପ୍ରାଣୀ।

ଏହି ଆର୍ଦ୍ରଭୂମି ଭାରତର ଦୁଇଟି ବିଶାଳ ଜୈବ-ଭୌଗୋଳିକ (ବାୟୋ ଜିଓଗ୍ରାଫିକ୍) ଅଞ୍ଚଳ, ଦାକ୍ଷିଣାତ୍ୟ ଉପଦ୍ୱୀପ ଏବଂ ପୂର୍ବଘାଟର ସଙ୍ଗମସ୍ଥଳ ହୋଇଥିବାରୁ ଏହା ଜୈବ ବିବିଧତାରେ ଏପରି ସମୃଦ୍ଧ। ସେଥିପାଇଁ ଏହାକୁ ୧୯୭୬ ମସିହାରେ 'ୱାଇଲ୍ଡ ଲାଇଫ୍ ସାଙ୍କଚ୍ୟୁଆରୀ' ରୂପେ ଘୋଷଣା କରାଯାଇଥିଲା। ଏହା ବାଘମାନଙ୍କର ଏକ ଆଶ୍ରୟସ୍ଥଳୀ ଥିଲା। ଏଣୁ ୨୦୦୭ ମସିହାରେ 'ନ୍ୟାଶନାଲ ଟାଇଗର କଞ୍ଜର୍ଭ ଅଥରିଟି' ଏହାକୁ 'ଟାଇଗର ରିଜର୍ଭ'ର ସ୍ୱୀକୃତି ଦେଲା ଏବଂ ସ୍ଥିର କରାଗଲା ମଧ୍ୟପ୍ରଦେଶର କାହ୍ନା ଜାତୀୟ ଉଦ୍ୟାନରୁ ୬ଟି ବାଘ ଆଣି ଏଠାରେ ରଖିବାକୁ। ତେବେ ସେଠାରୁ ଅଣାଯାଇଥିବା ପ୍ରଥମ ବାଘଟିର ଏଠାରେ ମୃତ୍ୟୁ ଘଟିଲା। ସେଥିପାଇଁ ଏ ଦିଗରେ ଅଧିକ ଅନୁଧ୍ୟାନ ପରେ ସେଠାକୁ ସେଗୁଡ଼ିକ ଆଣିବା ପାଇଁ ସ୍ଥିର କରାଯାଇ ଏ ଯୋଜନାକୁ ୨୦୦୯ ମସିହାଠାରୁ ସ୍ଥଗିତ ରଖାଯାଇଛି।

ଏପରିସ୍ଥଳେ, ଏବେ ସାତକୋଶିଆକୁ 'ରାମସାର କ୍ଷେତ୍ର' ରୂପେ ଆନ୍ତର୍ଜାତିକ ମାନ୍ୟତା ମିଳିବା ଆମ ପାଇଁ ଏକ ଖୁସି ଏବଂ ଗୌରବର କଥା।

**ଉଷା ନିବାସ, ୧୨୪/୭୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର ମୋ: ୯୯୩୭୯୮୫୭୬୭**

## ଏଇ ଭାରତରେ

ପିଲାଟିର ନାମ ପି. ନିରଞ୍ଜନ। ବୟସ ୧୧। ପଢୁଛନ୍ତି ୬ଷ୍ଠ ଶ୍ରେଣୀରେ। କିନ୍ତୁ ସେ କେରଳର କୃଷି ବିଭାଗ ଦ୍ୱାରା ଏର୍ନାକୁଲମ ଜିଲାର ବେଷ୍ଟ ଷ୍ଟୁଡେଣ୍ଟ ଫାର୍ମର ପୁରସ୍କାର ପାଇସାରିଛନ୍ତି। ନିରଞ୍ଜନଙ୍କ କୃଷିମନସ୍କତା ତାଙ୍କୁ ଏଭଳି ସଫଳତା ଦେଇଛି। ସେ ତାଙ୍କ ଅଗଣାରେ ଏକ ବଗିଚା କରି ସେଥିରୁ ବିଭିନ୍ନ ପ୍ରକାର ପରିବା, ଫଳ ଓ ଫୁଲ ଉତ୍ପାଦନ କରୁଛନ୍ତି। ସେ ଅପରାହ୍ନରେ ଦୁଇରୁ ତିନିଘଣ୍ଟା ସମୟ ବଗିଚା ପାଇଁ ଦେଉଛନ୍ତି। ପରିବାରର ଆବଶ୍ୟକତା ପୂରଣ ହେବା ପରେ ବଳକା ଉତ୍ପାଦକୁ ସେ ପଡ଼ୋଶୀ ଏବଂ ଅନ୍ୟମାନଙ୍କୁ ଦେଉଛନ୍ତି। ଏହା ବ୍ୟତୀତ ସେ ନିଜସ୍ୱ ଉଦ୍ୟମରେ ଏକପ୍ରକାର ଜୈବିକ ସାର ପ୍ରସ୍ତୁତ କରୁଛନ୍ତି, ଯାହା ଗଛକୁ ବଢ଼ିବାରେ ଖୁବ୍ ସହାୟକ ହେଉଥିବା କୃଷି ବିଭାଗ ଦ୍ୱାରା ପ୍ରମାଣିତ ହୋଇଛି। ନିମ୍ବ ଓ ବାଦାମ ପିଡ଼ିଆ, ଗୋବର ଆଦି ମିଶାଇ ସେ ଏହି ସାର ପ୍ରସ୍ତୁତ କରୁଛନ୍ତି। ନିରଞ୍ଜନ କୋଚ୍ଚିଭାଲିର ଛବରା ଦର୍ଶନ ସିଏମ୍‌ଆଇ ପବ୍ଲିକ ସ୍କୁଲରେ ପଢୁଛନ୍ତି। ସେଠାରେ ମଧ୍ୟ ସ୍କୁଲ ପକ୍ଷରୁ ଜୈବିକ ଚାଷ କରାଯାଉଛି। ସ୍କୁଲରେ ଏକ ଇକୋ ଶପ୍ ରହିଛି, ଯେଉଁଠି କୃଷି ଉତ୍ପାଦ ବିକ୍ରି କରାଯାଉଛି। ସ୍କୁଲରେ ଏଥିଲାଗି ଏକ ନେଚର କ୍ଲବ କରାଯାଇଛି ଓ ନିରଞ୍ଜନ ଏହାର ସେକ୍ରେଟାରି ରହିଛନ୍ତି। ତାଙ୍କ ମାତାପିତା ଓ ଜେଜେଙ୍କ କୃଷି ପ୍ରତି ରହିଥିବା ରୁଚିକୁ ଲକ୍ଷ୍ୟ କରି କୃଷି କାର୍ଯ୍ୟରେ ଲାଗିଛନ୍ତି ବୋଲି କୁହନ୍ତି ନିରଞ୍ଜନ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୯୭**

- ହିମାଚଳ ପ୍ରଦେଶରେ ମୂଷଳ ଧାରାରେ ବର୍ଷା ଯୋଗୁ ଆକସ୍ମିକ ବନ୍ୟା ଆସିଯିବା ଫଳରେ ୧୩୫ ଜଣଙ୍କ ମୃତ୍ୟୁ।
- ସଙ୍ଗୀତପ୍ରେମୀଙ୍କ ନିକଟରେ 'ଅଡିଓ କଙ୍ଗ୍' ବା କ୍ୟାସେଟ୍ ସମ୍ରାଟ ଭାବେ ପରିଚିତ ସୁପର କ୍ୟାସେଟ୍ ଇଣ୍ଡଷ୍ଟ୍ରୀ ଟି. ସିରିଜ୍‌ର ମାଲିକ ତଥା ଚଳଚ୍ଚିତ୍ର ପ୍ରଯୋଜକ ଗୁଲଶନ କୁମାର ଆତତାୟୀଙ୍କ ଗୁଳିରେ ନିହତ।
- ପ୍ରବୀଣ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ, ପ୍ରତିଷ୍ଠିତ ସାହିତ୍ୟିକ ବାମନ ଚରଣ ମିଶ୍ରଙ୍କ ୮୦ ବର୍ଷ ବୟସରେ ପରଲୋକ।

# ପାଠକ ଶ୍ରେଷ୍ଠ ବିଚାରକ

## ଭ୍ରଷ୍ଟାଚାର ଲୋପର ସଙ୍କଳ୍ପ

ମହାଶୟ,

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣରେ ଆଜାଦୀ କା ଅମୃତ ମହୋତ୍ସବ ପୂର୍ତ୍ତି ଅବସରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ଦେଶବାସୀଙ୍କ ସମସ୍ତ ଘର ଉପରେ ତ୍ରିରଙ୍ଗା ପତାକା ଲଗାନ୍ତୁ ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ ଦେବା ଓ ଅନୁରୋଧ କରିବା ଯେତିକି ସ୍ୱାଗତଯୋଗ୍ୟ ସେତିକି ଦୁଃଖଦାୟକ । ଆମେ ଆମର ଦେଶ ପ୍ରତି ଦେଶଭକ୍ତିର ପରାକାଷ୍ଠା ଓ କର୍ତ୍ତବ୍ୟରେ କିଛି ଅଭାବ ଏବଂ ଅବହେଳା କରିଥିବା ପରିଲକ୍ଷିତ ହୋଇଥିବା ଅସ୍ୱୀକାର କରାଯାଇ ନ ପାରେ। ଜାତୀୟ ପତାକା ଦେଶ ସମ୍ମାନର ପ୍ରତୀକ। ସଭିଏଁ ସମ୍ମାନର ସହ ଏହାକୁ ଠଉଡ଼ାଇବାର ପରମ କର୍ତ୍ତବ୍ୟ। ଏହା ସ୍ୱାଧୀନ ଭାରତର ଅଭ୍ୟୁଦୟର ନୂତନ ସଙ୍କଳ୍ପର ପ୍ରତ୍ୟାଶା ଓ ପରିଭାଷା। ସର୍ବୋପରି ହଜାର ହଜାର ଶହୀଦଙ୍କ ବଳିଦାନ ଓ ଲକ୍ଷାଧିକ ସଂଗ୍ରାମୀଙ୍କ ଉତ୍ସର୍ଗୀକୃତ ଭାବର ସାଧନା ଓ ତ୍ୟାଗ ଯୋଗୁ ଆମେ ସ୍ୱାଧୀନତାର ସିଦ୍ଧି ହାସଲ କରିଛେ । କଷ୍ଟଲବ୍ଧ ସ୍ୱାଧୀନତାକୁ ସୁରକ୍ଷିତ ରଖିବାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଦେଇଛେ ବୋଲି କହିବା ଭ୍ରମାତ୍ମକ ଭାବନା ବ୍ୟତୀତ ଆଉକିଛି ନୁହେଁ। ନିଜ ଦେଶ ପ୍ରତି ଆନୁଗତ୍ୟ ଓ କର୍ତ୍ତବ୍ୟ ସମ୍ପାଦନରେ ନିଷ୍ଠା, ସତ୍ୟ ଓ ଅହିଂସା ମଧ୍ୟରେ ଦେଶର ଜାତୀୟ ସଂହତିର ସୁରକ୍ଷାପୂର୍ବକ ସୁସମ୍ପର୍କ ପ୍ରତିଷ୍ଠା କରିବାରେ ହିଁ ଦେଶଭକ୍ତିର ପରାକାଷ୍ଠା ନିଦର୍ଶନ ହୋଇଥାଏ। ଦେଶ ପ୍ରତି ଅଯଥା କୁମନ୍ତବ୍ୟ ଦେବା, ଦେଶର ସ୍ୱାଧୀନତା ସଂଗ୍ରାମୀ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ଭାଙ୍ଗିବା ବା ବିଦ୍ରୁପ କରିବା, ଦେଶର ଜାତୀୟ ପତାକାକୁ ଅପମାନ କରିବା, ଜାତୀୟ ଚିହ୍ନକୁ ବିଦ୍ରୁପ କରିବାକୁ କେବେହେଲେ ବ୍ୟକ୍ତି ବିଶେଷରେ ପ୍ରକୃତ ସ୍ୱାଧୀନତା କୁହାଯାଇ ନ ପାରେ। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିବା ସହ ବିଦେଶରୁ କଳାଧନକୁ ଫେରାଇ ଆଣିବା ଲାଗି ସରକାର ପଦକ୍ଷେପ ନେବା ଦରକାର। ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଲୋପ କରିବା ଲାଗି ସଙ୍କଳ୍ପବଦ୍ଧ ହେବା ଉଚିତ । ପାକିସ୍ତାନରେ ଥିବା ଆତଙ୍କବାଦୀ ସଂଗଠନ ଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ଉପରେ ପଦକ୍ଷେପ ନେବା ଆବଶ୍ୟକ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି।

**–(ସେହି ମୁଁ ନିକେ)**

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରାର୍ଥୀ ଚୟନ

**ମୂଳ ଇଂରାଜୀ: ସୁଧା ମୂର୍ତ୍ତି**
**ଅନୁବାଦ: ବୀଣାପାଣି ସାହୁ**

ଅନୁବାଦ ଗଳ୍ପ

କିଛିବର୍ଷ ତଳେ ମୁଁ ଏକ ଚୟନ କମିଟିର ସଦସ୍ୟ ଥିଲି। ଆମେମାନେ ବିଭିନ୍ନ ପଦବୀରେ ନିଯୁକ୍ତି ନିମନ୍ତେ ପ୍ରାର୍ଥୀମାନଙ୍କୁ ବାଛୁଥିଲୁ। ସେଥିମଧ୍ୟରୁ ଅଧିକାଂଶ ପଦବୀରେ ବହୁତ ଦରମା ଥିଲା, ଯାହାଫଳରେ ଆମ ଚାରିଜଣିଆ ଚୟନ କମିଟିର ସଦସ୍ୟମାନଙ୍କ ଉପରେ ବହୁତ ଚାପ ପଡୁଥିଲା।

ମୁଁ ଦେଖିଲି ରାତାରାତି ମୋର ଲୋକପ୍ରିୟତା ଖୁବ୍ ବଢ଼ିଗଲା। ମୋତେ ଭୁଲି ଯାଇଥିବା ବନ୍ଧୁବାନ୍ଧବମାନେ ମୋ' ଘରକୁ ଆସିବାକୁ ଲାଗିଲେ, ଯେଉଁ ବନ୍ଧୁମାନଙ୍କ ସହ ମୋ' ସମ୍ପର୍କ ତୁଟି ଯାଇଥିଲା ସେମାନେ ମଧ୍ୟ ଆସିଲେ। ଧାର୍ମିକ ସଂସ୍ଥାର ମୁଖ୍ୟମାନେ ମୋତେ ନିଜ ଜାତିର ଲୋକମାନଙ୍କୁ ସାହାଯ୍ୟ କରିବା କେତେ ଦରକାରୀ ତାହା କହିବାକୁ ଲାଗିଲେ। ଶିକ୍ଷକ ଦିବସ ଆସିବାରୁ ପୁରାତନ ଛାତ୍ରମାନେ ମୋତେ ମନେପକାଇଲେ ଓ ଶୁଭେଚ୍ଛାପତ୍ର ପଠାଇଲେ। ଏପରିକି ମନ୍ଦିରରେ ମଧ୍ୟ ମୋତେ ଅଧିକ ପ୍ରସାଦ ମିଳିଲା। ଜୀବନର ଏହି ନୂତନ ସୁବିଧା ପାଇ ମୁଁ ତାହା ଉପଭୋଗ କରିବାରେ ଲାଗିଲି।

ଦୁର୍ଭାଗ୍ୟବଶତଃ ସେମାନଙ୍କ ପାଇଁ ନିଯୁକ୍ତି କମିଟିର ଚାରିଜଣ ସଦସ୍ୟ ଭାରି ସଚ୍ଚୋଟ ଥିଲେ ଓ ଆମେ ଆମର ପ୍ରଥମ ଦିନର ମିଟିଂରେ ନିଷ୍ପତ୍ତି କରିଥିଲୁ ଯେ ଆମେ କୌଣସି ଅନୁଚିତ ଅନୁରୋଧ ରକ୍ଷା କରିବୁ ନାହିଁ। କେବଳ ଦକ୍ଷତା ଅନୁସାରେ ନିଯୁକ୍ତି ମିଳିବ।

ଦିନେ ଆମର ଏହି ସାକ୍ଷାତ୍କାର କାର୍ଯ୍ୟକ୍ରମରେ ଜଣେ ଯୁବତୀ ଭିତରକୁ ଆସିଲା। ତା' ନାମ ଥିଲା ନନ୍ଦିତା। ଦେଖିବାକୁ ସୁନ୍ଦର, ଚାଲାକ୍ ଓ ଭଲ ପୋଷାକ ମଧ୍ୟ ପିନ୍ଧିଥିଲା। ତାକୁ ଆମେ ପ୍ରଥମ ସାଧାରଣ ପ୍ରଶ୍ନ ପଚାରିଲୁ- ''ତୁମେ କାହିଁକି ବିଚାର କରୁଅଛ ଯେ ଏ ଚାକିରି ତୁମ ପାଇଁ ଉପଯୁକ୍ତ ଅଟେ?'' ଝିଅଟି କହିଲା, ''ମୋର ପ୍ରବଳ ଆତ୍ମବିଶ୍ୱାସ ଅଛି। ଏହି ଚାକିରିର ଚାପ (ପ୍ରେସର)କୁ ମୁଁ ଭଲ ଭାବରେ ତୁଲାଇ ପାରିବି।'' ସେ ଆମେରିକୀୟ ଉଚ୍ଚାରଣରେ କଥା ହେଉଥିଲା। ତେଣୁ ସେ କେଉଁଠାରୁ ଆସିଛି ବୋଲି ମୁଁ ତାକୁ ପଚାରିଲି। ସେ କହିଲା- ''ମୁଁ ବାଙ୍ଗାଲୋରରୁ ଆସିଛି। ମାତ୍ର ମୋର ପ୍ରାୟ ସବୁ ବନ୍ଧୁବାନ୍ଧବ ଆମେରିକାରେ ରହୁଥିବାରୁ ମୁଁ ମୋର ସବୁ ଛୁଟିରେ ସେଠାକୁ ଯାଇଥାଏ।''

– ଆମେରିକାର କେଉଁ ଜାଗାକୁ ତୁମେ ଯାଇଛ? ଆମର ଅନେକ ଗ୍ରାହକ ସେଠାରେ ଅଛନ୍ତି।

– ମୋର ମଉସା ରାମକ୍ରିଷ୍ଣ ସିଲିକନ୍ ଭ୍ୟାଲିର ଜଣେ ବଡ଼ ଶିଳ୍ପପତି। ମୋର ମାଉସୀ ନ୍ୟୁୟର୍କ ଟାଇମ୍ସର ଜଣେ ଖବରଦାତା। ମୋର ସମ୍ପର୍କୀୟ ରୋହିତ ହ୍ୱାଇଟ୍ ହାଉସ୍‌ରେ କାମ କରେ। ତେଣୁକରି ମୁଁ ନ୍ୟୁୟର୍କ, ୱାଶିଂଟନ୍ ଓ ସାନ୍‌ଫ୍ରାନ୍‌ସିସ୍କୋ ଭିତରେ ଚଳପ୍ରଚଳ କରିଥାଏ।

– ଆମ କାମରେ ଜଣେ ବ୍ୟକ୍ତିକୁ ବିଭିନ୍ନ ଲୋକଙ୍କ ସହ କଥା ହେବାକୁ ପଡ଼ିଥାଏ।

– ଓଃ, ଲୋକମାନଙ୍କୁ ଦେଖାକରିବା ଓ ସେମାନଙ୍କ ସହ କଥା ହେବାରେ କୌଣସି ସମସ୍ୟା ନାହିଁ। ତାହା ମୋତେ ଭଲ ଲାଗେ।

– ସେ ବିଷୟରେ ତୁମର କିଛି ଅନୁଭୂତି ଅଛି କି?

– ହଁ, ମୁଁ ବହୁତ ପାର୍ଟିରେ ଯୋଗଦିଏ ଓ ବହୁତ ଲୋକଙ୍କୁ ସାକ୍ଷାତ୍ କରିଥାଏ।

ମୁଁ କହିଲି, ''ବ୍ୟବସାୟରେ ଲୋକମାନଙ୍କୁ ଦେଖାକରିବା ସେପରି ହୁଏ ନାହିଁ।'' ତା'ପରେ ଆମେ ଉଦ୍ୟୋଗ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଲୁ। ସେ ସବୁ ପ୍ରଶ୍ନର ବେଶ୍ ଭଲ ଉତ୍ତର ଦେଲା ଓ ଆମେ ସାକ୍ଷାତ୍କାରଟିକୁ ଶେଷ କଲୁ।

ସେଠାରୁ ଯାଉଥିବାବେଳେ ନନ୍ଦିତା ଦ୍ୱାର ପାଖରେ ଇତସ୍ତତଃ ଭାବ ଦେଖାଇଲା। ତା' ପରେ ସେ ପଛକୁ ଫେରି ପଚାରିଲା- ''ମୁଁ ଆପଣମାନଙ୍କୁ କିଛି ପଚାରି ପାରେ କି?'' ଝିଅମାନେ ପ୍ରଶ୍ନ ପଚାରିଲେ ମୋତେ ସବୁବେଳେ ଭଲ ଲାଗେ। ବହୁବର୍ଷ ଧରି ଆମ ସମାଜରେ ଗୋଟିଏ ଭଲ ଝିଅର ବର୍ଣ୍ଣନା ଥିଲା ଯେ ସେ ବେଶି କିଛି ପ୍ରଶ୍ନ ନ ପଚାରି ବିନମ୍ର ଭାବରେ ସବୁ କିଛି ଗ୍ରହଣ କରିନେଉଥିବ। ମାତ୍ର ମୋର ସେମାନେ ପସନ୍ଦ ଥିଲେ, ଯେଉଁମାନେ ଏହି ଡାଞ୍ଚାକୁ ଭାଙ୍ଗି ଦିଅନ୍ତି ଓ ନିଜ ମନକଥା ପ୍ରକାଶ କରିଥାନ୍ତି। ତେଣୁ ମୁଁ ନନ୍ଦିତାକୁ କହିବାକୁ ଅନୁମତି ଦେଲି।

ସେ କହିଲା- ''ଏହି ଚାକିରି ପାଇଁ ଆପଣ ଯେଉଁ ଦରମା ଦେଉଛନ୍ତି ତାହା ଯଥେଷ୍ଟ କମ୍ ଅଟେ।'' ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଏପରି ପ୍ରଶ୍ନ ଅଥବା ମତାମତ ମୁଁ ଆଶା କରୁ ନ ଥିଲି। ତେଣୁ କହିଲି, ''ଅନ୍ୟ କମ୍ପାନୀ ସହ ତୁଳନା କଲେ ଏହା ବହୁତ ଭଲ ଅଟେ।''

''ଓଃ ଆପାର୍ଟମେଣ୍ଟର ଭଡ଼ା, ଡ୍ରାଇଭର ଓ ରୋଷେୟାର ଦରମା ଦେବା ପାଇଁ ଏହା ଠିକ୍ ହୋଇପାରେ। ଆପଣ ଦେଖନ୍ତୁ ମୁଁ ଏ ସବୁ ସୁବିଧା ସହ ଅଭ୍ୟସ୍ତ ଅଛି।''

''ମାତ୍ର ତୁମେ କହିଲ ଯେ ତୁମେ ତୁମ ପିତାମାତାଙ୍କ ସହ ରହୁଛ। କମ୍ପାନୀର ନିଜସ୍ୱ ବସ୍ ଅଛି ଓ ଆମର ମଧ୍ୟ ବଢ଼ିଆ କ୍ୟାଣ୍ଟିନ୍ ଅଛି।''

''ନିଜେ ରୋଜଗାର କଲାପରେ ମୁଁ ସ୍ୱାଧୀନ ଭାବରେ ରହିବାକୁ ଚାହୁଁଛି। ଆଜିକାଲି ସମସ୍ତେ ସେମିତି କରୁଛନ୍ତି'' ଏତିକି କଥା କହି ଓ ମୋ' ଅଜ୍ଞତା ପାଇଁ ମୋ' ଉପରେ ଏକ ଦୟା ଦୃଷ୍ଟି ପକାଇ ସେ ଚାଲିଗଲା।

ସବୁଦିନ ପରି ସେଦିନ ସନ୍ଧ୍ୟାରେ ମୁଁ ଘରେ ବିଳମ୍ବରେ ପହଞ୍ଚିଲି। ମା' ମୋତେ ଉପଦେଶ ଦେଇ କହିଲେ- ''ତୋର ମନେରଖିବା କଥା ଯେ ସରାୟୁର ନାତୁଣୀ ଜନ୍ମଦିନରେ ଆମକୁ ଯିବାକୁ ଅଛି। ଏପର୍ଯ୍ୟନ୍ତ ସେ ତିନିଥର ଫୋନ୍ କରିସାରିଲାଣି। ଯଦିଓ ବିଳମ୍ବ ହେଲାଣି ତଥାପି ତୁ ଯା' ଓ ତାକୁ ଶୁଭେଚ୍ଛା ଜଣାଇଦେ। ତୋତେ ଏ ସମାଜରେ ବାସ କରିବାର ଅଛି ଓ ସବୁବେଳେ ନିଜ କାମରେ ବ୍ୟସ୍ତ ହୋଇ ରହିପାରିବୁ ନାହିଁ।''

ଏକ ଆଜ୍ଞାକାରୀ ସନ୍ତାନ ପରି ମୁଁ ସରାୟୁର ଘରକୁ ଗଲି। ସେଠାରେ ସାଧାରଣ ପ୍ରକାରର ପାର୍ଟି ଚାଲିଥିଲା। ପୁରୁଷ ଲୋକମାନେ ରାଜନୀତି ଓ ଖେଳ ବିଷୟରେ କଥା ହେଉଥିଲେ। ସ୍ତ୍ରୀ ଲୋକମାନେ ଆଗକୁ ଆସୁଥିବା ପାର୍ଟି ବିଷୟରେ କଥା ହେଉଥିଲେ ଓ ଯେହେତୁ ସେଠାରେ ଜଣେ ଇଭେଣ୍ଟ ମ୍ୟାନେଜର ଥିଲେ, ପିଲାମାନେ ବ୍ୟସ୍ତ ରହିଥିଲେ। ସେଇଟା ଗରମ ଦିନ ଥିଲା ଓ ଥଣ୍ଡା ପାନୀୟରେ ପୂର୍ଣ୍ଣ ଟ୍ରେ ବାରମ୍ବାର ରୁମ୍ ସାରା ଦିଆଯାଉଥିଲା। ହଠାତ୍ ନନ୍ଦିତା ପରି ଦେଖାଯାଉଥିବା ଜଣେ ଝିଅକୁ ମୁଁ ଦେଖିଲି। ସେ ଶାଢ଼ି ପରିଧାନ କରିଥିଲା ଓ ଅତିଥିମାନଙ୍କୁ ପାନୀୟ ପରିବେଷଣ କରୁଥିଲା। ଯେତେବେଳେ ମୁଁ ତା'ପାଖକୁ ଯାଇ ଦେଖିବାକୁ ଚେଷ୍ଟା କଲି ସେ ବୁଲିଗଲା ଓ ମୋ' ସହ ନଜର ମିଳାଇବାକୁ ଏଡ଼ାଇଗଲା।

ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ସରାୟୁ ପାଖକୁ ଯାଇ ସର୍ବତ ପରିବେଷଣ କରୁଥିବା ସେହି ସୁନ୍ଦରୀ ଝିଅଟି କିଏ ବୋଲି ପଚାରିଲି। ''ଓଃ ସେ ହେଲା ନନ୍ଦିତା। ସେ ଖୁବ୍ ଆଧୁନିକା ଓ ଚାଲାକ୍ ଝିଅଟିଏ। ମୋ' ସ୍ୱାମୀଙ୍କ ଅଫିସ୍‌ରେ ତା'ର ବାପା ଏକ କ୍ୟାଣ୍ଟିନ୍ ଚଳାଉଛନ୍ତି। ତା'ର ପାଠପଢ଼ା ଆମ ଅଫିସ୍ ଦ୍ୱାରା ପ୍ରାୟୋଜିତ ହୋଇଛି। ଏବେ ନିକଟରେ ସେ ତା'ର ଇଞ୍ଜିନିୟରିଂ ଶେଷକରି ଚାକିରି ଅନ୍ୱେଷଣରେ ଅଛି। ସେ ବହୁତ ଶୀଘ୍ର ସବୁକିଛି ମନେରଖିପାରେ ଓ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରିପାରେ। ଆଜି ସାହାଯ୍ୟ କରିବା ପାଇଁ ଆମେ ତାକୁ ନିମନ୍ତ୍ରଣ କରିଥିଲୁ। ଯଦି ତୁମର କେବେ ପାର୍ଟି ହୁଏ, ଖାଇବା ପିଇବା ତିଆରି କରିବା ପାଇଁ ମୁଁ ତା' ବାପାକୁ କହିବି।

ମୁଁ ବାକ୍‌ଶୂନ୍ୟ ହୋଇଗଲି।

ସେହି ସପ୍ତାହ ସାରା ସାକ୍ଷାତ୍କାର କାର୍ଯ୍ୟକ୍ରମ ଜାରି ରହିଲା। ଶେଷ ପ୍ରତିଯୋଗୀ ଜଣକ କୋଡ଼ିଏ ବର୍ଷ ପାଖାପାଖି ଜଣେ ଯୁବକ ଥିଲା। ସେ ସାଧାରଣ ପୋଷାକ ପିନ୍ଧିଥିଲା ଓ ବହୁତ ଚୁପ୍‌ଚାପ୍ ଜଣାଯାଉଥିଲା। ତା'ର ସବୁ ଉତ୍ତର ଉତ୍ତମ ଓ ସୁଚିନ୍ତିତ ଥିଲା। ମୁଁ ତା' ବିଷୟରେ ଅଧିକ କିଛି ଜାଣିବା ପାଇଁ ଇଚ୍ଛୁକ ଥିଲି। କାରଣ ବୁଦ୍ଧିମାନ୍ ଯୁବକମାନଙ୍କ ସହ କଥା ହେବାଟା ବହୁତ ମଜାଦାର ହୋଇଥାଏ।

''କମ୍ପ୍ୟୁଟର ବିଜ୍ଞାନ ଉପରେ ସମସ୍ତ ପ୍ରଶ୍ନକୁ ତୁମେ ଖୁବ୍ ଭଲ ଭାବରେ ଉତ୍ତରଦେଲ, କେବେଠାରୁ ତୁମେ ଏହି କ୍ଷେତ୍ରରେ ନିଜର ଆଗ୍ରହ ରଖିଛ?'' ସଲ୍ଲଜ ସ୍ୱରରେ ସେ କହିଲା, ''ଯେତେବେଳେ ମୁଁ ସାନଥିଲି।''

– କେତେ ବୟସରୁ, ମୁଁ ପୁନରାବୃତ୍ତି କଲି।

– ବୋଧହୁଏ ଆଠବର୍ଷ ବୟସରୁ।

– ଏତେ ଶୀଘ୍ର କାହିଁକି?

– ମୋ' ମା' ଜଣେ ଶିକ୍ଷୟିତ୍ରୀ ଓ ଯେତେବେଳେ ସେ କାମରେ ବାହାରକୁ ଯାଆନ୍ତି ମୁଁ ଘରେ ପ୍ରାୟ ଏକୁଟିଆ ରୁହେ। ତେଣୁ ସମୟର ସଦୁପଯୋଗ କରିବା ପାଇଁ କିଛି କ୍ଲାସ୍‌ରେ ଯୋଗଦେବା ସବୁଠାରୁ ବଢ଼ିଆ କଥା।

ଯାହାହେଉ ମୁଁ ଜାଣେ ତାହା କେବଳ ଏକମାତ୍ର କାରଣ ନୁହେଁ। ନିଶ୍ଚିତ ଭାବରେ ସେ ବହୁତ ଚାଲାକ୍ ଓ ତା'ର ଦକ୍ଷତାକୁ ଉପଯୁକ୍ତ ରାସ୍ତା ଦେଖାଇବା ପାଇଁ ତା'ର ମା' ନିଶ୍ଚୟ ଯଥେଷ୍ଟ ସମୟ ଦେଇଛନ୍ତି। ମୁଁ ଜାଣିପାରୁଥିଲି ଏହି ପିଲାଟି ତାହାର ପଛଭୂମି ଉପରେ ଗର୍ବ କରିବ ନାହିଁ। ମାତ୍ର ମୁଁ ଅଧିକ ଜାଣିବାକୁ ଚାହିଁଲି।

ପିଲାଟି କିଛି ସମୟ ଚିନ୍ତାକରି କହିଲା, ''ତା'ର କିଛି ଗୁରୁତ୍ୱ ଅଛିକି?'' ମୋର ଦକ୍ଷତା ଆପଣମାନେ ଦେଖିବା କଥା। ଆପଣମାନେ ମୋତେ ଯଦି ଉପଯୁକ୍ତ ମନେକରୁଛନ୍ତି ଦୟାକରି ମୋତେ ଗ୍ରହଣ କରନ୍ତୁ ଅଥବା ଯଦି ନୁହେଁ, ତେବେ ପ୍ରତ୍ୟାଖ୍ୟାନ କରନ୍ତୁ।''

– ତୁମେ କେତେ ଦରମା ଆଶା କରୁଛ?

ପିଲାଟି ଏପରି ଏକ ସଂଖ୍ୟା କହିଲା, ଯାହା ଆମେ ଯାଚୁଥିବା ଦରମାଠାରୁ ଅଧିକ ଥିଲା।

ତୁମେ ନିଜର ଅଭିଜ୍ଞତା ତୁଳନାରେ ଏତେ ଅଧିକ ଦରମାକୁ କାହିଁକି ଯୁକ୍ତିଯୁକ୍ତ ମନେକରୁଛ?

ମୁଁ କଠୋର ପରିଶ୍ରମ ଓ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ କାମ କରି ଏହାକୁ ଉପଯୁକ୍ତ ବୋଲି ପ୍ରମାଣ କରିବି। ମୁଁ ଏ କଥା ମଧ୍ୟ ସୁନିଶ୍ଚିତ କରିବି ଯେ ମୋର କାମ ସବୁଠାରୁ ଉଚ୍ଚମାନର ହେବ।

– କିଛିମନେ ନ କରି ତୁମେ କହିବ କି ତୁମେ କାହିଁକି ଏତେ ଅଧିକ ଦରମା ଚାହୁଁଛ?

– ମୁଁ ମୋ' ଦରମାର କିଛି ଅଂଶ ଏପରି ଏକ ଟ୍ରଷ୍ଟକୁ ଦେବାକୁ ଚାହେଁ, ଯାହା ପଇସା ନ ଦେଇ ପାରୁଥିବା ଭଲ ଛାତ୍ରମାନଙ୍କୁ ସାହାଯ୍ୟ କରିବ।

ତା' ଉତ୍ତର ଶୁଣି ମୋ' ମନ ଦ୍ରବୀଭୂତ ହୋଇଗଲା। ଏହାପରେ ପଚାରିବାକୁ ଆଉ କିଛି ନ ଥିଲା। ସେ ପିଲାଟି ରୁମ୍‌ରୁ ବାହାରି ଗଲାବେଳକୁ ଆମେ ସମସ୍ତେ ଏକମତ ହୋଇ ସାରିଥିଲୁ ଯେ ଆମେ ତାକୁ ହିଁ ନିଯୁକ୍ତ କରିବୁ। ଆମେମାନେ କଥା ହେଉଥିବା ବେଳେ ସେହି କିରାଣି ଜଣକ ରୁମ୍‌କୁ ଆସିଲା, ଯିଏକି ଇଣ୍ଟରଭ୍ୟୁ ପାଇଁ ଆସିଥିବା ପ୍ରାର୍ଥୀମାନଙ୍କୁ ଯିବାଆସିବା ଟଙ୍କା ଦେଉଥିଲା। ସେ କହିଲା- ''ଆପଣ ଶେଷ ପିଲାଟି ପାଇଁ ଦସ୍ତଖତ କରିଦେବେ କି? ସେ ତା'ର ଯିବାଆସିବା ପାଇଁ ଟଙ୍କା ନେଲା ନାହିଁ। ସେ କହିଲା ଯେ, ସେ ତା' ମାଉସୀଙ୍କ ପାଖରେ ରହୁଛି ଓ ନିଜର କିଛି କାମରେ ସେ ଏ ସହରକୁ ଆସିଥିଲା।''

ବର୍ତ୍ତମାନ ପିଲାଟିର ସଚ୍ଚୋଟତାରେ ମୁଁ ଏକବାରେ ଆଶ୍ଚର୍ଯ୍ୟ ହୋଇଗଲି। ମୁଁ ତା' ପ୍ରବେଶିକା ଫର୍ମଟିରେ ଭଲକରି ନଜର ପକାଇ ତା' ସ୍ଥାୟୀ ଠିକଣା ଦେଖିଲି। ସେ ଜଣେ ପ୍ରଖ୍ୟାତ ଡାକ୍ତରଙ୍କ ପୁଅ ଥିଲା। ଏ କଥା ସୁନିଶ୍ଚିତ ଥିଲା ଯେ ପଇସା କିମ୍ବା ସମ୍ମାନ ତା'ଠାରୁ ତା' ସଚ୍ଚୋଟତା ଓ ସରଳପଣିଆକୁ ଚୋରି କରିପାରି ନ ଥିଲା।

ମୋ: ୯୪୩୮୩୬୧୧୯୬



## କବିତା

### ଅପ୍ରେମ
**ପ୍ରବୀଣ କୁମାର କବି**

ଦେହରୁ ପ୍ରାଣ ଛାଡ଼ିଗଲା ପରେ ବି
ଦେହ ପ୍ରେମ ମାଗେ,
ନିଦ ମାଗେ, ଭୋକ ମାଗେ!

ଦେହର ଡାକରେ ପ୍ରେମ ଆସେ
ଦେହସାରା ନିଆଁର ମହକ ବାସେ
ବିରହୀ ବୟସ ହସେ,
ଖଣ୍ଡିଆ ମାଦଳ ବାଜେ,
ପାଉଁଶରୁ ଶୁଭେ ବଂଶୀସ୍ୱନ।

ବଂଶୀସ୍ୱନ ଶୁଣି
ନିଦ ଆସେ ଦେହକୁ,
ହେଲେ ସେ କ'ଣ ଆଉ
ଦେହ ହେଇଥାଏ!
ସେ ବନି ସାରିଥାଏ ପଦ୍ମବନ,
ଧରିସାରିଥାଏ କାମଦଣ୍ଡ
ଅଗ୍ନିସ୍ନାନର ମୋହରେ,
ଯାହାଠି ଜଳୁଥାନ୍ତି ଫୁଲ
ଜଳୁଥାନ୍ତି ମାତାଲ ମହୁମାଛିମାନେ
କିଞ୍ଚିତ୍ ମୁକ୍ତିର ଆଶାରେ।

ମୁକ୍ତି ମିଳୁ କି ନ ମିଳୁ
ମିଳେ ତାଙ୍କୁ ଆତଙ୍କର ଛାଇ,
ଯୋଉଠି ଅଠା ପରି ଲାଖିଥାଏ
ଗୋଟେ ଅଶ୍ଳୀଳ ରାତି,
କିଛି ଅଦୃଶ୍ୟ ନୀଳସ୍ୱପ୍ନ
ଖଣ୍ଡେ କାମନାର କଳାମେଘ
ବର୍ଷିବା ବାହାନା ନେଇ।

କଳାମେଘ ବର୍ଷିଗଲେ
ଭୋକଲାଗେ ଦେହକୁ,
ଆଉ ଭୋକର ଦାଉରେ
ଅଣନିଃଶ୍ୱାସୀ ହେଇ
ସେ ମାଟିକୁ ମାଗେ ମନ,
ପାଣିକୁ ପ୍ରଣୟ,
ପବନକୁ ସପନର ଛାଇ,

ହେଲେ, ମାଟି ଯାଚେ ପାଦଚିହ୍ନ,
ପବନ ଯାଚେ ଦୀର୍ଘଶ୍ୱାସ,
ଆଉ, ପାଣି ଯାଚେ ଲୁହଭିଜା ନଈ !

ମୋ: ୭୬୦୯୦୭୭୦୨୩

### ବିବର୍ତ୍ତନ
**ରାମକୃଷ୍ଣ**

ମାଟି ପାଣି ପବନର ଅଠାକାଠି ପରି
ଏ ରଙ୍ଗବେରଙ୍ଗ ଅନ୍ଧାର
ନିଜର ସଂରଚନାରୁ ମୁକୁଳି ଯିବାକୁ
ବାଟଖୋଜୁଛି ଆକାଶର ଆଲୁଅ ଆଡ଼କୁ

ସତେ କ'ଣ ଏତେ ସହଜ
ସ୍ତନବୃନ୍ତରୁ ମୁକୁଳିଯିବା ଶିଶୁର ଓଠ
ଫୁଲର ରସକୁ ମନାକରିଦେବା ମହୁମାଛି
ଆହାର ନିଦ୍ରା ମୈଥୁନର ସୁଖକୁ ଦେହ,
ବର୍ଷା ଓ ଆଲୁଅର ଯୁଗଳବନ୍ଦୀରୁ
ଜନ୍ମ ନେଇଥିବା ଇନ୍ଦ୍ରଧନୁର ମରୀଚିକାକୁ,
ମାଟି ବୁଣିଥିବା ଶବ୍ଦ,
ରଙ୍ଗ ଓ ରସର ଶସ୍ୟରୁ
ଓହରି ଯିବା ସତେ କ'ଣ ସମ୍ଭବ
ଇନ୍ଦ୍ରିୟଙ୍କ ଲହ ଲହ ଶୁଣ୍ଢ

ନିଜକୁ କେନ୍ଦ୍ରକରି ନିଜ ଚାରିଆଡ଼େ
ବୁଣିଥିବା ଜାଲରେ
ନିଜକୁ ବାନ୍ଧି ରଖିଥିବା ବୁଢ଼ିଆଣୀ ପରି
ନିଜର ମାୟାଜାଲରେ
ଛନ୍ଦି ହୋଇଛି ଅନନ୍ତ ନୀଳ
ବାଟ ଖୋଜୁଛି ଖସିଯିବାକୁ
ଚାରିକାନ୍ଥ ଭିତରେ ଅନ୍ଧାର ମେଲିଥିବା
ସୁଖର ପସରାରୁ

ସତରେ କ'ଣ ଉଲଗ୍ନ ହେବା ଏତେ ସହଜ
ରକ୍ତମାଂସର ପ୍ରିୟ ପୋଷାକ ଉତାରିବା
ନର କଙ୍କାଳର ?

ମୋ: ୭୯୭୮୦୫୫୬୩୪

### ଶହୀଦର ପତ୍ନୀ
**ସ୍ମୃତିସୁଧା ସାହୁ**

ସମସ୍ତଙ୍କୁ ସୁଖର ନିଦ ଦେବା ପାଇଁ
ମୋ' ସିନ୍ଦୂରକୁ ମୁଁ
ନିଦ ହଜାଇବାକୁ କହେ,
ଶତ ନାରୀଙ୍କ ଚୁଡ଼ିର ଶବ୍ଦ
ସବୁଦିନ ଶୁଣାଯାଉ ଭାବି
ମୋ' ଚୁଡ଼ିର ଶବ୍ଦକୁ ନିଃଶବ୍ଦ
ହେବାକୁ ବାଧ୍ୟ କରେ,
କେତେ ଦୁଃଖ ଛାତିରେ ଚାପି ରଖି
ମୁଁ ଗର୍ବରେ ଛିଡ଼ା ହୁଏ,
ମୋ' ପଣତ କାନିରେ କାନ୍ଥରେ
ଟଙ୍ଗା ହୋଇଥିବା ଫଟୋକୁ
ପୋଛି ଦେଇ, ନିଜକୁ
ଏକ ଶହୀଦ ଯବାନର
ପତ୍ନୀ ବୋଲାଏ।

ଦେଶପ୍ରେମ ମୋ' ରକ୍ତରେ
ପ୍ରବାହିତ ହୁଏ,
ସେହି ବହ୍ନିରେ ମୁଁ ଶ୍ୱାସ ଦିଏ,
ଶତ ସିଂହର ବଳରେ ନିଜର
ଧୈର୍ଯ୍ୟକୁ ବାନ୍ଧିଦେଇ,
ଆଖିରେ ଆଖିଏ ଗର୍ବ ନେଇ,
ଅନେକ କିଛି ସହ୍ୟ କରେ,
ଅଜାଣତରେ ବୋହିଯାଉଥିବା
ଅଶ୍ରୁକୁ ପୋଛିଦେଇ,
ନିଜକୁ ଏକ ଶହୀଦ ଯବାନର
ପତ୍ନୀ ବୋଲାଏ।

ମୋ: ୮୬୫୮୫୨୮୫୭୭

## କାଳକାଳକୁ

**''ପାଗଳ ହେବାରେ ଏକ ଆନନ୍ଦ ଅଛି,**
**ଯାହା ଆଉ କେହି ନୁହେଁ,**
**ଏକା ପାଗଳ ହିଁ ଜାଣେ।''**
**– ଜନ୍ ଡ୍ରାଇଡେନ୍**



**ଜନ୍ ଡ୍ରାଇଡେନ୍**ଙ୍କ ଜନ୍ମ ୯ ଅଗଷ୍ଟ ୧୬୩୧ରେ, ଇଂଲଣ୍ଡର ଆଲ୍ଡୱଇଙ୍କିଲ୍‌ରେ ଓ ପରଲୋକ ୧୨ ମେ ୧୭୦୦ରେ, ଲଣ୍ଡନରେ। ଏକାଧାରରେ କବି, ସମାଲୋଚକ, ଅନୁବାଦକ ଓ ନାଟ୍ୟକାର ଡ୍ରାଇଡେନ୍ ଇଂଲିଶ୍ ସାହିତ୍ୟରେ ତାଙ୍କର ବ୍ୟଙ୍ଗାତ୍ମକ ରଚନା ପାଇଁ ବେଶୀ ପ୍ରସିଦ୍ଧ। 'ଅଲ୍ ଫର୍ ଲଭ୍', 'ଦ ଇଣ୍ଡିଆନ୍ କୁଇନ୍', 'ଆଉରଙ୍ଗଜେବ୍' ଓ 'ଦ କଂକ୍ୱେଷ୍ଟ ଅଫ୍ ଗ୍ରାନାଡ଼ା' ନାଟକର ସେ ସଫଳ ସ୍ରଷ୍ଟା। ଜନ୍ ଡନ୍ ଓ ଜନ୍ ମିଲଟନ୍‌ଙ୍କ ପରେ ସେ ହେଉଛନ୍ତି ଇଂଲିଶ୍ ଭାଷାରେ ସବୁଠୁଁ ବଡ଼ କବି ତଥା ସେକ୍ସପିୟର୍ ଓ ବେନ୍ ଜନ୍‌ସନ୍‌ଙ୍କ ପରେ ସବୁଠୁଁ ଖ୍ୟାତନାମା ନାଟ୍ୟକାର। ତାଙ୍କ ସମୟକୁ ଇଂଲିଶ୍ ସାହିତ୍ୟର 'ଡ୍ରାଇଡେନ୍ ଯୁଗ' ବୋଲି ଅଭିହିତ କରାଯାଏ। ସେ କହିଥିଲେ- 'ଈର୍ଷା ହେଉଛି ଆତ୍ମାର ଜଣ୍ଡିସ୍' ଏବଂ ''ଆଗ ଆମେ ଆମ ଅଭ୍ୟାସ ତିଆରି କରୁ ଓ ପରେ ଆମ ଅଭ୍ୟାସ ଆମକୁ ତିଆରି କରେ।''

## ପୁସ୍ତକ ପରିଚୟ

### ଆଞ୍ଜୁଳାଏ ଜଳ



**ଲେଖିକା:** ଅର୍ଚ୍ଚନା ନାୟକ
**ପ୍ରକାଶକ:** ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୫୦୦/-

ଆଲୋଚ୍ୟ ପୁସ୍ତକଟି ଲେଖିକାଙ୍କର ଏକ ସ୍ମୃତିଲିପି। ପୁସ୍ତକର ପ୍ରଚ୍ଛଦଲେଖରେ କୁହାଯାଇଛି: ''ସାଧାରଣ ଭାବରେ ବଞ୍ଚୁଥିବା ଜଣେ ମଣିଷର ଜୀବନରେ ବେଳେବେଳେ କିଛି ଅସାଧାରଣ ଘଟଣା ଘଟିଥାଏ, କିଛି ଅସାମାନ୍ୟ ଅନୁଭୂତି ମଧ୍ୟ ହୋଇଥାଏ। ସେହି ପ୍ରକାରର କିଛି ସ୍ମୃତିକଥାକୁ ନେଇ ଏହି ପୁସ୍ତକଟିର ପରିକଳ୍ପନା କରାଯାଇଛି।'' ମୋଟ ୩୦ଟି ପ୍ରସଙ୍ଗ ଓ ଏଥିସହ କେତୋଟି ଉପପ୍ରସଙ୍ଗରେ ଲେଖିକା ତାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅନୁଭବକୁ ଲିପିବଦ୍ଧ କରିଛନ୍ତି। ଆରମ୍ଭରେ କବିତାରେ ପାଠକମାନଙ୍କ ପ୍ରତି ଏକ ଆବେଦନ ରହିଛି। ସକାଳର ସୂର୍ଯ୍ୟଙ୍କୁ ଟେକିଦେଉଥିବା ଜଳ ଆଙ୍ଗୁଠି ସନ୍ଧିରୁ ଝରିଗଲା ପରେ ଯାହା ହାତପାପୁଲିରେ ରହେ, ସେତକ କଥା ସେ ଏ ବହିଟିରେ ସମ୍ପାଦିଛନ୍ତି ଓ ଏହାର ସଫଳତା/ବିଫଳତାର ବିଚାର ପାଠକଙ୍କ ଉପରେ ଛାଡ଼ିଦେଇଛନ୍ତି। ବହିଟିରେ ଏପରି ସବୁ କଥା କୁହାଯାଇଛି, ଯାହା ବେଳେବେଳେ ଅଲୌକିକ କାହାଣୀ ପରି ଲାଗେ। 'ଶୂନ୍ୟରୁ ଲଡ୍ଡୁ, ଶୂନ୍ୟରୁ ପଦ୍ମ' ଏହିପରି ଗୋଟିଏ ପ୍ରସଙ୍ଗ। ଜଣେ ସାଧାରଣ ପିଅନର ସ୍ତ୍ରୀ, ଯାହାଙ୍କୁ ପ୍ରତି ମଙ୍ଗଳବାର ମା' ଭଗବତୀ ପ୍ରସନ୍ନ ହୁଅନ୍ତି, ସେ ଶୂନ୍ୟରୁ ଲଡ୍ଡୁ ତୋଳି ଆଣିପାରନ୍ତି ଓ ଜଣେ ସାଧାରଣ ଲେଖକ ଶୂନ୍ୟରୁ ରକ୍ତପଦ୍ମ ଉପୁଜାଇ ପାରନ୍ତି। ଏହା ସହଜରେ ବିଶ୍ୱାସଯୋଗ୍ୟ ନ ହେଲେ ବି ଏହା ପଛର ପାରବୈଜ୍ଞାନିକ କାରଣ ଅନୁସନ୍ଧାନ ପାଇଁ ପାଠକର ମନ ବଳେ। ହେତୁବାଦୀମାନେ ଏ ବହିଟି ପଢ଼ିବା ଉଚିତ ଓ ଆମ ଗୋଚରୀଭୂତ ଜ୍ଞାନ ବାହାରେ ଥିବା ଅଗୋଚର ଓ ଅପ୍ରକଟ ରହସ୍ୟର ସୂତ୍ର ଉନ୍ମୋଚନ ଦିଗରେ ପ୍ରୟାସୀ ହେବା ପ୍ରୟୋଜନୀୟ ମନେହୁଏ। ଅର୍ଚ୍ଚନାଙ୍କ କହିବା ଢଙ୍ଗଟି ଆପାତତଃ ଅବିଶ୍ୱସନୀୟତାକୁ ବିଶ୍ୱାସରେ ରୂପାୟିତ କରିବାର କୌଶଳ ଜାଣେ, ତେଣୁ ଚେତନାରୁ ଚେତନାନ୍ତରକୁ ଘେନିଯାଏ।

### ଛାଇପଛରେ ଗୋଡ଼ାଉଥିବା ଅତୀତ



**କବି:** ଡ. ଜଗତ୍‌ବନ୍ଧୁ ଆଚାର୍ଯ୍ୟ
**ପ୍ରକାଶକ:** ସ୍ୱାବଲମ୍ବନ ପବ୍ଲିଶର୍ସ, ବାଲିଆ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୯୯/-

ମୋଟ ୪୮ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ ଓ କବିତାଗୁଡ଼ିକୁ ପଢ଼ିଲେ ମନେହୁଏ ଯେପରି ଏହା କବିଙ୍କର ନିଜ ସହ ଏକାନ୍ତରେ କଥୋପକଥନ। କବି ''କବିତା ନିଜେ ନିଜର ସାକ୍ଷୀ'' ଶୀର୍ଷକ ଗଦ୍ୟଲେଖରେ ଲେଖିଛନ୍ତି: ''ମୋ' କବିତା ସ୍ୱପ୍ନର ଛବି ଆଙ୍କି ମୋ' ପଛରେ ଛାଇପରି ଗୋଡ଼ାଉଥାଏ। ମୁଁ ତା' ପଛରେ କି ସେ ମୋ' ପଛରେ ଗୋଡ଼ାଏ ଏବେ ବି ବୁଝିବାକୁ ସମୟ ଆସିନି।'' ଶୀର୍ଷକ କବିତା 'ଛାଇ ପଛରେ ଗୋଡ଼ାଉଥିବା ଅତୀତ'ରେ ଠାଏ କୁହାଯାଏ: ''ତା' ନିଜ ଶରୀରରୁ ଜନ୍ମ ନେଇ,/ ଛାଇ ତାକୁ ସବୁବେଳେ/ ସକାଳରୁ ସଞ୍ଜ, ଗୋଡ଼େଗୋଡ଼େ ଜଗି ବସିଥାଏ/ ଶୈଶବରୁ ଶବାଧାର x x ସମୟ ସୁଯୋଗ ଉଣ୍ଡି/ ଝାମ୍ପିନେବ ପୋଖରୀରୁ ମାଛ।'' ଜୀବନ ଆଉ ମୃତ୍ୟୁର ଏ ଖେଳ, ଯାହାକୁ ପ୍ରତୀକାତ୍ମକ ଭାବେ କବି କବିତାଟିରେ ଆଙ୍କିଛନ୍ତି। ବହିଟି ସାରା ଅବକାଶ ମାତ୍ରେ ପଛରେ ଛାଡ଼ି ଆସିଥିବା ଜୀବନକୁ କବି ଭେଟନ୍ତି, ମୁଗ୍ଧ ହୁଅନ୍ତି ଓ ବିଷାଦରେ ଦୀର୍ଘଶ୍ୱାସ ପକାନ୍ତି। 'ବାରିପଦାରେ ବିତିଥିବା ରାତିଟିଏ' ଓ 'ଜରି ଗୋଟାଉଥିବା ଝିଅ ପ୍ରତି' ଭଳି କବିତା ଚିହ୍ନାଇଦିଏ କବିତାରେ କବିଙ୍କର ଅନୁଭୂତି ଓ ଅଭିଜ୍ଞାନର ଆଡ଼ଦୀର୍ଘ ବହର। 'ବାପା: ବତିଶ ବର୍ଷ ପରେ' କବିତାଟି ଭିତରେ ଅକ୍ଷର ଅପେକ୍ଷା ଅଶ୍ରୁ ଓ ହାହାକାରକୁ ବେଶି ଭେଟିହୁଏ। 'ବାପା ଯେମିତି ଘରର ମୁଖ୍ୟ ଦ୍ୱାରର କବାଟ'- ଏ ଅନୁଭୂତି ଗଭୀର ହୁଏ ବାପା ଚାଲିଗଲା ପରେ। ଘରେ ଲାଗିଥିବା ପ୍ରତିମୂର୍ତ୍ତିଟି ଭିତରେ ବାପାଙ୍କୁ ଭେଟନ୍ତି କାବ୍ୟନାୟକ। ଏ ଆନନ୍ଦ ଲୁହକୁ ବାହନ କରି ଆସେ। କବି 'ପାଗଳ ବ୍ରହ୍ମା' ଓ 'ଦ୍ୱିତୀୟ ଈଶ୍ୱର' ଏବଂ କବିତା କବିର 'ପ୍ରଣବ ଧ୍ୱନି' ଯାହା କବିକଣ୍ଠରୁ ଅସୀମ ଆକାଶ ଆଡ଼େ ଉଠିଯାଏ। 'ଭଙ୍ଗାଚୁଲିରେ ଭୋକର ନିଆଁ ଜଳେ' ଭଳି ଦୁର୍ଲଭ ଧାଡ଼ିଗୁଡ଼ିକୁ ବହିଟିରେ ଭେଟେ ପାଠକ। ଯାହା ହାତକୁ ଯିବ ବହିଟି, ସେ ଅବଶ୍ୟ କୃତାର୍ଥ ହେବ।

## ପୁଣ୍ୟ
**ମୟୂରୀ ଦାଶ**

ଲଘୁ ଗଳ୍ପ

ଆଜି ଆଉ ଥରେ ମଉଳିଗଲା ସବୁ ଫୁଲ ଠାକୁରଙ୍କୁ ଚଢ଼େଇବା ପୂର୍ବରୁ। ବାରମାସି ହେଉ କି ଶୀତଦିନିଆ ଅବା ବର୍ଷାଦିନିଆ, ଏମିତି ସମୟରେ ଫୁଲ ମଉଳିଯିବା କେବେ ଦେଖିନାହାନ୍ତି ସୁଧାକର। କ'ଣ ହେଉଛି କେଜାଣି ଠାକୁରଙ୍କୁ ଚଢ଼େଇବାର କିଛି ସମୟ ପୂର୍ବରୁ ସବୁ ଫୁଲ ଝାଉଁଳି ଯାଉଛି। ଆଜି ପୁଣି ଥରେ ମୁହଁ ଆମ୍ବିଳା କରି ସବୁ ଫୁଲକୁ ଫିଙ୍ଗି ଆସିଲେ। ଏସବୁ କାମ ନିତିଦିନିଆ ହେଇଗଲାଣି।

ଭୋର୍ ୫ଟାରୁ ଉଠନ୍ତି ସୁଧାକର ନିତ୍ୟକର୍ମ ସାରି ଫୁଲ ତୋଳିବା ପାଇଁ। ତାଙ୍କର କୋଉ ବଗିଚା ଅଛି ଯେ ତୋଳିବେ? ସେଥିପାଇଁ ନିର୍ଭର କରନ୍ତି ପଡ଼ୋଶୀ କେତେଜଣଙ୍କ ପାଚେରି ପାଖରେ ଠିଆ ହୋଇ ରାସ୍ତାକୁ ଦେଖୁଥିବା କେତୋଟି ଗଛ ଉପରେ। ହେଲେ ପଡ଼ୋଶୀମାନଙ୍କ ଅଧୁଆ ମୁହଁରେ ମୃଦୁ ଗୁଞ୍ଜରିତ ଗାଳି ସୁଧାକରଙ୍କର ଆଦୌ ପସନ୍ଦ ନୁହେଁ। ତେଣୁ ଭୋ'ରୁ ଉଠି ଫୁଲ ତୋଳିବା କାମ ସାରିଦିଅନ୍ତି। ଗାଁରେ ରହିବାବେଳେ ସେ ନିଜେ ଆକାଶୀ, ଟଗର, ଦୁଇଟି ରଙ୍ଗର ମନ୍ଦାର, ଚମ୍ପା, ଅପରାଜିତା ଆଦି ଗଛ ଲଗେଇ ତାହାର ଯତ୍ନ ନେଉଥିଲେ। ଆଉ ଏଇଆ ବି ଭାବିଥିଲେ ଗାଁ ଛାଡ଼ି ସହରରେ ରହିଲେ ଘର ସାମ୍ନାରେ ଗୋଟେ ବଡ଼ ବଗିଚା କରିବେ। ଘର ତ ହେଲା, ହେଲେ ବଗିଚାର ସ୍ୱପ୍ନ ଅଧାରେ ରହିଗଲା। ତାଙ୍କ ସ୍ତ୍ରୀ କଦାପି ଚାହୁଁ ନ ଥିଲେ ଜାଗା ବରବାଦ କରି ଏଣେତେଣେ ଗଛ ଲଗେଇ ସାପ ବେଙ୍ଗ ବିଛାଙ୍କୁ ଆମନ୍ତ୍ରଣ ଦେବାକୁ। ତାଙ୍କ ବରାଦରେ ଦାଣ୍ଡ ଅଗଣା ଓ ବାଡ଼ି ଅଗଣାର ଶତକଡ଼ା ନବେ ଭାଗକୁ ସିମେଣ୍ଟ ଅଗଣାରେ ପରିଣତ କରିଦିଆଗଲା। ତା' ଉପରେ ଗମଲା ରଖି କ୍ରୋଟନ, ଶୋ' ଗଛ, ଗୋଲାପ ଓ କେତୋଟି ଇଂରେଜୀ ଫୁଲଗଛ ଲଗାଗଲା, ଯୋଉ ଗଛଗୁଡ଼ିକରେ ଅକାଳେସକାଳେ କେବେ ଫୁଲ ଫୁଟେନାହିଁ। ସେଥିପାଇଁ ପଡ଼ୋଶୀମାନଙ୍କ ଫୁଲଗଛ ଉପରେ ନିର୍ଭର କରୁଥିଲେ ସୁଧାକର। ହେଲେ ବର୍ତ୍ତମାନ ପରିସ୍ଥିତି ଗମ୍ଭୀର ଆଡ଼କୁ ଗଲାଣି। ପ୍ରତିଦିନ ଏମିତି ଫୁଲ ମଉଳିଯିବା ଶୁଭ ସଂକେତ ନୁହେଁ, ଠାକୁର ଅସଜା ହେଇ ରହିଯାଉଛନ୍ତି। ତା'ଛଡ଼ା ନିତି ଫୁଲ ଦୋକାନରୁ ଫୁଲ କିଣି ଆଣି ଚଢ଼େଇବା ସମ୍ଭବ ନୁହେଁ।

ସୁଧାକର ଏମିତି ପରିସ୍ଥିତି ବିଶ୍ଳେଷଣ କଲାବେଳେ କାନ୍ଥଘଣ୍ଟାରେ ନଜର ପଡ଼ିଲା। ସମୟ ନଅଟା ବାଜି ଚାଳିଶ ମିନିଟ୍। ଧଡ଼ପଡ଼ ହେଇ ବାହାରିଲେ ଅଫିସ୍। ବାରଣ୍ଡାରୁ ଗାଡ଼ି କାଢ଼ିବା ବେଳେ ଦେଖିଲେ ଚଉଁରା ପାଖ ଗମଲାରେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଫିକା ଲାଲ୍‌ରଙ୍ଗର ଗୋଟେ ଗୋଲାପ ଫୁଟିଛି। ତୋଳିବାକୁ ଚାହୁଁ ନ ଥିଲେ ମଧ୍ୟ ଫୁଲ ତୋଳି ଆଣି ସଙ୍ଗେ ସଙ୍ଗେ ଦଉଡ଼ିଯାଇ ଠାକୁରଙ୍କ ପାଦତଳେ ରଖିଦେଇ ଅଫିସ ବାହାରି ପଡ଼ିଲେ। ଅଫିସ୍ କାମରେ ଘର କଥା ସବୁ ଭୁଲିଯା'ନ୍ତି ସେ। ଆଜି ମଧ୍ୟ କିଛି ବ୍ୟତିକ୍ରମ ନ ଥିଲା। କିନ୍ତୁ ପ୍ରତିଦିନ ଭଳି ଘରକୁ ଆସି ଗୋଡ଼ ହାତ ଧୋଇ ସନ୍ଧ୍ୟା ଦେବାବେଳେ ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। କାରଣ ସକାଳର ସେଇ ଗୋଲାପ ଫୁଲଟି ସନ୍ଧ୍ୟା ପର୍ଯ୍ୟନ୍ତ ସତେଜ ହୋଇ ରହିଥିଲା, ଯେମିତି ସେ ଛାଡ଼ି ଯାଇଥିଲେ। ଏହାର ତାତ୍ପର୍ଯ୍ୟ ବୁଝିବାକୁ ଆଉ ସମୟ ଲାଗିଲା ନାହିଁ। ଆଖି ଆଗରେ ଝଲସି ଯାଉଥିଲା ଗଛ ଲଗେଇବାଠୁ ଆରମ୍ଭ କରି ଗୋବରଖତ ଦେବା, ପାଣି ସିଞ୍ଚିବା ସହ ଯତ୍ନନେବା ଆଉ ଗଛକୁ ବଡ଼ କରିବାର ପ୍ରକ୍ରିୟା। ସୁଧାକର ଏଥର ବୁଝିଯାଇଥିଲେ ଯେ, ଅନ୍ୟର ଝାଳବୁହା ପରିଶ୍ରମରେ ଉଦ୍ଧୁରିଥିବା ଗଛରେ ନୁହେଁ, ପୁଣ୍ୟ ଫୁଲ ହେଇ ଫୁଟେ ନିଜର ହାତଲଗା ଗଛରେ।



ମୋ: ୬୩୭୧୮୦୬୩୦୨




# ମାଳତୀ, ରାଖାଲ, ରମେଶଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)**

ଲଣ୍ଡନରେ ଚାଲିଥିବା ରାଜ୍ୟଗୋଷ୍ଠୀ ହୁଇଲଚେୟାର ଫେନ୍ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ମାଳତୀ ପାନାଉରେ, ରାଖାଲ କୁମାର ସେଠୀ ଓ ରମେଶ ରାଓ ରୌପ୍ୟ ପଦକ ହାସଲ କରିଛନ୍ତି। ମାଳତୀ ବ୍ୟକ୍ତିଗତ ଫଏଲ ଇଭେଣ୍ଟରେ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ରେଖାଙ୍କୁ ୧୫-୧୩ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ନିର୍ଣ୍ଣାୟକ ମୁକାବିଲାରେ ସେ ଇଂଲଣ୍ଡର ଜେମା କଲମେନଙ୍କଠାରୁ ୪-୧୫ରେ ହାରି ଯାଇଥିଲେ। ଫଳରେ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସେହିପରି ହୁଇଲ ଚେୟାର ପୁରୁଷ ଇପି ଦଳଗତ ବିଭାଗରେ ରୌପ୍ୟ ପଦକ ପାଇଥିବା ଭାରତୀୟ ଦଳରେ ରାଖାଲ ଓ ରମେଶ ସାମିଲ ଥିଲେ। ପ୍ରବୀଣ ରାଘାଭେନ୍ଦ୍ର, ରାଖାଏ ଓ ରମେଶଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ଇଂଲଣ୍ଡଠାରୁ ୩୭-୪୫ରେ ହାରି ଯାଇଥିଲା। ପ୍ରକାଶଯୋଗ୍ୟ ଯେ, ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୧୦ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ମାଳତୀ, ରମେଶ ରାଓ ଏବଂ ରାଖାଲ୍ କୁମାର ସେଠୀ ସାମିଲ ହୋଇଥିଲେ। ଏହି ସଫଳତା ପାଇଁ ଖେଳାଳିମାନଙ୍କୁ ହୁଇଲଚେୟାର ଫେନ୍ସିଂ ଆମ୍ପ୍ୟୁଟି ସ୍ପୋର୍ଟ୍ସ ଅଫ୍ ଇଣ୍ଡିଆ ସଭାପତି ଜେ. ଚନ୍ଦ୍ରଶେଖର, ଓଡ଼ିଶା ହୁଇଲଚେୟାର ଫେନ୍ସିଂ ଅଧ୍ୟକ୍ଷ ବେଲା ଜସୱାଲ ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୩/୨୦୨୨ (୧୨+୮=୨୦ ପୃଷ୍ଠା) Bhubaneswar, Saturday, August 13/2022 Page 20 | ପୃଷ୍ଠା-୧



**ଭାରତୀୟ ଦଳରେ ଆଶିଷ**

ତେହେରାନଠାରେ ହେବାକୁ ଥିବା ୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ ଚାମ୍ପିୟନଶିପ ପାଇଁ ଭାରତୀୟ ଦଳରେ ଓଡ଼ିଶାର ଆଶିଷ କୁମାର ସ୍ୱାଇଁ ସ୍ଥାନ ପାଇଛନ୍ତି। ୦୭

୦୨ **ମୌନୀଙ୍କ ଟଲିଉଡ୍ ପ୍ରେମ**

ବଲିଉଡ୍ ଅଭିନେତ୍ରୀ ମୌନୀ ରାୟ ସାଉଥ୍ ଫିଲ୍ମରେ କାମ କରିବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି।



# ଓଡ଼ିଶା ଆଗକୁ ବଢ଼ିବା ଚିତ୍ର ସ୍ପଷ୍ଟ ହେଉଛି: ମୁଖ୍ୟମନ୍ତ୍ରୀ

**ବାରିପଦା ଅଫିସ/ ମୋରଡ଼ା, ୧୨।୮(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସି ଦୁଇଟି ପ୍ରମୁଖ ଜଳସେଚନ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଏହା ସହିତ ଜିଲାର ଅନେକ ବିକାଶମୂଳକ କାର୍ଯ୍ୟର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୁବର୍ଣ୍ଣରେଖା ପ୍ରକଳ୍ପ ମାଧ୍ୟମରେ ୬୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ଅତିରିକ୍ତ ୧୭,୧୨୧ହେକ୍ଟର ଚାଷଜମି ପାଇଁ ଜଳସେଚନ ସୁବିଧା ଏବଂ ୮୨୩କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କରଞ୍ଜିଆ ବ୍ଲକ ହାତୀବାରିଠାରେ ଦେଓ ନଦୀ ଉପରେ ନିର୍ମିତ ୧୨୮୦ମିଟର ଦୈର୍ଘ୍ୟ ବିଶିଷ୍ଟ ବନ୍ଧର ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ୫୮କି.ମି. କେନାଲରେ ଜଳସେଚନର ଶୁଭ ଉଦ୍‌ଘାଟନ କରିଛନ୍ତି।

ରାସଗୋବିନ୍ଦପୁରସ୍ଥିତ ଟିକପଦାଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଜାତି ଭଉଣୀଭାଇମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଆଜି ସୁଫଳ ଦେବା ଆରମ୍ଭ କରିଛି। ଶିକ୍ଷା ଓ ରୋଜଗାର ଜରିଆରେ ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ବହୁତ ଆଗକୁ ଯାଇପାରିଛି। ଜନଜାତି ପିଲାମାନେ ଆଜି ସେମାନଙ୍କ ଦକ୍ଷତା ବଳରେ ଦେଶବିଦେଶରେ ସୁନାମ ଅର୍ଜନ କରିପାରୁଛନ୍ତି। ସୁବର୍ଣ୍ଣରେଖା ଅତିରିକ୍ତ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୫୫ହଜାର ଚାଷୀ ଉପକୃତ ହୋଇପାରିବେ। ସୁବର୍ଣ୍ଣରେଖା ରାଜ୍ୟ ସରକାରଙ୍କ ଏକ ବୃହତ ଜଳସେଚନ ପ୍ରକଳ୍ପ। ଏହାଦ୍ୱାରା ସମୁଦାୟ ୭୦ହଜାର ହେକ୍ଟର ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୫୦ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ପାଣି ସୁବିଧା କରାଯାଇଛି। ସେହିପରି ଦେଓ ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ଲୋକାର୍ପଣ କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିକାଶ ଏବଂ କଲ୍ୟାଣମୂଳକ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ସବୁ କାର୍ଯ୍ୟକ୍ରମ ଲୋକଙ୍କୁ ସଶକ୍ତ କରିଛି ଏବଂ ଲୋକଙ୍କ ଆଦର ଲାଭ କରିଛି। ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟ ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଯେତେବେଳେ ମୟୂରଭଞ୍ଜର ପିଲାଟିଏ ଗାଁ ସ୍କୁଲରେ ବିଶ୍ୱସ୍ତରୀୟ ଶିକ୍ଷା ସୁବିଧା ପାଉଛି, ସେତେବେଳେ କେବଳ ପିଲା ନୁହେଁ ବା ଗାଁ ନୁହେଁ, ସାରା ଓଡ଼ିଶା ଆଗକୁ ବଢ଼ିବାର ଚିତ୍ର ସ୍ପଷ୍ଟ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଲୋକାର୍ପିତ ହୋଇଥିବା ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜର ପ୍ରାୟ ୯୯୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିବା ସହିତ ୧୦୦ ଗ୍ରାମର ପ୍ରାୟ ୨ଲକ୍ଷ ଲୋକ ଉପକୃତ ହେବେ। ଅନ୍ୟମାନଙ୍କ ମଧ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମୋରଡ଼ା ବିଧାୟକ ☞ପୃଷ୍ଠା-୭



ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ ପାଣ୍ଡିଆନ, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଓ ମୟୂରଭଞ୍ଜ ଜିଲା ପରିଷଦ ସଭାପତି ଭାରତୀ ହାଁସଦା।

- **ଦେଓ, ସୁବର୍ଣ୍ଣରେଖା ଅତିରିକ୍ତ ଜଳସେଚନ ପ୍ରକଳ୍ପ ଲୋକାର୍ପିତ**
- **ଉପକୃତ ହେବେ ମୟୂରଭଞ୍ଜ, ବାଲେଶ୍ୱର ଜିଲାର ୫୫ ହଜାର ଚାଷୀ**




# ସଲ୍‌ମାନ ରଶ୍‌ଡିଙ୍କୁ ଛୁରାମାଡ଼



ଛୁରାମାଡ଼ ପରେ ତଳେ ପଡ଼ିଯାଇଛନ୍ତି ସଲ୍‌ମାନ ରଶ୍‌ଡି। ଇନ୍‌ସେଟ୍‌ରେ ସଲ୍‌ମାନ ରଶ୍‌ଡି।

**ଚୌଟାଉକା, ୧୨।୮**

ବୁକର ପୁରସ୍କାର ବିଜେତା ଭାରତ ଜନ୍ମିତ ଖ୍ୟାତନାମା ଔପନ୍ୟାସିକ ସଲମାନ ରଶ୍‌ଡିଙ୍କୁ ଶୁକ୍ରବାର ଆମେରିକାର ପଶ୍ଚିମ ନ୍ୟୁୟର୍କସ୍ଥିତ ଏକ ବକ୍ତୃତା ମଞ୍ଚରେ ଛୁରାମାଡ଼ ହୋଇଛି। ଚୌଟାଉକା ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ସ୍ଥାନୀୟ ସମୟ ପୂର୍ବାହ୍ନ ୧୦ଟା ୪୫ରେ ବକ୍ତୃତା କାର୍ଯ୍ୟକ୍ରମ ଚାଲିଥିବାବେଳେ କଳା ବସ୍ତ୍ର ପରିହିତ ଜଣେ ବ୍ୟକ୍ତି ମଞ୍ଚ ଉପରକୁ ମାଡ଼ିଯାଇ ରଶ୍‌ଡିଙ୍କୁ ଛୁରାମାଡ଼ କରିଥିଲେ। ରଶ୍‌ଡି ମଞ୍ଚରେ ପଡ଼ିଯାଇଥିଲେ। ୭୫ ବର୍ଷୀୟ ରଶ୍‌ଡିଙ୍କ ବେକରେ କ୍ଷତ ହେବା ସହ ମୁଣ୍ଡରେ ଆଘାତ ଲାଗିଥିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲ ନିଆଯାଇଛି। ରଶ୍‌ଡିଙ୍କ ସାକ୍ଷାତ୍‌କାର ନେବା ଲାଗି ଷ୍ଟେଜ୍‌ରେ ଥିବା ଜଣେ ବ୍ୟକ୍ତିଙ୍କ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି। ଉପସ୍ଥିତ ଶ୍ରୋତାମାନେ ଆକ୍ରମଣକାରୀଙ୍କୁ କାବୁ କରିବା ପରେ ପୋଲିସ ଗିରଫ କରି ତଦନ୍ତ ଚଳାଇଛି। ତଦନ୍ତରେ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ନ୍ୟୁୟର୍କ ଗଭର୍ନର କ୍ୟାଥି ହୋଚୁଲ୍ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

'ମିଡ୍‌ନାଇଟ୍‌ସ ଚିଲ୍ଡ୍ରେନ୍' ଉପନ୍ୟାସ ପାଇଁ ରଶ୍‌ଡି ବୁକର ପୁରସ୍କାର ପାଇଥିଲେ। ତାଙ୍କର ଚତୁର୍ଥ ପୁସ୍ତକ 'ସାଟାନିକ ଭର୍ସେସ'କୁ ନେଇ ବିବାଦ ଦେଖାଦେବା ପରେ ୧୯୮୮ରେ ଇରାନ ଏହାକୁ ବେଆଇନ ଘୋଷଣା କରିଥିଲା। ଫଳରେ ରଶ୍‌ଡି ୯ ବର୍ଷ ଧରି ଆତ୍ମଗୋପନ କରିଥିଲେ। ଅଧିକାଂଶ ମୁସଲମାନ ଉକ୍ତ ପୁସ୍ତକକୁ 'ଆଲ୍ଲା ନିନ୍ଦାକାରୀ' ବିବେଚନା କରିଥାନ୍ତି। ଏହାର ବର୍ଷକ ପରେ ୧୯୮୯ରେ ଇରାନର ତତ୍କାଳୀନ ସୁପ୍ରିମ ଲିଡର ☞ପୃଷ୍ଠା-୭

# ଘରଭଡ଼ା ଉପରେ ୧୮% ଜିଏସ୍‌ଟି

**ନୂଆଦିଲ୍ଲୀ, ୧୨।୮**

- **ପଞ୍ଜୀକୃତ ବ୍ୟବସାୟିକ ସଂସ୍ଥା ପୈଠ କରିବେ**
- **ଭଡ଼ାଘରେ ରହୁଥିବା ବେତନଭୋଗୀଙ୍କୁ ଦେବାକୁ ପଡ଼ିବନି ଟିକସ**

ଗତ ଜୁଲାଇ ୧୮ରେ କାର୍ଯ୍ୟକାରୀ ହୋଇଥିବା ନୂଆ ଜିଏସ୍‌ଟି ନିୟମାବଳୀ ଅନୁଯାୟୀ ଭଡ଼ାଟିଆମାନଙ୍କୁ ଘର ବା ସମ୍ପତ୍ତି ଭଡ଼ା ଉପରେ ୧୮ ପ୍ରତିଶତ ଦ୍ରବ୍ୟ ଓ ସେବା ଟିକସ ଦେବାକୁ ପଡ଼ିବ। ଏହା କେବଳ ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ଭଡ଼ାଟିଆଙ୍କ ପାଇଁ ଲାଗୁ ହେବ, ଅର୍ଥାତ୍ ଜିଏସ୍‌ଟି ପଞ୍ଜୀକୃତ ବ୍ୟକ୍ତି ଘର ବା ଜମି ଭଡ଼ାରେ ନେଇ ବ୍ୟବସାୟ ଚଳାଉଥିଲେ କିମ୍ବା କୌଣସି ପେସାରେ ନିୟୋଜିତ ଥିଲେ ସେ ମାଲିକଙ୍କୁ ୧୮ ପ୍ରତିଶତ ଜିଏସ୍‌ଟି ପ୍ରଦାନ କରିବେ। ଘର ଭଡ଼ା ନେଇ ରହୁଥିବା ବ୍ୟକ୍ତିଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ।

ପୂର୍ବରୁ କେବଳ ଅଫିସ୍ କିମ୍ବା ବ୍ୟବସାୟ ଚଳାଇବା ପାଇଁ ଭଡ଼ାରେ କିମ୍ବା ଲିଜ୍‌ରେ ନେଇଥିବା ବ୍ୟବସାୟିକ ସମ୍ପତ୍ତି ଉପରେ ଜିଏସ୍‌ଟି ଲାଗୁ ହେଉଥିଲା। ଆବାସିକ ସମ୍ପତ୍ତି କୌଣସି କର୍ପୋରେଟ ହାଉସ କିମ୍ବା ବ୍ୟକ୍ତିବିଶେଷ ଭଡ଼ା ଅଥବା ଲିଜ୍‌ରେ ନେଇଥିଲେ ଏଥିପାଇଁ ଜିଏସ୍‌ଟି ଦେବାକୁ ପଡୁ ନ ଥିଲା। ତେବେ ନୂଆ ନିୟମାବଳୀରେ ରିଭର୍ସ ଚାର୍ଜ ମେକାନିଜମ୍ (ଆର୍‌ସିଏମ୍) ଅଧୀନରେ ଜିଏସ୍‌ଟି ପଞ୍ଜୀକୃତ ଭଡ଼ାଟିଆ ଟିକସ ପୈଠ କରିବେ। ସେମାନେ ପୈଠ କରିଥିବା ଜିଏସ୍‌ଟି ଉପରେ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍‌ରେ ଡିଡକ୍ସନ ଦାବି କରିପାରିବେ ଏବଂ ଜିଏସ୍‌ଟି ରିଟର୍ନ ଫାଇଲ କରିପାରିବେ। ତେବେ ସମ୍ପତ୍ତିର ମାଲିକ ଜିଏସ୍‌ଟି ପ୍ରଦାନ କରିବେ ନାହିଁ।

ସେହିପରି ସାଧାରଣ ବେତନଭୋଗୀ କର୍ମଚାରୀ ଆବାସିକ ଘର ବା ଫ୍ଲାଟ ଭଡ଼ା କିମ୍ବା ଲିଜ୍‌ରେ ନେଇ ରହିଥିଲେ, ସେଥିପାଇଁ ଜିଏସ୍‌ଟି ଦେବାକୁ ପଡ଼ିବ ନାହିଁ। ଜିଏସ୍‌ଟିରେ ପଞ୍ଜୀକୃତ ହୋଇଥିବା ବ୍ୟକ୍ତି ଉକ୍ତ ଘରେ ବା ସମ୍ପତ୍ତିରେ ବ୍ୟବସାୟ ବା କୌଣସି ପେସା ଚଳାଇଥିଲେ, ମାଲିକଙ୍କୁ ଭଡ଼ା ଉପରେ ୧୮% ଜିଏସ୍‌ଟି ଦେବେ ବୋଲି କ୍ଲିୟରଟ୍ୟାକ୍ସର ପ୍ରତିଷ୍ଠାତା ତଥା ସିଇଓ ଅର୍ଚ୍ଚିତ ଗୁପ୍ତା କହିଛନ୍ତି। ବ୍ୟବସାୟ ବା ପେସା ଚଳାଇଥିବା ବ୍ୟକ୍ତିଙ୍କ ବାର୍ଷିକ କାରବାର ଧାର୍ଯ୍ୟ ସୀମାରୁ ଅଧିକ ହୋଇଥିଲେ, ସେମାନଙ୍କ ପାଇଁ ଜିଏସ୍‌ଟି ପଞ୍ଜୀକରଣ ବାଧ୍ୟତାମୂଳକ।

**ବର୍ଷା ଜଳ ସଂରକ୍ଷଣ ଚିନ୍ତା**

# ଆରମ୍ଭ ହେଲା 'ଛାତ' ଯୋଜନା

**ଭୁବନେଶ୍ୱର, ୧୨।୮ (ବ୍ୟୁରୋ)**

**କ୍ୟାବିନେଟ ନିଷ୍ପତ୍ତି**

- **୫ ବର୍ଷ ପାଇଁ ଖର୍ଚ୍ଚ ହେବ ୨୭୦ କୋଟି**
- **ଲୋକଙ୍କୁ ମିଳିବ ୫୦% ରିହାତି**
- **୧୭ ପ୍ରସ୍ତାବକୁ ମୋହର**

ଭୂତଳ ଜଳ ଉପରେ ନିର୍ଭରତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଇଚାଲିଛି। ସହରାଞ୍ଚଳରେ ଏହି ସ୍ଥିତି ଉତ୍କଟ ହେଲାଣି। ବର୍ଷା ଜଳକୁ ସଂରକ୍ଷଣ କରିବା ସହ ଭୂତଳ ଜଳ ସଞ୍ଚରଣ କରିବା ପାଇଁ ରାଜ୍ୟ ସରକାର 'ଛାତ' (କମ୍ୟୁନିଟି ହାରନେସିଂ ଆଣ୍ଡ ହାରଭେଷ୍ଟିଂ ରେନ୍‌ୱାଟର ଆର୍ଟିଫିସିଆଲି ଫ୍ରମ୍ ଟେରାସ ଟୁ ଆକ୍ୱିଫାୟର) ନାମରେ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଯୋଜନାକୁ ଅନୁମୋଦନ କରାଯାଇଛି। ଛାତ ଉପରେ ବର୍ଷା ଜଳ ଅମଳ କରିବା ପାଇଁ ରାଜ୍ୟ ସରକାର ଏହି ଯୋଜନା ରାଜ୍ୟର ୫୨ ବ୍ଲକ ଓ ୨୨ ସହରାଞ୍ଚଳରେ କାର୍ଯ୍ୟକାରୀ କରିବେ। ଏ ବାବଦରେ ୨୭୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ୨୯ ହଜାର ବେସରକାରୀ କୋଠା ଏବଂ ୧୯୨୫ ସରକାରୀ କୋଠାରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ଯେଉଁ ବ୍ୟକ୍ତି ନିଜ ଛାତ ଉପରେ ବର୍ଷା ଜଳ ଅମଳ ପ୍ରକଳ୍ପ କରିବେ ତାଙ୍କୁ ୫୫ ହଜାର ଟଙ୍କା ଅଥବା ୫୦ ପ୍ରତିଶତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ଯୋଜନା ଭୂତଳ ଜଳ ଉନ୍ନୟନ ନିର୍ଦ୍ଦେଶାଳୟଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

**ତାଳଚେର ନିକଟରେ ହେବ ନଦୀଜଳ ସଂରକ୍ଷଣ ପ୍ରକଳ୍ପ**

ନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ରୁ ୧୧,୭୦୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ଅନୁଗୋଳ ଜିଲାର ତାଳଚେର ବ୍ଲକର ଖଲପାଳ ଗ୍ରାମ ନିକଟରେ ଏକ ☞ପୃଷ୍ଠା-୭

# ବାଘ ଶିକାରୀଙ୍କୁ ଧରାଇଦେଲା ଫଟୋ

**ନୟାଗଡ଼ ଅଫିସ, ୧୨।୮**

- **୪ ବର୍ଷ ତଳେ ୪ଜଣ ଶିକାର କରିଥିଲେ**
- **ଜଣେ ଗିରଫ, ତାର, ଛୁରି ଜବତ**

୪ ବର୍ଷ ତଳେ ୪ଜଣ ବ୍ୟକ୍ତି କଲରାପତରିଆ ବାଘ ଶିକାର କରିଥିଲେ। ଜଣେ ଶିକାରୀ ମୃତ ବାଘ ସହ ଫଟୋ ଉଠାଇଥିଲେ। ଏବେ ସେହି ଫଟୋ ସେମାନଙ୍କୁ ଧରାଇଦେଇଛି। ଏହି ଘଟଣାରେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ ବନ କର୍ମଚାରୀମାନେ ଗୁରୁବାର ସମ୍ପୃକ୍ତ ଶିକାରୀ ସଞ୍ଜୟ ସ୍ୱାଇଁଙ୍କୁ ଗିରଫ କରିଛନ୍ତି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯିବ। ସଞ୍ଜୟଙ୍କଠାରୁ ଶିକାର ସମୟର ତାର ଓ ଛୁରି ଜବତ ହୋଇଛି। ଅନ୍ୟ ୩ ଶିକାରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ତଦନ୍ତରୁ ଜଣାପଡ଼ିଛି। ଅନ୍ୟ ୨ଜଣ ଶିକାରୀଙ୍କୁ ଗିରଫ କରିବାକୁ ବନ ବିଭାଗ ଚେଷ୍ଟା ଚଳାଇଛି। ଏନେଇ ନୟାଗଡ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) କ୍ଷମା ଷଡ଼ଙ୍ଗୀ କୁହନ୍ତି, ବାଘ ଶିକାର ସମୟର ଏକ ଫଟୋ ବନ ବିଭାଗକୁ ଅଗଷ୍ଟ ପ୍ରଥମ ସପ୍ତାହରେ ମିଳିଥିଲା। ଖୋଳତାଡ଼ରୁ ଜଣାପଡ଼ିଲା ଯେ, ବାଘ ସହ ଫଟୋ ଉଠାଇଥିବା ଯୁବକ ଜଣକ ଶରଣକୁଳ ନିକଟ ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ଗୋଡ଼ିପଲ୍ଲୀ ଗାଁର ସଞ୍ଜୟ ସ୍ୱାଇଁ। ସଞ୍ଜୟଙ୍କ ଘରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେହି ସମୟରେ ସଞ୍ଜୟ ନ ଥିଲେ। ସଞ୍ଜୟ ଗୁଜୁରାଟରେ ରହୁଛନ୍ତି ବୋଲି ତାଙ୍କ ସ୍ତ୍ରୀ କହିଥିଲେ। ବନବିଭାଗ ପକ୍ଷରୁ ଏନେଇ ଅଧିକ ତଦନ୍ତ କରିବା ପରେ ସଞ୍ଜୟ ଭୁବନେଶ୍ୱରରେ ରହୁଥିବା ଜଣା ପଡ଼ିଥିଲା। ବନ ବିଭାଗ ପକ୍ଷରୁ ଗିରଫ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ସଞ୍ଜୟ ଗୋଡ଼ିପଲ୍ଲୀସ୍ଥିତ ଘରକୁ ଆସିଥିଲେ। ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଘରୁ ତାର ଓ ଛୁରି ଜବତ କରାଯାଇଛି। ସଞ୍ଜୟଙ୍କ ସୂଚନା ଅନୁସାରେ ବାଘ ଶିକାରରେ ୪ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ତନ୍ମଧ୍ୟରୁ ଜଣେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅନ୍ୟ ଜଣଙ୍କର ନାଁ ସଞ୍ଜୟ କହିଥିବାବେଳେ ଚତୁର୍ଥ ଶିକାରୀଙ୍କ ନାଁ ମନେପଡୁନି ବୋଲି କହିଛନ୍ତି। ତେବେ ବାଘ ଛାଲ ବିକ୍ରି ହୋଇ ନାହିଁ, ତାହା ମୃତ ଶିକାରୀ ଜଣକ ନେଇଥିବା ସେ କହିଛନ୍ତି। ତେବେ ସଞ୍ଜୟ କିଛି କଥା ଲୁଚାଇବା ଭଳି ମନେ ହେଉଛି। ଏଭଳି ସ୍ଥଳେ ଚତୁର୍ଥ ଶିକାରୀଙ୍କୁ ଚିହ୍ନଟ ପାଇଁ ପଚରାଉଚରା ତ୍ୱରାନ୍ୱିତ କରାଯାଇଛି। ଚତୁର୍ଥ ଶିକାରୀ ବାଘ ଛାଲ ରଖିଥାଇପାରନ୍ତି ☞ପୃଷ୍ଠା-୭



# ନବବିବାହିତଙ୍କୁ ମିଳିବ 'ନବଦମ୍ପତି କିଟ୍'

**ଭୁବନେଶ୍ୱର, ୧୨।୮ (ବ୍ୟୁରୋ)**



ନବଦମ୍ପତିଙ୍କ ବୈବାହିକ ଜୀବନକୁ ସୁସ୍ଥ, ସୁନ୍ଦର କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଉପହାର ମାଧ୍ୟମରେ ସଚେତନ କରିବ ଜାତୀୟ ସ୍ୱାସ୍ଥ୍ୟ ମିଶନ। ଉକ୍ତ ଉପହାରର ନାଁ ରହିଛି 'ନବଦମ୍ପତି କିଟ୍'। ଏ ସମ୍ପର୍କରେ ସୂଚନା ଦେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି ଯେ, ନବଦମ୍ପତିମାନେ ପ୍ରଥମ ସନ୍ତାନ ଓ ଦ୍ୱିତୀୟ ସନ୍ତାନ ଲାଗି ଅତିକମ୍‌ରେ ୩ ବର୍ଷର ବ୍ୟବଧାନ ରଖନ୍ତୁ। ନବଦମ୍ପତିଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିବାହ ଉପହାର ଯୋଜନା ଆରମ୍ଭ କରାଯାଉଛି। ସେଥିରେ କିଛି ପରିବାର କଲ୍ୟାଣ ପୁସ୍ତିକା, କଣ୍ଡୋମ, ଓରାଲ କଣ୍ଟ୍ରାସେପ୍ଟିକ ପିଲ୍‌ସ, ପ୍ରେଗ୍‌ନେନ୍ସି ଟେଷ୍ଟିଂ କିଟ୍, ଏମରଜେନ୍ସି କଣ୍ଟ୍ରାସେପ୍ଟିକ ପିଲ୍‌ସ, ରୁମାଲ, ତଉଲିଆ, ନେଲ୍ କଟର, ଆଇନା, ପାନିଆ, ଟିକିଲି ରହିବ। ଏଥିସହିତ ସେହି ଗିଫ୍ଟ ଭିତରେ ବିବାହ ପଞ୍ଜୀକରଣ ଫର୍ମ ମଧ୍ୟ ନବଦମ୍ପତିଙ୍କୁ ପ୍ରଦାନ କରାଯିବ। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇସାରିଛି। ଉଭୟ ସହର ଓ ଗ୍ରାମରେ ଏହା ଚଳିତ ବର୍ଷ ସେପ୍ଟେମ୍ବରରୁ କାର୍ଯ୍ୟକାରୀ ହେବ। ଆଶାକର୍ମୀମାନେ ଏହି ଗିଫ୍ଟ ବାହାଘର ଦିନ ନେଇ ନବଦମ୍ପତିଙ୍କୁ ଦେବେ। ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ନବଦମ୍ପତିଙ୍କୁ ବିବାହ ଉପହାର ଯୋଜନା ଆରମ୍ଭ ହେଉଥିବା ଡା. ପାଣିଗ୍ରାହୀ କହିଛନ୍ତି।

**କେଏଫ୍‌ସିର ସ୍ୱତନ୍ତ୍ର ବକେଟ୍**

**ନୂଆଦିଲ୍ଲୀ:** ଭାରତରେ ପ୍ରଥମ ଥର ପାଇଁ କେଏଫ୍‌ସି ପକ୍ଷରୁ ଏକ ସୀମିତ ସଂସ୍କରଣର ସ୍ୱତନ୍ତ୍ର ୧୫ ବକେଟ୍‌ର ଉପସ୍ଥାପନ କରାଯାଇଛି। ଏହା ହେଉଛି ଏକ ସ୍ୱତନ୍ତ୍ର ଡିଜାଇନ ସହ ସୁନ୍ଦର ବକେଟ୍ (ବାଲ୍‌ଟି)। ଏହି ଆକର୍ଷଣୀୟ ବକେଟ୍ ଦେଶର ୧୫୦ ସହରରେ ବ୍ରାଣ୍ଡ୍‌ର ଉପସ୍ଥିତିକୁ ପାଳନ କରୁଛି ଏବଂ ଦେଶର ଉଦୀୟମାନ କଳାକାରଙ୍କ ଦ୍ୱାରା ଏହାର ଡିଜାଇନ ପ୍ରସ୍ତୁତ କରାଯାଇଛି। ୬୨୯ ଟଙ୍କାରେ ଉପଲବ୍ଧ ହେଉଥିବା ଏହି ସ୍ୱତନ୍ତ୍ର ୧୫ ବାଲ୍‌ଟି ଦେଶର ସମସ୍ତ କେଏଫ୍‌ସି ରେଷ୍ଟୋରାଁରେ ଚଳିତ ଅଗଷ୍ଟ ୧୧ରୁ ୧୭ ପର୍ଯ୍ୟନ୍ତ ଉପଲବ୍ଧ ହେବ ଏବଂ ଏହାକୁ କେଏଫ୍‌ସି ଆପ୍ କିମ୍ବା ୱେବ୍‌ସାଇଟ୍ ଜରିଆରେ ସହଜରେ ମଧ ମଗାଇହେବ। କେଏଫ୍‌ସିର ସବୁ ଜିନିଷ ଭଳି ଏହି ବାଲ୍‌ଟି ମଧ କେଏଫ୍‌ସିର ଏସ୍‌ଏକ୍ସ ସୁରକ୍ଷା ପ୍ରତିଶ୍ରୁତି ସହ ଆସୁଛି।

# ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୬.୭୧%

**ନୂଆଦିଲ୍ଲୀ,୧୨।୮**

- ଦରବୃଦ୍ଧିରୁ ସାମାନ୍ୟ ଆଶ୍ୱସ୍ତି
- ୫ମାସରେ ସର୍ବନିମ୍ନ
- ଗତ ୭ ମାସ ଧରି ୬% ରୁ ଅଧିକ

ଚଳିତ ବର୍ଷ ଜୁଲାଇର ଖୁଚୁରା ମୁଦ୍ରାସ୍ଫୀତି ହାର କିଛି ପରିମାଣରେ ହ୍ରାସ ପାଇଛି। ଫଳରେ ଗତ ମାସ ତୁଳନାରେ ଖୁଚୁରା ମୁଦ୍ରାସ୍ଫୀତି ହାର ହ୍ରାସ ପାଇ ୬.୭୧% ରେ ରହିଛି। ଏପରିକି ଏହା ଗତ ୫ ମାସରେ ସବୁଠୁ କମ୍ ବୋଲି କୁହାଯାଉଛି। ଗତ ଜୁନ୍ ମାସରେ ଏହି ସଂଖ୍ୟା ୭.୦୧% ରହିଥିଲା। ଏହା ପୂର୍ବରୁ ଫେବୃୟାରୀରେ ମୁଦ୍ରାସ୍ଫୀତି ହାର ୬.୦୭% ଥିଲା ବୋଲି ଜଣାପଡ଼ିଛି। ସେହିଭଳି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ଶୁକ୍ରବାର ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ ଜୁଲାଇରେ ଗ୍ରାହକଙ୍କ ମୂଲ୍ୟ ସୂଚକାଙ୍କ ଭିତ୍ତିକ ମୁଦ୍ରାସ୍ଫୀତି ୬.୭୧% ରହିଛି। ଏହା ଜୁନ୍ ମାସରେ ୭.୦୧% ରହିଥିଲା। ସେହିପରି ଜୁଲାଇରେ ଗ୍ରାହକ ଖାଦ୍ୟ ମୂଲ୍ୟ ସୂଚକାଙ୍କ (ସିଏଫ୍‌ପିଆଇ) ୬.୭୫% ଥିଲା। ଏହା ଜୁନ୍‌ରେ ୭.୭୫% ରୁ ହ୍ରାସ ଘଟିଛି। ଉପ-ଗୋଷ୍ଠୀ ମୁଦ୍ରାସ୍ଫୀତି ମଧ୍ୟରେ ପନିପରିବା ପାଇଁ ୧୦.୯୦% ଥିଲା। ଏହା ଜୁନ୍‌ରେ ୧୭.୩୭% ରହିଥିଲା। ଖାଇବା ତେଲର ମୁଦ୍ରାସ୍ଫୀତି ହାର ୯.୩୬% ତୁଳନାରେ ୭.୫୨ % ଏବଂ ମାଂସ ଓ ମାଛର ହାର ୮.୬୧% ତୁଳନାରେ ୩% ପ୍ରତିଶତ ଥିଲା। ଇନ୍ଧନ ଏବଂ ଆଲୋକ ପାଇଁ ମୁଦ୍ରାସ୍ଫୀତି ୧୧.୭୬% ଥିଲା ଏହା ଜୁନ୍‌ରେ ୧୦.୩୯% ରହିଥିଲା। ଅପରପକ୍ଷରେ ପରିସଂଖ୍ୟାନ ଅନୁସାରେ ୨୦୨୧ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୫୯ % ରହିଥିଲା। ତେବେ ଏବେ ବି ଏହି ସଂଖ୍ୟା ଆର୍‌ବିଆଇର ଧାର୍ଯ୍ୟ ସୀମା ୬% ରୁ ଉପରେ ରହିଛି। ଏହା ଗତ ୭ ମାସ ଧରି ୬% ରୁ ଅଧିକ ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଖୁଚୁରା ମୁଦ୍ରାସ୍ଫୀତି ୭.୦% ଉପରେ ରହିଥିଲା। ଏହା ପୂର୍ବରୁ ଜୁଲାଇରେ ଦରବୃଦ୍ଧି ହାର ୬.୬୫% ରହିପାରେ ବୋଲି ଅନୁମାନ କରାଯାଉଥିଲା। ଖାଦ୍ୟ ପଦାର୍ଥ ମୂଲ୍ୟରେ ହ୍ରାସ ଏବଂ ଇନ୍ଧନ ଉପରେ ଟିକସ କମ୍ କରାଯିବା ପରେ ଦରବୃଦ୍ଧି ହ୍ରାସ ହେବା ସଙ୍କେତ ମିଳିଥିଲା। ଲଗାତର ଚିନ୍ତାର କାରଣ ପାଲଟିଥିବା ଖୁଚୁରା ମୁଦ୍ରାସ୍ଫୀତି ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ୨% ହ୍ରାସ ହୋଇ ୫%ର ସ୍ତରରେ ପହଞ୍ଚିପାରେ। ଗତ ୩ ମାସରେ ସରକାର ଏବଂ ଆର୍‌ବିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଯୋଗୁ ଦରବୃଦ୍ଧିରେ ଆସାନ୍ୟ ଆଶ୍ୱସ୍ତି ମିଳିଛି।

## ୨୦୨୩ରୁ ବନ୍ଦ ହେବ ଜନ୍‌ସନ୍ ପାଉଡର ବିକ୍ରି

**ନୂଆଦିଲ୍ଲୀ,୧୨।୮**

ଆମେରିକାରେ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍‌ର ବେବି ପାଉଡର ବିକ୍ରି ବନ୍ଦ ପରେ ବର୍ତ୍ତମାନ ସାରା ବିଶ୍ୱରେ ଏହାର ବିକ୍ରି ବନ୍ଦ ହେବାକୁ ଯାଉଛି। ଏପରିକି ୨୦୨୩ରେ ସାରା ବିଶ୍ୱରେ ଏହି ପାଉଡର ବିକ୍ରି ବନ୍ଦ ହୋଇଯିବ ବୋଲି ଔଷଧ ପ୍ରସ୍ତୁତ କର୍ତ୍ତା (ଜନ୍‌ସନ୍ ଆଣ୍ଡ ଜନ୍‌ସନ୍) କହିଛନ୍ତି। ବିଶ୍ୱବ୍ୟାପୀ ପୋର୍ଟଫୋଲିଓ ମୂଲ୍ୟାୟନରେ କର୍ଣ୍ଣ ଷ୍ଟାର୍ଚ୍ଚ ଆଧାରିତ ସବୁ ବେବି ପାଉଡର ପ୍ରସ୍ତୁତି ଓ ବିକ୍ରି ବନ୍ଦ ଲାଗି ବାଣିଜ୍ୟିକ ନିଷ୍ପତ୍ତି ନିଆଯାଇଥିବା ଜନ୍‌ସନ୍ ଆଣ୍ଡ ଜନ୍‌ସନ ପକ୍ଷରୁ କୁହାଯାଇଛି। ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ କାନାଡାରେ ବେବି ପାଉଡର ବିକ୍ରି ବନ୍ଦ କରିଦେବ ବୋଲି ଘୋଷଣା କରିଥିଲା। କାରଣ କିଛି ଆଇନଗତ ଲଢେଇ ଯୋଗୁ ଉତ୍ପାଦକୁ ନେଇ ନାନା ଗୁଜବ ବଜାରରେ ପ୍ରସାରିତ ହେବା ଫଳରେ ଉତ୍ପାଦର ଚାହିଦା ହ୍ରାସ ଘଟିଥିଲା। ସାରା ବିଶ୍ୱରେ ବର୍ତ୍ତମାନ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ବେବି ପାଉଡର ବିରୋଧରେ ୩୮ହଜାରରୁ ଊର୍ଦ୍ଧ୍ୱ ମାମଲା ବିଭିନ୍ନ କୋର୍ଟରେ ବିଚାରାଧୀନ ରହିଛି। ଉତ୍ପାଦରେ ଆଜବେଷ୍ଟସ ମିଶ୍ରଣ କର୍କଟ ରୋଗର କାରଣ ବୋଲି ଅଭିଯୋଗ ହୋଇଛି। ତେବେ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଉକ୍ତ ଅଭିଯୋଗକୁ ଦୀର୍ଘ ଦିନ ହେବ ଅସ୍ୱୀକାର କରିଆସୁଛି।

ଏପରିକି ଦୀର୍ଘ ବର୍ଷ ଧରି ବୈଜ୍ଞାନିକ ପରୀକ୍ଷଣ ଓ ନିୟାମକୀୟ ଅନୁମୋଦନ ତାଙ୍କ ବେବି ପାଉଡର ଅଭ୍ରମୁକ୍ତ ଓ ସୁରକ୍ଷିତ ବୋଲି ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଦାବିକରି ଆସୁଛନ୍ତି। ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ତାଙ୍କର ଦାବିକୁ ପୁଣି ଦୋହରାଇଛନ୍ତି। କାରଣ ତାଙ୍କ ଉତ୍ପାଦ ୨୦୨୩ ମସିହାରୁ ସାରା ବିଶ୍ୱରେ ବନ୍ଦ କରିଦେବେ ବୋଲି ଘୋଷଣା କରିଛନ୍ତି।

## ଖିମ୍‌ଜୀର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୧୨।୮**

ଦୀର୍ଘ ୮୭ ବର୍ଷର ଅଭିଜ୍ଞତା ସହ ଓଡ଼ିଶାର ସର୍ବପୁରାତନ ତଥା ବିଶ୍ୱସ୍ତ ଅଳଙ୍କାର ବ୍ରାଣ୍ଡ ଖିମ୍‌ଜୀ ଜୁଏଲର୍ସର ପ୍ରତିଷ୍ଠାତା ଖିମ୍‌ଜୀ ଦୟାଭାଇଙ୍କୁ ସ୍ମରଣ କରି ଫାଉଣ୍ଡେଶନ ଦିବସ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ଖିମଜୀ ଜୁଏଲର୍ସ ଦ୍ୱାରା ଭୁବନେଶ୍ୱରର କେତେଜଣ ବଞ୍ଚିତ ଲୋକଙ୍କ ପାଇଁ ଖାଦ୍ୟ ଏବଂ ପୋଷକ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୧୯୩୬ରେ ଜଣେ ଦକ୍ଷ କାରିଗର ଭାବେ ଖିମ୍‌ଜୀ ଦୟାଭାଇ ମୟୂରଭଞ୍ଜର ବାରିପଦାଠାରେ ଏକ ଅଳଙ୍କାର ଦୋକାନ ସ୍ଥାପନ କରିଥିଲେ। ଅଳ୍ପ ଦିନ ମଧ୍ୟରେ ସେ ଆକର୍ଷଣୀୟ ଡିଜାଇନ ଏବଂ ଶୁଦ୍ଧତା ସହ ଅଳଙ୍କାର ଶିଳ୍ପରେ ଏକ ନୂତନ ଅଧ୍ୟାୟ ମଧ୍ୟ ଆରମ୍ଭ କରିଥିଲେ। ବିଶେଷକରି ୨ୟ ବିଶ୍ୱଯୁଦ୍ଧ ଏବଂ ଗୋଲ୍ଡ କଣ୍ଟ୍ରୋଲ ଆକ୍ଟ ଦ୍ୱାରା ୧୪ କ୍ୟାରେଟ୍‌ରୁ ଅଧିକ କ୍ୟାରେଟ୍‌ର ସୁନା ଉପରେ ରୋକ୍ ଭଳି ଅଳଙ୍କାର ଅନେକ ପ୍ରତିବନ୍ଧକ ଦେଇ ସେ ଗତି କରିଥିଲେ। ତଥାପି ଶୁଦ୍ଧତାର ମାନକ ଥିବା କେ ଡି ୨୨କେ ମାର୍କକୁ ସେ ବଜାରରେ ଆଗକୁ ନେଇଥିଲେ। ଉଲ୍ଲେଖଯୋଗ୍ୟ , ଖିମଜୀ ପ୍ରଥମେ ହଲ୍‌ମାର୍କ ଅଳଙ୍କାରକୁ ଓଡ଼ିଶା ବଜାରରେ ପରିଚୟ ଦେଇଥିଲା। ସର୍ବୋତ୍ତମ ଅଳଙ୍କାର କ୍ଷେତ୍ରରେ ଖିମ୍‌ଜୀ ବର୍ତ୍ତମାନ ଶ୍ରେଷ୍ଠରେ ରହିଛି। ଖିମ୍‌ଜୀର ପରବର୍ତ୍ତୀ ପିଢି ଆନ୍ତରିକତା ସହ ଏହାର ଅଭିଜ୍ଞତାକୁ ଆଗକୁ ବଢାଇଛନ୍ତି ଏବଂ ସମଗ୍ର ଓଡ଼ିଶାରେ ତଥା ବାହାରେ ମଧ ଗ୍ରାହକଙ୍କ ବିଶ୍ୱାସ ଜିଣିଛନ୍ତି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମର ଉତ୍ପତ୍ତି ବିଷୟରେ ମନେପକାଇ ଆମେ ଗର୍ବ ଅନୁଭବ କରୁଛୁ। ଖିମ୍‌ଜୀର ସମସ୍ତ ମୂଲ୍ୟବାନ୍ ଗ୍ରାହକ ଏବଂ ଯେଉଁମାନେ ଆମର ଏହି ସୁନ୍ଦର ଯାତ୍ରାରେ ଅଂଶ ହୋଇଛନ୍ତି ତାଙ୍କ ନିକଟରେ ଆମେ ସର୍ବଦା କୃତଜ୍ଞ। ୮୭ତମ ପ୍ରତିଷ୍ଠା ଦିବସରେ ସତ୍ୟତା, ବିଶ୍ୱାସ ଏବଂ ଶୁଦ୍ଧତାର ମନ୍ତ୍ର ଅନୁସରଣ କରିବା ସହ ଆମର ପ୍ରତିଶ୍ରୁତି ଆମେ ବଜାୟ ରଖୁଛୁ।

## ଯାଞ୍ଚ ହେବ ହରଡ଼ ଡାଲି ଷ୍ଟକ୍

**ନୂଆଦିଲ୍ଲୀ,୧୨।୮**

ଗତ କିଛିଦିନ ହେବ ସାରା ଦେଶରେ ହରଡ଼ ଡାଲିର ଦର ପୂର୍ବାପେକ୍ଷା ବୃଦ୍ଧି ପାଇଚାଲିଛି। କେନ୍ଦ୍ର ସରକାର ଏ ନେଇ ମଧ ରାଜ୍ୟ ସରକାରମାନଙ୍କ ଦୃଷ୍ଟିଗୋଚର ସହ ବଜାର ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଦେଶର କେତେକ ଲାଭଖୋର ବ୍ୟବସାୟୀଙ୍କ ଅମାନୁଷିକତା ଯୋଗୁ ହରଡ ଡାଲିର କୃତ୍ରିମ ଅଭାବ ସୃଷ୍ଟି ହେବା ପରିସ୍ଥିତି ଦେଖାଦେଇଛି। ବଜାରରେ ଅଭାବୀ ବିକ୍ରି ଦେଖାଦେଲେ ଡାଲିର ଦର ବଢାଇବାକୁ ଉକ୍ତ ବ୍ୟବସାୟୀମାନେ ଯୋଜନା କରୁଥିବା ସରକାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡାଲିର ଷ୍ଟକ୍ ଯାଞ୍ଚ କରିବାକୁ ରାଜ୍ୟଗୁଡିକୁ ଶୁକ୍ରବାର କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି।

## ମାଲାବାରରେ 'ଏକ୍ସକ୍ଲୁସିଭ୍ ବ୍ରାଣ୍ଡେଡ୍ ଜୁଏଲେରି ଶୋ'

**ଭୁବନେଶ୍ୱର,୧୨।୮**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଭୁବନେଶ୍ୱର ଶହୀଦନଗରସ୍ଥିତ ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ଶୁକ୍ରବାର ଏକ ୧୦ ଦିନିଆ 'ଏକ୍ସକ୍ଲୁସିଭ ବ୍ରାଣ୍ଡେଡ୍ ଜୁଏଲେରି ଶୋ'ର ଶୁଭାରମ୍ଭ ହୋଇଯାଇଛି। ଏହି ଶୋ ଅଗଷ୍ଟ ୧୨ରୁ ୨୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶହୀଦନଗର ଡେପୁଟି ଷ୍ଟୋର ହେଡ୍ ଅସ୍‌ନାଫ ଆକ୍ରାଲଙ୍କ ସମେତ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଏହି ଶୋ ଜରିଆରେ




ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଷ୍ଟୋରର ପ୍ରମୁଖ ଜେମ୍‌ସ ଅଳଙ୍କାର ସାଙ୍ଗକୁ ସୁନା ଓ ହୀରାର ଅନ୍ୟାନ୍ୟ ଡିଜାଇନ ସାମିଲ ରହିଛି। ସେଗୁଡ଼ିକ ହେଲା ମାଇନ, ଏରା, ପ୍ରେସିଆ, ଏଥ୍‌ନିକ୍ସ, ଡିଭାଇନ, ହାଇ ଏବଂ ଷ୍ଟାରଲେଟ ଭଳି ହୀରା ଓ ରତ୍ନପଥରର ଅନ୍ୟାନ୍ୟ ସଂଗ୍ରହ ଉଭୟ ବିକ୍ରି ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ। ଅପରପକ୍ଷରେ ମାଲାବାର ହେଉଛି ଏକ ବିଶ୍ୱସନୀୟ ଅଳଙ୍କାର ବ୍ରାଣ୍ଡ, ଏହାର ସମସ୍ତ ଅଳଙ୍କାର ୧୦୦% ଗୁଣାତ୍ମକ ଏବଂ ଶୁଦ୍ଧ ବୋଲି ଗ୍ରାହକଙ୍କର ଦୀର୍ଘଦିନର ବିଶ୍ୱାସ ରହିଛି। ସେହିଭଳି ମାଲାବାର ତା'ର ବ୍ୟବସାୟର ସିଂହ ଭାଗ ଲାଭ ସାମାଜିକ କାର୍ଯ୍ୟ (ସିଏସ୍‌ଆର୍) ରେ ବିନିଯୋଗ କରିଥାଏ ବୋଲି ଅସ୍‌ନାଫ ମତବ୍ୟକ୍ତ କରିଛନ୍ତି।

## ସିବିଓଆଇର 'ସେଣ୍ଟ କ୍ରାନ୍ତି ଅଭିଯାନ'




**ଭୁବନେଶ୍ୱର,୧୨।୭**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ)ର ପ୍ରତିଷ୍ଠାତା ସାର୍ ସୋରାବ୍‌ଜୀ ପୋଚଖାନାୱାଲାଙ୍କ ୧୪୧ତମ ଜନ୍ମଦିବସ ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ 'ସେଣ୍ଟ କ୍ରାନ୍ତି ଅଭିଯାନ'ର ଆରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଏମ୍.କେ. ତ୍ରିପାଠୀ, ଏସ୍.ସି.ମହାପାତ୍ର,ଏଲ୍. କେ. ଭଗତଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଉକ୍ତ ଅଭିଯାନ ଅଧୀନରେ ଏକ ମୋବାଇଲ ଭ୍ୟାନ୍ ପ୍ରଚାର ଅଭିଯାନ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମୋବାଇଲ ଭ୍ୟାନ୍ ଭୁବନେଶ୍ୱର ଓ କଟକ ସହରର ବିଭିନ୍ନ ସ୍ଥାନ ଦେଇ ଗତି କରିବ ଯାହା 'ସେଣ୍ଟ କ୍ରାନ୍ତି ଅଭିଯାନ' ଅଧୀନରେ ଥିବା ଯୋଜନାଗୁଡ଼ିକୁ ବ୍ୟାପକ ଭାବେ ଲୋକପ୍ରିୟ କରିପାରିବ।

## ପାତ୍ରପଡ଼ାରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ବୃହତ୍ ଷ୍ଟୋର

**ଭୁବନେଶ୍ୱର,୧୨।୮:** ରାଜ୍ୟର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ସ୍ଥାନୀୟ ପାତ୍ରପଡ଼ାଠାରେ ଶୁକ୍ରବର ଏକ ବୃହତ୍ ଷ୍ଟୋରର ଶୁଭାରମ୍ଭ ହୋଇଯାଇଛି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ମୁଖ୍ୟ ରାଜେଶ ଗୁପ୍ତାଙ୍କ ସମେତ ଗୁପ୍ତା ପରିବାରର ସମସ୍ତ ସଦସ୍ୟ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଏହାର ଉଦ୍‌ଘାଟନ ହୋଇଥିଲା। ୨୦,୦୦୦ ବର୍ଗଫୁଟ୍ ବିଶିଷ୍ଟ ଜମିରେ ଗଢ଼ି ଉଠିଥିବା ଏହି ବୃହତ୍ ଷ୍ଟୋରରେ ଉଭୟ ଡିଜିଟାଲ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ସାଙ୍ଗକୁ ଅଫିସ ଓ ଗୃହୋପକରଣ ସାମଗ୍ରୀ ମଧ ଉପଲବ୍ଧ ରହିଛି। ଉଭୟ ସ୍ୱାଧୀନତା ଦିବସ ଓ ରାଖୀ ଉତ୍ସବ ପରିପ୍ରେକ୍ଷୀରେ ଉଦ୍‌ଘାଟନୀ ଅଫର ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଓ ଉପହାର ମଧ ଗ୍ରାହକଙ୍କୁ କାରବାର ସମୟରେ ପ୍ରଦାନ କରାଯିବ ବୋଲି ରାଜେଶ ମତବ୍ୟକ୍ତ କରିଛନ୍ତି।



ପାତ୍ରପଡ଼ା ଷ୍ଟୋର୍ ଉଦ୍‌ଘାଟନ ଅବସରରେ ଗୁପ୍ତା ପରିବାର ସଦସ୍ୟ।

## ରିଲାଏନ୍ସ ଡିଜିଟାଲର ସର୍ବବୃହତ୍ ଇଲେକ୍ଟ୍ରୋନିକ୍ସ ସେଲ୍

**ଡିଜିଟାଲ ଇଣ୍ଡିଆ ସେଲ୍ ସହ ଆକର୍ଷଣୀୟ ଅଫର ଘୋଷଣା**




**ନୂଆଦିଲ୍ଲୀ,୧୨।୮**

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରି (ଆର୍‌ଆଇଏଲ୍) ର ରିଟେଲ ଚେନ୍ ୟୁନିଟ୍ ରିଲାଏନ୍ସ ଡିଜିଟାଲ ପକ୍ଷରୁ ଭାରତର ସର୍ବବୃହତ୍ ଇଲେକ୍ଟ୍ରୋନିକ୍ସ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏଠାରେ ବର୍ତ୍ତମାନ ସମସ୍ତ ବର୍ଗରେ ଆକର୍ଷଣୀୟ ଅଫର ସହ ଅନେକ ସୁବିଧା ଅଗଷ୍ଟ ୧୬ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ସେହିଭଳି ଏଠାରେ ଫୋନ୍, ଲାପ୍‌ଟପ୍, ଟିଭି, କିଚେନ ଓ ଗୃହ ଉପକରଣ ଭଳି ଆହୁରି ଅନେକ ସାମଗ୍ରୀ କମ୍ପାନୀର ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋର ଓ ରିଲାଏନ୍ସ ଡିଜିଟାଲ (ଅନ୍‌ଲାଇନ) ରେ କିଣାକିଣି କରିପାରିବେ। ଏହି ପରିପ୍ରେକ୍ଷୀରେ ଆଧୁନିକ ଅଲ୍‌ଟ୍ରା ହାଇ ଡେଫିନିସନ ୬୫ ଇଞ୍ଚ ୟୁଏଚ୍‌ଡି ଆଣ୍ଡ୍ରଏଡ୍ ଟିଭି ସହ ୨ବର୍ଷର ୱାରେଣ୍ଟି ଯାହା ୪୯,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ୪୩ ଇଞ୍ଚର ୟୁଏଚ୍‌ଡି ଆଣ୍ଡ୍ରଏଡ୍ ଟିଭିର ପ୍ରାରମ୍ଭିକ ମୂଲ୍ୟ ୧୯,୯୯୦ ଟଙ୍କା ସହ ୨ବର୍ଷର ୱାରେଣ୍ଟି ରହିଛି। ୨ୟ ଜେନେରେଶନ ଆପଲ ଏୟାରପଡ୍ ମୂଲ୍ୟ ୮୪୯୦ ଟଙ୍କାରେ ଉପଲବ୍ଧ। ଏପରିକି ବିଭିନ୍ନ ବର୍ଗର ଲାପ୍‌ଟପ୍ ପାଇଁ ମଧ ରିଲାଏନ୍ସ ଡିଜିଟାଲରେ ଅନେକ ଅଫର ସହ ଏହାର କ୍ରେତାମାନେ ଆକର୍ଷଣୀୟ ଉପହାର ସାଙ୍ଗକୁ କିଛି ଭାଗ୍ୟଶାଳୀ ବିଜେତା ମଧ କାର,ବାଇକ୍, ଟିଭି, ଫୋନ୍ କିଣିବାର ସୁଯୋଗ ପାଇପାରିବେ।

ଅପରପକ୍ଷରେ ବିଭିନ୍ନ ବର୍ଗର ନୂଆ ଆଇଫୋନ୍ ସାଙ୍ଗକୁ ଗୃହ ଉପକରଣ, ସାଇଡ-ବାଏ-ସାଇଡ୍ ରେଫ୍ରିଜରେଟର ଏବଂ ଫ୍ରଣ୍ଟ ଲୋଡ୍ ୱାଶିଂମେଶିନ ଉପରେ ଆକର୍ଷଣୀୟ ଲାଭ ଉଠାନ୍ତୁ। ଏହି ସମସ୍ତ ଅଫର ଓ ମୂଲ୍ୟ ଉପରେ ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ।

**ଫୁର୍‌ସତ୍**

## ଇଚ୍ଛାମୃତ୍ୟୁ ପାଇଁ ସୁଇଜରଲାଣ୍ଡ ଯିବାକୁ ଆଗ୍ରହୀ

**ନୂଆଦିଲ୍ଲୀ**

ବିରଳ ରୋଗରେ ଆକ୍ରାନ୍ତ ଜଣେ ୪୨ ବର୍ଷୀୟ ବ୍ୟକ୍ତି ଇଚ୍ଛାମୃତ୍ୟୁର ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟେକ ଦେଶରେ ଇଚ୍ଛାମୃତ୍ୟୁ ପାଇଁ ବିଭିନ୍ନ ଆଇନ ରହିଥିବାରୁ ସେ ୟୁଥେନେସିଆ ଲାଗି ସୁଇଜରଲ୍ୟାଣ୍ଡ ଯିବାକୁ ବାହାରିଛନ୍ତି। ତେବେ ଏହାକୁ ବିରୋଧ କରି ତାଙ୍କ ବାନ୍ଧବୀ ଦିଲ୍ଲୀର ଏକକୋର୍ଟରେ ଆବେଦନ କରିଛନ୍ତି। ସୁଇଜରଲ୍ୟାଣ୍ଡ ଯିବା ପାଇଁ ତାଙ୍କୁ ପାସ୍‌ପୋର୍ଟ ଦିଆ ନ ଯାଉ ବୋଲି ମହିଳା ଜଣକ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି। ୨୦୧୪ରୁ ବ୍ୟକ୍ତି ଜଣକ ମ୍ୟାଲଜିକ୍ ଇନ୍‌ସେଫାଲୋମାଲିଟିସ୍ ରୋଗରେ ଆକ୍ରାନ୍ତ ଥିବାରୁ ଚଲାବୁଲା କରିପାରୁ ନାହାନ୍ତି। ତାଙ୍କ ଶାରୀରିକ ଯନ୍ତ୍ରଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ବର୍ତ୍ତମାନ ସେ ଶଯ୍ୟାଶାୟୀ। କରୋନା ମହାମାରୀ ସଂକ୍ରମଣ ବୃଦ୍ଧି ସମୟରେ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ଏଥିରେ ଅର୍ଥ ବାଧକ ସାଜିଥିଲା। ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରି ନ ପାରିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଇଥିବା କୁହାଯାଉଛି।



**ଲକ୍ଷଣ**

- ରୋଗ ପୁରୁଣା ହେବା ସହ ଶରୀର ଅଧିକ ଦୁର୍ବଳ ହେବାରେ ଲାଗିବ।
- ମାନସିକ ସ୍ତରରେ ମଧ ଅନେକ ପରିବର୍ତ୍ତନ ଦେଖାଯାଏ
- ନିଦ୍ରା ଜନିତ ସମସ୍ୟା ଅଧିକ ଦେଖାଯାଏ।
- ନିଃଶ୍ୱାସ ନେବାରେ ଅସୁବିଧା।

**ମ୍ୟାଲଜିକ୍ ଇନ୍‌ସେଫାଲୋମାଇଲିଟିସ କ'ଣ?**

ମ୍ୟାଲଜିକ୍ ଇନ୍‌ସେଫାଲୋମାଇଲିଟିସ ବା କ୍ରୋନିକ୍ ଫାଟିଗ୍ୟୁ ସିଣ୍ଡ୍ରୋମ୍ ରୋଗର ନିର୍ଦ୍ଦିଷ୍ଟ କାରଣ ବର୍ତ୍ତମାନ ସୁଦ୍ଧା ମେଡିକାଲ ସାଇନ୍ସ ଖୋଜି ପାଇନାହିଁ। ରକ୍ତଚାପ, ମଧୁମେହ ଭଳି ଏହା ଜୀବନସାରା ରୋଗୀକୁ ଏହାର ପୀଡ଼ା ଅନୁଭବ କରିବାକୁ ପଡ଼ିଥାଏ।

## ମୌନୀଙ୍କ ଟଲିଉଡ୍ ପ୍ରେମ

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ମୌନୀ ରାୟ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ସ୍ୱତନ୍ତ୍ର ସ୍ଥାନ ତିଆରି କରିବା ପରେ ଏବେ ଟଲିଉଡ୍ ଆଡକୁ ଆଗ୍ରହ କରୁଥିବା ଚର୍ଚ୍ଚା ହେଉଛି। ମୌନୀ ରାୟ ସାଉଥ୍ ଫିଲ୍ମ କରିବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, କଳାକାର ପାଇଁ କୌଣସି ନିର୍ଦ୍ଦିଷ୍ଟ ସୀମା ନାହିଁ। ଜଣେ ଅଭିନେତା ଯେତେ ଅଧିକ ଓ ନୂଆ ଧରଣର ପ୍ରୋଜେକ୍ଟରେ କାମ କରିବ ତା'ର କାମ ଓ ଅଭିଜ୍ଞତା ସେତେମାତ୍ରାରେ ବଢ଼ିବ। ସାଉଥ୍ ଫିଲ୍ମରେ ଭିନ୍ନ ଧରଣର କାହାଣୀ ରହିଛି, ଯାହା ବର୍ତ୍ତମାନର ସିନେପ୍ରେମୀଙ୍କ ମନ ଜିଣିପାରିଛି। ବଲିଉଡ୍ ତୁଳନାରେ ବର୍ତ୍ତମାନ ଟଲିଉଡ୍ ତଥା ସାଉଥ୍ ଫିଲ୍ମର ଚାହିଦା ବଢ଼ିବାରେ ଲାଗିଛି। ହୁଏତ ସେଥିପାଇଁ ମୌନୀ ଟଲିଉଡ୍‌ରେ କାମ କରିବା ପାଇଁ ଏବେ ଆଗ୍ରହ ପ୍ରକାଶ କରିଥିବା ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ମୌନୀଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ରିଲିଜ୍ ହେବାକୁ ଯାଉଛି। ଏଥିରେ ରଣବୀର କପୁର ଓ ଆଲିଆ ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ଅମିତାଭ ବଚ୍ଚନ ଓ ନାଗାର୍ଜୁନଙ୍କୁ ମଧ ଦେଖିବେ ଦର୍ଶକେ। ସେପ୍ଟେମ୍ବର ୯ରେ ଫିଲ୍ମଟି ମୁକ୍ତିଲାଭ କରିବ।



## ଓଙ୍ଗ ଘାଟିରୁ ମିଳିଲା ୫୦ ଲକ୍ଷ ବର୍ଷ ପୁରୁଣା ହିମ ତତ୍ତ୍ୱ

**ନୂଆଦିଲ୍ଲୀ**

ଆଣ୍ଟାର୍କଟିକାର ଓଙ୍ଗ ଘାଟିରୁ ବୈଜ୍ଞାନିକମାନେ ୫୦ ଲକ୍ଷ ବର୍ଷ ପୁରୁଣା ହିମ ତତ୍ତ୍ୱ ଠାବ କରିଛନ୍ତି। ଏହାପୂର୍ବରୁ ବୈଜ୍ଞାନିକ ଅନୁସନ୍ଧାନ କରିଥିବା ହିମ ତତ୍ତ୍ୱ ପ୍ରାୟ ୨.୭ ମିଲିୟନ୍ ଅର୍ଥାତ୍ ୨୭ ଲକ୍ଷ ବର୍ଷ ପୁରୁଣା ଥିଲା। ତେବେ ବହୁ ଲକ୍ଷ ବର୍ଷ ପୁରୁଣା ହିମ ଠାବ ହେବା ଫଳରେ ବୈଜ୍ଞାନିକମାନେ ଏହା ସମ୍ବନ୍ଧରେ ଅଧିକ ତଥ୍ୟ ଆବିଷ୍କାର କରିବା ସମ୍ଭାବନା ଉପୁଜୁଛି। ଅନ୍ୟପଟେ ହିମରେ କେଉଁ ପ୍ରକାର ଗ୍ରୀନ୍ ହାଉସ୍ ଗ୍ୟାସ୍ ଗଚ୍ଛିତ ହୋଇ ରହିଛି ସେ ନେଇ ଅଧିକ ତଥ୍ୟ ମିଳିପାରିବ। ଠାବ ହୋଇଥିବା ହିମତତ୍ତ୍ୱର



ଲମ୍ବ ପ୍ରାୟ ୧୦ ମିଟର। ୨୦୧୭-୧୮ରେ ବୈଜ୍ଞାନିକଙ୍କ ହସ୍ତଗତ ହୋଇଥିବା ୯.୫ ମିଟର ହିମ ତତ୍ତ୍ୱର ଅଧ୍ୟୟନରୁ ବର୍ତ୍ତମାନ ସମୟରେ ଠାବ ହିମତତ୍ତ୍ୱର ବୟସ ସମ୍ବନ୍ଧ ତଥ୍ୟ ହସ୍ତଗତ ହେବା ସମ୍ଭବ ହୋଇଥିବା କୁହାଯାଉଛି। ମିଳିଥିବା ହିମ ତତ୍ତ୍ୱର ଉପରି ଭାଗ ୩୦ ଲକ୍ଷ ବର୍ଷ ପୁରୁଣା ହୋଇଥିବାବେଳେ ଏହାର ନିମ୍ନଭାଗ ୪୩ ଲକ୍ଷରୁ ୫୧ ଲକ୍ଷ ବର୍ଷ ପୁରୁଣା ବୋଲି କୁହାଯାଉଛି। ଗ୍ରୀନ୍‌ଲ୍ୟାଣ୍ଡ ଏବଂ ଆଣ୍ଟାର୍କଟିକାର ହିମ ଅଧ୍ୟୟନ ଦ୍ୱାରା ମଡର୍ନ ଜଳବାୟୁ ବିଜ୍ଞାନ ବିଷୟରେ ଅଧ୍ୟୟନ ସମ୍ଭବ ହୋଇପାରିଛି। ୟୁରୋପ୍‌ର ଏକ ସ୍ୱତନ୍ତ୍ର ଯୋଜନା ଅଧୀନରେ ଏହି ହିମ ତତ୍ତ୍ୱ ଠାବ କରାଯାଇଛି। ଏ ନେଇ ୟୁରୋପୀୟ ଆୟୋଗ ପକ୍ଷରୁ ଅର୍ଥ ଲଗାଣ କରାଯାଇଛି।

## ଅନ୍ତର୍ଜାତୀୟ ବାମହାତୀ ଦିବସ

**ଅନ୍ତର୍ଜାତୀୟ** ବାମହାତୀ ଦିବସ ହେଉଛି ଏକ ଅନ୍ତର୍ଜାତୀୟ ଦିବସ, ଯାହାକି ପ୍ରତିବର୍ଷ ଅଗଷ୍ଟ ୧୩ରେ ବାମହାତୀ ବ୍ୟକ୍ତିବିଶେଷଙ୍କ ସ୍ୱତନ୍ତ୍ରତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପାଳନ କରାଯାଇଥାଏ। ଏହି ଦିନଟି ପ୍ରଥମେ ୧୯୭୬ ମସିହାରେ ଲେଫ୍ଟ ହ୍ୟାଣ୍ଡର୍ସ ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ଡିନ୍ ଆର. କ୍ୟାମ୍ପବେଲଙ୍କ ଦ୍ୱାରା ପାଳନ କରାଯାଇଥିଲା। ପୃଥିବୀରେ ଡାହାଣହାତୀ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ। ସେମାନଙ୍କ ତୁଳନାରେ ବାମହାତୀଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହିଥାଏ। ଏହି ଦିବସ ବାମହାତୀଙ୍କ ସୁବିଧା ଏବଂ ଅସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପାଳନ କରାଯାଇଥାଏ। ପୃଥିବୀ ଜନସଂଖ୍ୟାର ସାତରୁ ଦଶ ପ୍ରତିଶତ ହେଉଛନ୍ତି ବାମହାତୀ।



ବାମହାତୀ ପିଲାମାନଙ୍କ ପାଇଁ ବିଶେଷ ଆବଶ୍ୟକତାର ମହତ୍ତ୍ୱ ଏବଂ ବାମହାତୀମାନଙ୍କ ସ୍କିଜୋଫ୍ରେନିଆ ହେବାର ଆଶଙ୍କା ଅଧିକ ରହିଥାଏ। ତେବେ ବିଶ୍ୱରେ ସଫଳତାର ଶୀର୍ଷରେ ଅଧିକ ବାମହାତୀଙ୍କୁ ଦେଖିବାକୁ ମିଳିଥାଏ।

संस्कृति मंत्रालय
भारत सरकार

आज़ादी का अमृत महोत्सव
हर घर तिरंगा
13-15 अगस्त 2022

# ଏକ ନୂଆ ଇତିହାସର ହେଉଅଛି ନିର୍ମାଣ
# ହର୍ ଘର୍ ତ୍ରିରଙ୍ଗା
# ସହିତ ଯୋଡ଼ି ହୋଇଛି ରାଷ୍ଟ୍ରର ହୃଦ୍‌ସ୍ପନ୍ଦନ



"ଏବର୍ଷ ଆମେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିବା ଅବସରରେ,
ଆସନ୍ତୁ ମିଳିମିଶି ହର୍ ଘର୍ ତ୍ରିରଙ୍ଗା ଅଭିଯାନକୁ ସଶକ୍ତ କରିବା ।
13 ରୁ 15 ଅଗଷ୍ଟ ମଧ୍ୟରେ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବା କିମ୍ବା ପ୍ରଦର୍ଶିତ କରିବା ।
ଏହି ଅଭିଯାନ ଜାତୀୟ ପତାକା ସହିତ ଆମର ସମ୍ପର୍କକୁ ଆହୁରି ନିବିଡ଼ କରିବ ।"

**ନରେନ୍ଦ୍ର ମୋଦି** ପ୍ରଧାନମନ୍ତ୍ରୀ

## ଭାରତ ଏକ ଐତିହାସିକ ଜନ-ଆନ୍ଦୋଳନର ସାକ୍ଷୀ ହେଉଛି । ଏହାର ଉତ୍ସାହ କାରଣରୁ ଦେଶର ପ୍ରତ୍ୟେକ ଗ୍ରାମ, ସହର ଓ ନଗରରେ ତ୍ରିରଙ୍ଗାର ଚାହିଦାରେ ଅଭୂତପୂର୍ବ ବୃଦ୍ଧି ପରିଲକ୍ଷିତ ହୋଇଛି ।

CBC 09101/13/0007/2223

**ଯଦି ଆପଣ ଏପର୍ଯ୍ୟନ୍ତ ଏହି ଐତିହାସିକ କ୍ଷଣର ଅଂଶବିଶେଷ ହୋଇନାହାନ୍ତି, ତେବେ ଆଜି ହିଁ ତ୍ରିରଙ୍ଗା ଆଣନ୍ତୁ ଏବଂ ନିଜ ଘରେ ତାହାକୁ ଉତ୍ତୋଳନ କରନ୍ତୁ ।**

**୨୨.୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ମହିଳା ଗିରଫ**

ଭୁବନେଶ୍ୱର (ବ୍ୟୁରୋ): କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ବ୍ରାଉନସୁଗାର କାରବାର କରୁଥିବା ଜଣେ ମହିଳାଙ୍କୁ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଶୁକ୍ରବାର ଗିରଫ କରିଛି। ସେ ହେଲେ ସୁଷମା ନାୟକ। ତାଙ୍କଠାରୁ ୨୨୬ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨୨ ଲକ୍ଷ ୬୦ ହଜାର ଟଙ୍କା ହେବ। ଅବକାରୀ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ମହିଳାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା, ସ୍କୁଲ ପରିସର, ଧର୍ମବିହାର, ସକାଳ ୯ଟା ୩୦।

## ଲିଙ୍ଗରାଜ ମନ୍ଦିର ଗର୍ଭଗୃହ ଫଟୋ ପୁଣି ଭାଇରାଲ



**ପୁରୁଣା ଭୁବନେଶ୍ୱର,୧୨।୮(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜ ମନ୍ଦିରର ଗର୍ଭଗୃହ ଫଟୋ ପୁଣି ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶୁକ୍ରବାର ଫେସ୍‌ବୁକ୍‌ରେ ଏହି ଫଟୋ ପୋଷ୍ଟ କରାଯାଇଥିବା ବେଳେ ଗତ ୧୦ ତାରିଖରେ ଉଠାଯାଇଥିବା ସୂଚିତ ରହିଛି। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ଗତ ୮ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଲିଙ୍ଗରାଜ ମନ୍ଦିରର ଗର୍ଭଗୃହରେ ପୂଜାର୍ଚ୍ଚନା କରୁଥିବା ସମୟର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏକାମ୍ର ଜନଜାଗରଣ ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ ଫଟୋ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ତେବେ ଘଟଣାକୁ ୪ ଦିନ ନ ପୂରୁଣୁ ପୁଣି ଗର୍ଭଗୃହର ଶ୍ରୀଜୀଉଙ୍କ ଫଟୋ ଭାଇରାଲ ହେବା ନେଇ ମନ୍ଦିର ପ୍ରଶାସନ ଓ କମିଶନରେଟ୍ ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଶ୍ରୀଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଶାହାଙ୍କ ଲିଙ୍ଗରାଜ ମନ୍ଦିର ଦର୍ଶନ ବେଳର ଫଟୋ ଭାଇରାଲ ଘଟଣାରେ ଲିଖିତ ଅଭିଯୋଗ ପାଇଛୁ। ଘଟଣାର ତଦନ୍ତ ଜାରି ରହିଛି।

## ଚୋରି ମୋବାଇଲ୍‌ରୁ ପେମେଣ୍ଟ, ଦୋକାନୀଙ୍କ ଆକାଉଣ୍ଟ ଅଚଳ

**ଭୁବନେଶ୍ୱର,(ବ୍ୟୁରୋ)୧୨।୮:** ଏକ ଚୋରି ମୋବାଇଲରୁ ପେମେଣ୍ଟ ନେଇ ବାପୁଜୀନଗରର ଜଣେ ବ୍ୟବସାୟୀ ଫସିଛନ୍ତି। ଏନେଇ ଦୋକାନୀଙ୍କ ଆକାଉଣ୍ଟଙ୍କୁ ଫ୍ରିଜ୍ କରିଦେଇଛି ଭୁବନେଶ୍ୱର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ। ଫଳରେ ଦୋକାନୀ ଜଣକ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ତାଙ୍କ ସୂଚନାନୁସାରେ, ମୋବାଇଲ ଚୋରି କରିଥିବା ଜଣେ ବ୍ୟକ୍ତି ତାଙ୍କ ଦୋକାନକୁ ଆସି ଏ ଚାର୍ଜର କିଣିଥିଲେ। ପାଖରେ ପଇସା ନ ଥିବା କହି ଅଭିଯୁକ୍ତ ଜଣକ ଉକ୍ତ ଚୋରି ମୋବାଇଲରୁ ତାଙ୍କୁ ୟୁପିଆଇ ଦ୍ୱାରା ପେମେଣ୍ଟ କରିଥିଲେ। ତେବେ ଚୋରି ହୋଇଥିବା ମୋବାଇଲକୁ ସାଇବର ଥାନା ପୋଲିସ ଖୋଜିବାବେଳେ ସେଥିରୁ ଦୋକାନୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା ଜାଣିବାକୁ ପାଇଥିଲା ସାଇବର ପୋଲିସ। ପରେ ଦୋକାନୀଙ୍କ ଆକାଉଣ୍ଟକୁ ପୋଲିସ ଅଚଳ କରି ତଦନ୍ତ ଚଳାଇଛି। ତୁରନ୍ତ ଆକାଉଣ୍ଟ ସଚଳ କରିବାକୁ ଦୋକାନୀ ଜଣକ ପୋଲିସକୁ ନିବେଦନ କରିଛନ୍ତି।

# ରତ୍ନଭଣ୍ଡାର ଖୋଲିବା ନେଇ ଜୋର୍ ଧରିଲା ଚର୍ଚ୍ଚା

**ପୁରୀ ଅଫିସ,୧୨।୮:**



**ସ୍ଥିତି ଯାଞ୍ଚ ନେଇ ଏଏସ୍‌ଆଇର ଚିଠି ପ୍ରସଙ୍ଗ**

- କମିଟି ସଦସ୍ୟ ଓ ଭଣ୍ଡାର ମେକାପ କହିଲେ ମରାମତି ଆବଶ୍ୟକ
- ପରିଚାଳନା କମିଟି ନିଷ୍ପତ୍ତି ଉପରେ ନିର୍ଭର: ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ

ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେ (ଏଏସ୍‌ଆଇ) ଚିଠି ଲେଖିବା ପରେ ରତ୍ନଭଣ୍ଡାର ଖୋଲିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଚାଳନା କମିଟି କି ନିଷ୍ପତ୍ତି ନେଉଛି ତାହାରି ଉପରେ ସମସ୍ତଙ୍କ ନଜର ରହିଛି। ପରିଚାଳନା କମିଟି ସୁପାରିସ ଉପରେ ସବୁ କିଛି ନିର୍ଭର କରୁଛି। ତେଣୁ ଆଇନ ବିଭାଗକୁ ଶ୍ରୀମନ୍ଦିର ପରିଚାଳନା କମିଟି କ'ଣ ସୁପାରିସ କରିବ ତାହାକୁ ନେଇ ମଧ୍ୟ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପରିଚାଳନା କମିଟି ବୈଠକରେ ଏଏସ୍‌ଆଇ ଚିଠିକୁ ଶ୍ରୀମନ୍ଦିର ପ୍ରଶାସନ ଉପସ୍ଥାପନ କରିବ। ରତ୍ନଭଣ୍ଡାର ଯାଞ୍ଚ ଓ ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍‌ଆଇ ଚିଠି ଲେଖିଛି। ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯିବା ପରେ ସ୍ୱୀକୃତି ଲାଗି ଆଇନ ବିଭାଗକୁ ପଠାଯିବ। ଏହାପରେ ରାଜ୍ୟ ସରକାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ମୁଖ୍ୟତଃ ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରୁଛି ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି।

୨୦୧୮ରେ ରତ୍ନଭଣ୍ଡାର ଯାଞ୍ଚ ପାଇଁ ଗଠିତ କମିଟିର ସଦସ୍ୟ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ୨୦୧୮ ମସିହାରେ ପ୍ରାଧିକୃତ କମିଟି ସ୍ଥିତି ଯାଞ୍ଚ ବେଳେ ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ମରାମତି ଆବଶ୍ୟକ ବୋଲି ହୃଦ୍‌ବୋଧ କରିଥିଲା। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ରତ୍ନଭଣ୍ଡାର ମରାମତି ନିହାତି ଆବଶ୍ୟକ। ତେଣୁ ମୋର ବ୍ୟକ୍ତିଗତ ମତ ହେଉଛି, ରତ୍ନଭଣ୍ଡାର ମରାମତି ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଉ। ସେହିଭଳି ଶ୍ରୀମନ୍ଦିର ଭଣ୍ଡାର ମେକାପ ନାରାୟଣ ମେକାପ ମଧ୍ୟ ସମାନ କଥା କହିଛନ୍ତି। ସେ କହିଛନ୍ତି, ଭଣ୍ଡାର ମେକାପ ଭାବେ ଆମେ ଆମ ଦାୟିତ୍ୱ ସମ୍ପାଦନ କରିଛୁ। ବିଭିନ୍ନ ସମୟରେ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବା ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ରତ୍ନଭଣ୍ଡାରରେ କ୍ରମାଗତ ଭାବେ ପାଣି ଗଳୁଥିବା ପ୍ରସଙ୍ଗ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ପ୍ରଶାସନ ଏନେଇ ପଦକ୍ଷେପ ନେବା ଦରକାର। ତେବେ ପରିଚାଳନା କମିଟି ସଦସ୍ୟମାନେ ବୈଠକ ପୂର୍ବରୁ ଏନେଇ କ'ଣ ନିଷ୍ପତ୍ତି ନିଆଯିବ ତାହା କହିବା କଷ୍ଟ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ପରିଚାଳନା କମିଟି ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନାଠାରୁ ଦୂରେଇ ରହୁଛି, ସେହି କମିଟି ଏହି ପ୍ରସଙ୍ଗରେ କ'ଣ ନିଷ୍ପତ୍ତି ନେବ କୋଟି କୋଟି ଜଗନ୍ନାଥପ୍ରେମୀଙ୍କର ତା' ଉପରେ ନଜର ରହିବ। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ସବୁଠୁ ବଡ଼ କଥା ହେଉଛି, ପରିଚାଳନା କମିଟିର ସୁପାରିସ ନିରପେକ୍ଷ ଭାବେ ଓ ସମସ୍ତଙ୍କ ମତକୁ ସମ୍ମାନ ଦେଇ କରାଯିବା ଦରକାର। ପରିଚାଳନା କମିଟିର ସୁପାରିସ ଅନୁଯାୟୀ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ତେଣୁ ପରିଚାଳନା କମିଟି ଯାଞ୍ଚ ରିପୋର୍ଟ ଉପରେ ବିଚାରବିମର୍ଶ କରି ରତ୍ନଭଣ୍ଡାର ମରାମତି ଲାଗି ସୁପାରିସ କରିବା ଉଚିତ ବୋଲି ବରାଳ କହିଛନ୍ତି।

## ଡ. ଇତିରାଣୀ ସାମନ୍ତଙ୍କୁ ଶ୍ରେଷ୍ଠ ଲେଖିକା ସମ୍ମାନ




**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ରାଷ୍ଟ୍ରୀୟ ଯୁବ ସମ୍ମାନ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ମହାରାଷ୍ଟ୍ର ଭବନରେ ନ୍ୟାଶନାଲ୍ ୟୁଥ୍ ପାର୍ଲାମେଣ୍ଟ ୨୦୨୨ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ମାସିକ ପତ୍ରିକା 'କାଦମ୍ବିନୀ' ଓ 'କୁନିକଥା'ର ସମ୍ପାଦିକା ଡ. ଇତିରାଣୀ ସାମନ୍ତଙ୍କୁ ବର୍ଷର ଶ୍ରେଷ୍ଠ ଲେଖିକା ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିଳ୍ପ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ ଯୋଗଦେଇ ଏହି ସମ୍ମାନରେ ତାଙ୍କୁ ସମ୍ମାନିତ କରିଥିଲେ। ଦୀର୍ଘ ୨୩ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ମହିଳାଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନଗୁଡିକୁ ସ୍ଥାନିତ କରି ଆସୁଥିବା କାଦମ୍ବିନୀ ପତ୍ରିକା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ। ସଂଘର ସଭାପତି ଡ. ଜାଭିଦ ଜାମଦାର୍ ଓ ଡ. ମନୀଷ ଗ୍ୱାଇ ଉପସ୍ଥିତ ଥିଲେ।

## ହାତୀ ଦିବସରେ ଅଭିନବ ପ୍ରତିବାଦ




**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ସାରା ବିଶ୍ୱରେ ଅଗଷ୍ଟ ୧୨କୁ ହାତୀ ଦିବସ ଭାବରେ ପାଳନ କରାଯାଉଛି। ହାତୀ ସଂରକ୍ଷଣ ଓ ହାତୀ-ମଣିଷ କିପରି ଭାବରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିପାରିବେ, ସେହି ବାର୍ତ୍ତା ବହନ କରିଥାଏ ହାତୀ ଦିବସ। ହେଲେ ଓଡ଼ିଶାରେ ହାତୀ ମୃତ୍ୟୁରେ ଖୋଦ୍ ବନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି। ପୁଣି ଖାଲି ପୋଷ୍ଟର ବ୍ୟାନର ଓ ବୈଠକରେ ଅଯଥା ପଇସା ଖର୍ଚ୍ଚ କରି ରାଜ୍ୟ ବନ ବିଭାଗ ହାତୀ ଦିବସ ପାଳନ କରୁଥିବାରୁ ଏହାର ଅଭିନବ ପ୍ରତିବାଦ କରିଛି ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ର।

ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ଟ୍ରଷ୍ଟ ମୁଖ୍ୟ ପୁରବୀ ପାତ୍ର ନିଜର ଦୁଇ ସହଯୋଗୀଙ୍କ ସହ ଶହୀଦନଗରସ୍ଥିତ ପିସିସିଏଫ ବନ୍ୟପ୍ରାଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ହାତୀ ବେଶ ହୋଇ ହାତରେ ପ୍ଲାକାର୍ଡ ଧରି ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ହାତୀ ବଂଶ ସମ୍ମୁଖୀନ ହେଉଥିବା ସ୍ଥିତିକୁ ପ୍ରଦର୍ଶନ କରିଥିଲେ। ଏପରିକି ଅଭୟାରଣ୍ୟ ଓ ସୁରକ୍ଷିତ ଅଞ୍ଚଳରେ କିପରି ଶିକାରୀ, ବନ୍ୟପ୍ରାଣୀ ମାଫିଆ ଓ ବନ ବିଭାଗ କର୍ମଚାରୀଙ୍କ ଚକ୍ରବ୍ୟୂହରେ ଫସି ହାତୀମାନେ ମୃତ୍ୟୁବରଣ କରୁଛନ୍ତି, ତାହାର ବାସ୍ତବତାକୁ ଅଭିନୟ ମାଧ୍ୟମରେ ସାମ୍ନାକୁ ଆଣିଥିଲେ। ପିସିସିଏଫ୍ ବନ୍ୟପ୍ରାଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତ ହାତୀ ରୂପରେ ଶୋଇ ରହିବା ସହ 'ସେଭ୍ ମି' ବା 'ମୋତେ ବଞ୍ଚାଅ' ସ୍ଲୋଗାନ ଦେଇଥିଲେ। ପ୍ରାୟ ଅଧଘଣ୍ଟା ଧରି ଏଭଳି ପ୍ରତିବାଦ ପରେ ନନ୍ଦନକାନନ ଫାଟକ ସାମ୍ନାରେ ମଧ୍ୟ ଅନୁରୂପ ଭାବରେ ମୃତ ହାତୀର ଅଭିନୟ କରି ପ୍ରତିବାଦ କରାଯାଇଥିଲା। ଏନେଇ ପୁରବୀ କହିଛନ୍ତି, ଓଡ଼ିଶାରେ ଘଟୁଥିବା ହାତୀ ମୃତ୍ୟୁ ବିଭିନ୍ନ ବନ୍ୟପ୍ରାଣୀ ବା ଟେରିଟୋରିଆଲ ଡିଏଫ୍‌ଓଙ୍କ ଦାୟିତ୍ୱହୀନତା ଏବଂ ଉଚ୍ଚ ଅଧିକାରୀଙ୍କ ନେତୃତ୍ୱ ନେବାରେ ଅକ୍ଷମତାକୁ ପଦାରେ ପକାଇଛି। ଜଙ୍ଗଲରେ ହାତୀଙ୍କୁ ମାରି ପୋତି ଦେଇ ଭୁବନେଶ୍ୱରରେ ଡ୍ରାମା କରୁଛି ବନ ବିଭାଗ। ହାଇକୋର୍ଟରେ ସତ୍ୟପାଠରେ ବି ହାତୀ ଶିକାରକୁ ଫାଙ୍କି ଦେଉଛନ୍ତି ପିସିସିଏଫ। ଆଠଗଡ଼ରେ ଯେଉଁସବୁ କଙ୍କାଳକୁ ମାଟି ତଳୁ ବାହାର କରାଯାଇଥିଲା, ସେଗୁଡ଼ିକ ପିସିସିଏଫ ନିଜ ସତ୍ୟପାଠରେ ସ୍ଥାନ ଦେଇନାହାନ୍ତି। ସେହି ହାତୀମାନେ କ'ଣ ଆତ୍ମହତ୍ୟା କରିଥିଲେ ନା ସମାଧି ନେଇଥିଲେ ବୋଲି ପୁରବୀ ପ୍ରଶ୍ନ କରିଛନ୍ତି।

## ୧୨୦୦ ମିଟର ପତାକା ଧରି ଭାଜପାର ତ୍ରିରଙ୍ଗାଯାତ୍ରା

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ଶୁକ୍ରବାର ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି କ୍ରାନ୍ତି ଦିବସରୁ ଦେଶବ୍ୟାପୀ ତ୍ରିରଙ୍ଗାଯାତ୍ରା ଆରମ୍ଭ ହୋଇଛି। ଯୁବପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସମ୍ପର୍କରେ ଭଲଭାବେ ଅବଗତ କରାଇବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଶୁକ୍ରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ତରଫରୁ ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମୀର ମହାନ୍ତିଙ୍କ ସମେତ ହଜାର ହଜାର ସଂଖ୍ୟାର କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ୧୨୦୦ ମିଟର ଲମ୍ବର ବିଶାଳ ତ୍ରିରଙ୍ଗା ପତାକା ଯାତ୍ରା ହାତରେ ଧରି ପ୍ରଭୁ ଲିଙ୍ଗରାଜ ମନ୍ଦିର ନିକଟରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଆସିଥିଲେ। ସ୍ୱାଧୀନତା ସଂଗ୍ରାମରୁ ଶକ୍ତି ଓ ସ୍ୱାଧୀନତା ସେନାନୀଙ୍କ ବିଚାରକୁ ପାଥେୟକରି ଅମୃତ କାଳଖଣ୍ଡରେ ଭାରତବର୍ଷକୁ ଆତ୍ମନିର୍ଭର, ବିଶ୍ୱର ଶ୍ରେଷ୍ଠ ଦେଶ ଏବଂ ବିଶ୍ୱଗୁରୁ ଭାବେ ଗଢ଼ି ତୋଳିବା ପାଇଁ ଯୁବପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସମୀର କହିଛନ୍ତି।



## ଜାତିସଂଘର ୬ ଯୁବ ଅଧିବକ୍ତାଙ୍କ ମଧ୍ୟରେ ଓଡ଼ିଶାର ସୌମ୍ୟ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ଜାତୀୟ ଯୁବ ଦିବସ ଅବସରରେ ଶୁକ୍ରବାର ଜାତିସଂଘ ଭାରତ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଭାରତର ୬ଜଣ ଯୁବ ଅଧିବକ୍ତାଙ୍କୁ ଜାତିସଂଘ ପକ୍ଷରୁ ସ୍ୱୀକୃତି ଦିଆଯାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଗୁଣ୍ଡଲବା ଗ୍ରାମର ସୌମ୍ୟ ରଞ୍ଜନ ବିଶ୍ୱାଳ ସ୍ଥାନ ପାଇଛନ୍ତି। ୨୦୨୨ ଅଗଷ୍ଟ ୧୨ରୁ ୨୦୨୪ ଅଗଷ୍ଟ ୧୨ ଯାଏ ୨ବର୍ଷ ପାଇଁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାତିସଂଘ ଭାରତର ରେସିଡେଣ୍ଟ କୋଅର୍ଡିନେଟର ଶୋମ୍ବି ଶାର୍ପ, ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ୟୁଏନ୍‌ଡିପି ମୁଖ୍ୟ ଶୋକା ନୋଡା, ୟୁନିସେଫ୍ ମୁଖ୍ୟ ୟାସୁମାସା କିମୁରା ପ୍ରମୁଖଙ୍କ ସମେତ ଜାତିସଂଘ ଓ ଭାରତ ସରକାରଙ୍କ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ଅନୁଭବ କରି ଉପକୂଳ ଜୈବ ବିବିଧତା ସୁରକ୍ଷା ପାଇଁ ସୌମ୍ୟ ନିଜସ୍ୱ ଅଭିନବ ଉପାୟରେ କାମ କରୁଛନ୍ତି। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା, ଲୁଣା ଜଙ୍ଗଲ ସୁରକ୍ଷା ଓ ନଦୀ ପ୍ରଦୂଷଣ ରୋକିବା ପାଇଁ ସେ ପ୍ରୟାସ ଜାରି ରଖିବା ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ପ୍ରକାର କାର୍ଯ୍ୟଧାରା ପାଇଁ ପୂର୍ବରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବା ସହ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ପାଇଛନ୍ତି। ସେହିପରି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ପାଖରୁ ପ୍ରଶଂସିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ହୋଇଥିବା ଅନେକ କାର୍ଯ୍ୟ ଜାତୀୟ ସ୍ତରରେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀଙ୍କ ସମେତ ବିଭିନ୍ନ ସ୍ତରରେ ପ୍ରଶଂସିତ ହୋଇଛି। ଉଲ୍ଲେଖଯୋଗ୍ୟ, ସୌମ୍ୟ ଗତବର୍ଷ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଜଳବାୟୁ ପରିବର୍ତ୍ତନକୁ ନେଇ ଆୟୋଜିତ ଯୁବ ସମ୍ମିଳନୀରେ ଯୁବବକ୍ତା ଭାବେ ଯୋଗଦେଇଥିଲେ।



ସୌମ୍ୟରଞ୍ଜନ ବିଶ୍ୱାଳ ଜାତିସଂଘର ସ୍ୱୀକୃତିପତ୍ର ଗ୍ରହଣ କରୁଛନ୍ତି।

## 'ମୋ ମାଆ, ମୋ ଦେଶ, ସୁନାର ଭାରତବର୍ଷ' ଉନ୍ମୋଚିତ

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଶୁକ୍ରବାର ବିଶ୍ୱ ଓଡ଼ିଶା, ରାଜ୍ୟ କଳାକାର ମହାସଂଘର ସହଯୋଗରେ ପବିତ୍ର ଏଣ୍ଟରଟେନମେଣ୍ଟ ପକ୍ଷରୁ ମ୍ୟୁଜିକ୍ ଭିଡିଓ 'ମୋ ମାଆ, ମୋ ଦେଶ, ସୁନାର ଭାରତ ବର୍ଷ' ଚଳଚ୍ଚିତ୍ର ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ନିମନ୍ତ୍ରିତ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଶିଷ୍ଟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଯୋଗଦେଇ ମ୍ୟୁଜିକ୍ ଭିଡିଓକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱ ଓଡ଼ିଶା ମହାସଂଘ ସଭାପତି ସୁରେନ୍ଦ୍ର ନାଥ ମହାପାତ୍ର, ଓଡ଼ିଆ ସଙ୍ଗୀତ ଗାୟିକା ଗୀତା ପଟ୍ଟନାୟକ, ପବିତ୍ର ଏଣ୍ଟରଟେନମେଣ୍ଟର ପରିଚାଳନା ନିର୍ଦ୍ଦେଶକ ପବିତ୍ର ନାୟକ, ରାଜ୍ୟ କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ଧନୁଯାତ୍ରା କଂସ ମହାରାଜ ଭୁବନେଶ୍ୱର ପ୍ରଧାନ, ବିଶ୍ୱ ଓଡ଼ିଶା ଉପସଭାପତି ଦୀପାୟନ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗୀତ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ, ଗୀତିକାର ଅଜୟ ସେଠୀ, ସଙ୍ଗୀତକାର ରମେଶ ଚନ୍ଦ୍ର ବେହେରା, ଶଶାଙ୍କ ଶେଖର, ଅଭିଜିତ, ବିଷ୍ଣୁମୋହନ, ଅନ୍ତରା, ପ୍ରତିଭା ଓ ସ୍ନେହା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ।



ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଅତିଥିମାନେ ଦେଶାତ୍ମବୋଧକ ସଙ୍ଗୀତ ଭିତ୍ତିକ ଭିଡିଓ 'ମୋ ମାଆ, ମୋ ଦେଶ, ସୁନାର ଭାରତ ବର୍ଷ'କୁ ଉନ୍ମୋଚନ କରୁଛନ୍ତି।


'ଆଜାଦି କା ଅମୃତ ମହୋତ୍ସବ' ପାଳନ ଅବସରରେ 'ହରଘର ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଶୁକ୍ରବାର ଭୁବନେଶ୍ୱର ପାସ୍‌ପୋର୍ଟ ଅଫିସ୍ ପକ୍ଷରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।


ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ ମୁଖ୍ୟାଳୟଠାରେ ପିପିଏଲ୍ ସହଯୋଗରେ ବସ୍ତି ମିତ୍ରଙ୍କୁ ଜାତୀୟ ପତାକା ବଣ୍ଟନ ଅବସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟ ଅଧିକାରୀମାନେ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର,(ବ୍ୟୁରୋ):** ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ଶୁକ୍ରବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ହେଉଥିବା ରୋଗୀ ସେବା ସମ୍ବନ୍ଧୀୟ ଅନେକ ବିକାଶମୂଳକ କାର୍ଯ୍ୟ, ଗବେଷଣା ଆଦି ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ରାଜ୍ୟପାଳ ମଧ ରୋଗୀ ସେବା ଓ ସମାଜ ପ୍ରତି ଏମ୍ସ ଭୁବନେଶ୍ୱରର ସେବା ମନୋଭାବ ଏବଂ ସକାରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୂର୍ଯ୍ୟସ୍ମିତ୍


@ ଅମ୍ରିନ୍


@ ଆକାଶ


@ ଶ୍ରୀଶାନ୍ତ


@ ଲିଟୁ

# ଡିଭାଇଡରରେ ପିଟି ହୋଇ ଓଲଟିଲା ବସ୍

## ହେଲ୍‌ପର ମୃତ, ୧୫ରୁ ଊର୍ଦ୍ଧ୍ୱ ଆହତ


ରାସ୍ତାରେ ଓଲଟି ପଡ଼ିଥିବା ସାରଳା ବସ୍।



ଚିକିତ୍ସା ପାଇଁ ୨ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଉଛି।

**ପିପିଲି,୧୨।୮(ଡି.ଏନ୍.ଏ./ସ୍ୱ.ପ୍ର.)**

ପୁରୀ ଜିଲା ପିପିଲି ଦେଇ ଯାଇଥିବା ୩୧୬ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଛି। ଦୁର୍ଘଟଣାରେ ଜଣେ ହେଲ୍‌ପରଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ପୋଲିସ, ଦମକଳ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ପିପିଲି ଓ ଭୁବନେଶ୍ୱର ମେଡିକାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବସ୍‌ଟିକୁ ରାସ୍ତାରୁ ହଟାଇ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ସାରଳା ନାମକ ଘରୋଇ ବସ୍ (ନଂ. ଓଆର୍ ୦୨ ୟୁ ୯୯୫୪)ଟି ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଅସ୍ତରଙ୍ଗ ଅଭିମୁଖେ ଯାଉଥିଲା। ଅପରାହ୍ନରେ ବର୍ଷା ହେଉଥିବାବେଳେ ପିପିଲି ଟୋଲଗେଟ୍ ନିକଟରେ ହଠାତ୍ ବସ୍‌ଟି ଏକ ଡିଭାଇଡରରେ ପିଟି ହୋଇ ମଝିରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ବସ୍ ତଳେ ହେଲ୍‌ପର ଚାପି ହୋଇ ଯାଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହାଦେଖି ସ୍ଥାନୀୟ ଲୋକେ ବସ୍‌ରୁ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ମେଡିକାଲ ପଠାଇଥିଲେ। ହେଲେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲ୍‌ପର ନିମାପଡ଼ା ଥାନା ଅଞ୍ଚଳର ଅଭିଜିତ ପାତ୍ର(୨୦)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବସ୍‌ଟି ରାସ୍ତା ଉପରେ ପଡି ରହିଥିବାରୁ ପ୍ରାୟ ଏକ ଘଣ୍ଟା ରାସ୍ତା ଜାମ ହୋଇରହିଥିଲା। ଖବରପାଇ ପିପିଲି ପୋଲିସ, ଦମକଳ ବାହିନୀ ପହଞ୍ଚି କ୍ରେନ ସାହାଯ୍ୟରେ ପ୍ରାୟ ୧ଘଣ୍ଟାର ପରିଶ୍ରମ ପରେ ବସ୍‌କୁ ରାସ୍ତାରୁ ହଟାଇବାରୁ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇ ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

## ମହିଳା ବ୍ୟବସାୟୀଙ୍କଠାରୁ ୩୩ ହଜାର ଟଙ୍କା ସାଇବର ଠକେଇ

**ଭୁବନେଶ୍ୱର,୧୨।୮ (ବ୍ୟୁରୋ):** ଫେସ୍‌ବୁକ୍ ଜରିଆରେ ଶାଢ଼ୀ ବ୍ୟବସାୟ କରୁଥିବା ଜଣେ ମହିଳା ବ୍ୟବସାୟୀ ସାଇବର ଠକେଇର ଶିକାର ହୋଇଛନ୍ତି। ଶାଢ଼ୀ ଦେବା ଆଳରେ ସାଇବର ଠକ ତାଙ୍କଠାରୁ ୩୩ ହଜାର ୧୦୦ ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ମହିଳା ବ୍ୟବସାୟୀ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା କଟକର ଶୁଭଲକ୍ଷ୍ମୀ ବେହେରା। ଏନେଇ ଶୁଭଲକ୍ଷ୍ମୀ ଶୁକ୍ରବାର ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସେ କଟକ ସାଇବର ଥାନା ଓ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିବା ପୋଲିସ କହିଛି।

# ‘ଜଙ୍ଗଲ କ୍ଷୟ ରୋକିଲେ, ହାତୀ ବଂଶ ବଢ଼ିବ’

## ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ

**ବାରଙ୍ଗ,୧୨।୮(ଡି.ଏନ୍.ଏ.)**

ଦେଶ ତଥା ରାଜ୍ୟରେ ଦିନକୁ ଦିନ ପ୍ରାକୃତିକ ଭାବେ ହେଉ କିମ୍ବା ମନୁଷ୍ୟକୃତ ଜଙ୍ଗଲ କ୍ଷୟ ବଢ଼ିବାରେ ଲାଗିଛି। ଏହାଦ୍ୱାରା ଜଙ୍ଗଲରେ ରହୁଥିବା ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ ପ୍ରାଣହାନି ଘଟି ଲୋପ ପାଇବାରେ ଲାଗିଛନ୍ତି। ତେଣୁ ଜଙ୍ଗଲ କ୍ଷୟ ରୋକିପାରିଲେ, ହାତୀ ବଂଶ ବୃଦ୍ଧି ହେବାରେ ସହାୟକ ହୋଇପାରିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ମତବ୍ୟକ୍ତ କରିଛନ୍ତି। ନନ୍ଦନକାନନରେ ଶୁକ୍ରବାର ବିଶ୍ୱ ହାତୀ ଦିବସ ପାଳନ ଅବସରରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ହାତୀ ଦିବସ ପାଳନ ପାଇଁ ସକାଳୁ ମାହୁନ୍ତମାନେ ସେମାନଙ୍କ ହାତୀ ପ୍ରେମା, ବାସନ୍ତୀ, ହୀରା ଓ ମାମାକୁ ଭଲ ଭାବେ ଗାଧୋଇ ଦେଇଥିଲେ। ପ୍ରଥମେ ଡାକ୍ତରଖାନା ନିକଟ ଲାଳନପାଳନ କେନ୍ଦ୍ରରୁ ହାତୀ ମାମାକୁ ଚେତନା କେନ୍ଦ୍ର ପାଖକୁ ଅଣାଯାଇଥିଲା। ସେଠାରେ ଅତିଥିଭାବେ ପିସିସିଏଫ୍ କେଦାର ସ୍ୱାଇଁ ଓ ଉପନିର୍ଦ୍ଦେଶକଙ୍କ ସହ ସ୍କୁଲପିଲାମାନେ ଅପେକ୍ଷା କରିଥିଲେ। ମାମା ଆସିବା ପରେ ତାକୁ ପ୍ରଥମେ ଅତିଥିମାନେ ନଡ଼ିଆ, ତରଭୁଜ, କଦଳୀ, ସେଓ, ମକା, ଆଖୁ ଆଦି ସୁସ୍ୱାଦ ଖାଦ୍ୟ ଖାଇବାକୁ ଦେଇଥିଲେ। ଏହାପରେ ସ୍କୁଲପିଲାମାନେ ମାମାକୁ ଖାଇବାକୁ ଦେଇ ଖୁସି ଅନୁଭବ କରିଥିଲେ। ପର୍ଯ୍ୟଟକମାନଙ୍କୁ ନେଇ ହାତୀ ସୁରକ୍ଷା ଉପରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହାସହ ସ୍କୁଲପିଲାଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଅନ୍‌ଲାଇନରେ ହାତୀ ସଂରକ୍ଷଣ ଉପରେ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ବାସନ୍ତୀ ହାତୀର ମାହୁନ୍ତ-ଶ୍ୟାମସିଂ, ପ୍ରେମା ହାତୀର ମାହୁନ୍ତ-ମଙ୍ଗାରାମ ଖମାରୀ ଓ ବରେନ ସାମଲ, ହିରା ହାତୀର ମାହୁନ୍ତ-ଅର୍ଜୁନ ଖମାରୀ ଓ କାରିଆହାସଦା, ମାମା ହାତୀର ମାହୁନ୍ତ ଦୁଃଖିଶ୍ୟାମ ବେହେରା ଓ ଅସ୍ଥାୟୀ କର୍ମଚାରୀ ସୁବ୍ରତସିଂଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ନନ୍ଦନକାନନରେ ସ୍କୁଲ ଛାତ୍ରୀଛାତ୍ର ହାତୀ ମାମାକୁ ଖାଇବାକୁ ଦେଉଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

**ଚୌଦ୍ୱାର,୧୨।୮ (ଡି.ଏନ୍.ଏ.):** ସାପ କାମୁଡାରେ ଚୌଦ୍ୱାର ପୌରପାଳିକା ଅଧୀନ ୧୭ ନଂ. ୱାର୍ଡ଼ ନୂଆସାହିର ଶୁକଦେବ ବିନ୍ଧାଣୀ(୬୫)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ ସେ ଘରେ ଶୋଇଥିବାବେଳେ ହଠାତ୍ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଅଗଷ୍ଟ ୧୫ରେ ଖୋଲା ରହିବ ନନ୍ଦନକାନନ

### ମଙ୍ଗଳବାର ବନ୍ଦ ରହିବ

**ବାରଙ୍ଗ,୧୨।୮(ଡି.ଏନ୍.ଏ.)**

ପ୍ରତି ସପ୍ତାହର ସୋମବାର ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବନ୍ଦ ରହୁଥିବାବେଳେ ଚଳିତବର୍ଷ ଅଗଷ୍ଟ ୧୫ ତଥା ସ୍ୱାଧୀନତା ଦିବସ ସୋମବାର ପଡୁଥିବାରୁ ଏହି ଦିନ ନନ୍ଦନକାନନ ଖୋଲା ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ବଡ଼ଦିନ, ନୂଆବର୍ଷ, ଦଶହରା, ରଜ ସଂକ୍ରାନ୍ତି ଆଦି ସୋମବାର ପଡୁଥିଲେ ନନ୍ଦନକାନନ ସେହିଦିନ ଖୋଲା ରହିବ ଏବଂ ପରଦିନ ଅର୍ଥାତ୍ ମଙ୍ଗଳବାର ବନ୍ଦ ରହିବ। ଚଳିତବର୍ଷ ଅଗଷ୍ଟ ୧୫ ତଥା ସ୍ୱାଧୀନତା ଦିବସ ସୋମବାର ପଡୁଥିବାରୁ ବିଧି ମୁତାବକ ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ସୋମବାର ଖୋଲାରହିବ। ତା’ପରଦିନ ଅର୍ଥାତ ୧୬ତାରିଖ ମଙ୍ଗଳବାର ଉଭୟ ଉଦ୍ୟାନ ବନ୍ଦ ରହିବ ବୋଲି ଜଣାପଡିଛି।


## OFFICE OF THE MUNICIPAL COUNCIL, BARBIL

No. C-994

### “e” Procurement Notice

**BID REFERENCE MUNICIPALITY (BBLM-3/2022-23)**
**TENDER CALL NOTICE No. 2431, Date: 10.08.2022**

1. Name of the work : Civil Construction works as mentioned in website
2. No. of Work : 10 (Ten)
3. Bid Value : Rs.3,78,400/- to Rs.95,82,000/-
4. Period of Completion : 45 to 180 days
5. Period of availability of tenders online : From 10.00 A.M. of 17.08.2022 to 5.00 P.M. of 30.08.2022
6. Last date & time of bidding: 5.00 P.M. of 30.08.2022 Online
7. Date & time of opening of Technical Bid : 11.00 A.M. of 02.09.2022
8. Name and address of the Officer Inviting Bid : Executive Officer, Barbil Municipality

Further details can be seen from the procurement portal: **www.tendersorissa.gov.in**.

**Sd./- Executive Officer**
**Barbil Municipality**
**OIPR-13108/11/0011/2223**

## DISTRICT HEALTH SOCIETY, DEOGARH
## NATIONAL HEALTH MISSION, DEOGARH

**Letter No.3600/DPMUDGH** **DATE:12.8.22**

### Walk-in -Interview

**No.E-391:**Walk-in -interview for filling up of the following category of posts will be held on as per the below mentioned schedule which is purely on contractual basis under NHM for a period of 11 months or completion of the project whichever is earlier in Deogarh District. Candidates selected shall be paid monthly remuneration & such other allowances/incentives as admissible under the norms of the society.

| Sl. No. | Name of The Post | No of Vacancies | Consolidated Remuneration | Date of Walk-in-interview |
|---|---|---|---|---|
| 1 | Paediatrician, DEIC | 1 | 70839 | 23.08.2022 |
| 2 | MO(MBBS) SNCU | 2 | 59511 | |
| 3 | MO MBBS,DEIC | 1 | 59511 | |
| 4 | Dental Technician, DEIC | 1 | 13001 | |
| 5 | Block Accounts Manager (BAM) | 1 | 17966 | 25.08.2022 |
| 6 | Clinical Psychologist, DMHP | 1 | 29161 | 26.08.2022 |
| 7 | District Programme Coordinator | 1 | 29161 | Last date of receiving application 30.08.2022 on or before 5pm. |
| 8 | District PPM Coordinator | 1 | 24473 | |
| 9 | Senior Treatment Supervisor | 1 | 20569 | |
| 10 | District PMDT TB-HIV Coordinator | 1 | 24473 | |

Interested candidates fulfilling the eligibility criteria for the posts from serial no.1 to 6 are required to attend the walk-in-interview in the Office of the CDM&PHO, Deogarh as per the date & time mentioned against the post. Registration timing will be from 10.30 AM to 12 noon only on walk in interview dates. The candidates failed to register their name in due time should not be considered. The candidates are required to bring the filled in application form as per prescribed format along with all their original certificates in support of their educational qualification, age, experience, photograph, self-photo ID proof (AADHAAR/ PAN/Voter card etc....) & one set of self-attested photocopies of the same.

Interested candidates fulfilling the eligibility criteria for the posts from serial no.7 to 10 are required to send the application form as per prescribed format along with one set of self-attested photocopies of the certificates in support of their educational qualification, age, experience, photograph, self-photo ID proof (AADHAAR/ PAN/Voter card etc....) through registered/ speed post only. The application should reach to the O/o the CDM & PHO, Deogarh on or before the last date and time mentioned against the post. The authority shall not be held responsible for any postal delay.

The Candidates disengaged from the society on administrative ground such as disobedience, misbehaviour, poor performance, criminal activity prior to applying for the post are not eligible to apply. The application form and the selection criteria/eligibility are available at District website www.deogarh.nic.in. The vacancies shown in the advt. is provisional & subject to change as per requirement. The panel of above advertised positions can be utilized for other positions of the society having same educational qualification, selection criteria and remuneration. Any revised guideline received from State NHM office regarding the selection of the said post/s during the recruitment process and then the selection will be done as per the revised guideline. The undersigned reserves the right to cancel any or all the process without assigning any reason thereof.

**Sd./- CDM & PHO-cum-DMD, Deogarh**
**OIPR-10113/11/0012/2223**

## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER
## INDRAVATI & KOLAB BASIN, BARINIPUT

E-mail Id: cebmikb@gmail.com

**No.1568** **Dated 08/08/2022**

### e-Procurement Notice No. 01/2022-23
### Bid Identification No.CEBM-IKB-01/2022-23

**No.A-448:**On-line tenders are invited from the eligible bidders through e-Procurement in double cover system on **EPC Contract** for the work “Construction of Turi-Guntat Barrage Project near village Chatahandi across river Turi and village Deula across river Guntat in the district of Nabarangpur, construction of Link Channel, Hydro-Mechanical Works, Power Connectivity Works, Road Connectivity, Watchman-cum-Operator Shed including Design and Estimation of all components, Land Acquisition, Operation and Maintenance of the Barrage Project for a period of five years or five flood seasons whichever is later after successful commissioning of the project in the State of Odisha”.

1. Eligibility of the bidders : Super Class or equivalent.
2. Period of completion : 30 (Thirty) calendar months including rainy season.
3. E.M.D./Bid Security : Bid Security Declaration to be furnished instead of EMD / Bid Security.
4. Tender Fee : INR 10,000/- (Non-refundable) to be deposited on-line.
5. Date & time of availability of bidding document in the portal : From 10.00 AM on 16.08.2022 to 5.30 PM on 29.09.2022
6. Period of seeking clarification : From 23/08/2022 to 30/08/2022 (During office hours).
7. Date & time of Pre-bid conference : 02/09/2022 at 12.30 PM in the office chamber of the C.E. & B.M., Indravati & Kolab Basin (Jeypore), Bariniput.
8. Period of on-line bidding : From 10.00 AM on 16.08.2022 to 5.30 PM on 29.09.2022.
9. Date of opening of the bids Online : i) Technical: 30.09.2022 at 12.30 PM. ii) Financial: To be intimated later to the technically qualified bidders through e-mail.
10. Name & address of the O.I.T. : Chief Engineer & Basin Manager, Indravati & Kolab Basin (Jeypore), At/Po: Bariniput, District: Koraput.

Further details can be seen from e-procurement portal **https://tendersodisha.gov.in.**

**Sd./- Chief Engineer & Basin Manager**
**Indravati & Kolab Basin, Bariniput**
**OIPR-32456/11/0002/2223**

## OFFICE OF THE EXECUTIVE OFFICER
## NOTIFIED AREA COUNCIL, BELLAGUNTHA

**GANJAM, ODISHA, PIN - 761119**
**Phone No.: 06821-258244, E-Mail ID: eonacbellaguntha@gmail.com**

**L. No. 1072** **Date: 12.08.2022**

### NOTICE INVITING EXPRESSION OF INTEREST/QUOTATION

No. C-992: Executive Officer, on behalf of Bellaguntha NAC, Dist.-Ganjam invites quotations from the reputed Firms/Agencies/ Enterprisers/any other agencies having valid GST Registration Certificate and experience for the supply of 1. Computers and Accessories, 2. Furniture and Fixture for Offices, 3. Installation of CCTVs at various places of NAC, Bellaguntha and 4. Supply of Air Conditioners and other electric appliances.

The quotationer should receive the quotation paper from the Development Section of NAC, Bellaguntha by paying a quotation fee of Rs.500/- only. The quotation paper will be sold during office hours from 16.08.2022 to 30.08.2022 upto 1 P.M. The quotationer should submit the quotation on or before 30.08.2022 till 3 P.M. The quotations will be opened on the same day i.e. 30.08.2022 at 4.30 P.M. For detailed inquiry shall visit NAC Office during office hours.

The undersigned reserves the right to accept or reject any or all the E.O.I. proposal without assigning any reason thereof.

**Sd./- Executive Officer, NAC, Bellaguntha**
**OIPR-13113/11/0024/2223**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR

**Tel.: 06724220064, Fax: 06724221850, E-mail: cdmojagatsinghpur@gmail.com**

ସଂଖ୍ୟା: ୭୩୮//ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜଗତ୍‌ସିଂପୁର//୨୨-୨୩, ତା୧୦।୦୮।୨୦୨୨

### ବିଜ୍ଞପ୍ତି

### ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜଗତ୍‌ସିଂହପୁର

No. E-393: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜଗତ୍‌ସିଂହପୁର ଅନ୍ତର୍ଗତ ଭ୍ରାମ୍ୟମାଣ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ନିମ୍ନ ସମୟ ସୂଚୀ ହିସାବରେ ବିଭିନ୍ନ ବ୍ଲକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମୁକ୍ତରେ ମାନସିକ ରୋଗର ଚିକିତ୍ସା, ଔଷଧ, ଉପାଦେୟ ପରାମର୍ଶ ଓ ତତ୍ ସଂଲଗ୍ନ ବିଭିନ୍ନ ଗୋଷ୍ଠୀ ସହଭାଗୀ ସଚେତନତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମମାନ ଆୟୋଜନ କରିବେ। ଏହାର ସୁବିଧା ନେବାକୁ ବିଭିନ୍ନ ସରକାରୀ ବିଭାଗ ଓ ଜନସାଧାରଣମାନଙ୍କୁ ଅନୁରୋଧ। ସବିଶେଷ ସୂଚନା ପାଇଁ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ, କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜଗତ୍‌ସିଂହପୁରଠାରେ କାର୍ଯ୍ୟକ୍ଷମ ଥିବା ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂଆ ଓ.ପି.ଡି.) ବିଲ୍‌ଡିଂ ଅଥବା ହେଲ୍ପ ଲାଇନ ନମ୍ବର: ୦୬୭୨୪-୨୨୦୪୨୦ରେ ଦିବା ୯ଘଟିକାରୁ ୫ ଘଟିକା ମଧରେ କୌଣସି ସରକାରୀ କାର୍ଯ୍ୟ ଦିବସରେ ଯୋଗାଯୋଗ କରନ୍ତୁ।

| କ୍ରମିକ ସଂଖ୍ୟା | ବ୍ଲକର ନାମ | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନାମ | ପ୍ରତି ବ୍ଲକ ପାଇଁ ବିଭିନ୍ନ ଗୋଷ୍ଠୀ ସହଭାଗୀ ସଚେତନତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମର ଧାର୍ଯ୍ୟ ଦିବସ | ପ୍ରତି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ.ପି.ଡି.ରେ ମୁକ୍ତ ଚିକିତ୍ସା ଓ ପରାମର୍ଶ ପାଇଁ ଧାର୍ଯ୍ୟ ଦିବସ |
|---|---|---|---|---|
| ୧ | ବାଲିକୁଦା | ବାଲିକୁଦା | ପ୍ରତି ମାସର ୧ ତାରିଖ | ପ୍ରତି ମାସର ୨ ତାରିଖ |
| ୨ | ପାରାଦ୍ୱୀପ | ପାରାଦ୍ୱୀପ | ପ୍ରତି ମାସର ୩ ତାରିଖ | ପ୍ରତି ମାସର ୫ ତାରିଖ |
| ୩ | କୁଜଙ୍ଗ | କୁଜଙ୍ଗ | ପ୍ରତି ମାସର ୬ ତାରିଖ | ପ୍ରତି ମାସର ୮ ତାରିଖ |
| ୪ | ଏରସମା | ଏରସମା | ପ୍ରତି ମାସର ୯ ତାରିଖ | ପ୍ରତି ମାସର ୧୨ ତାରିଖ |
| ୫ | ନାଉଗାଁ | ନାଉଗାଁ | ପ୍ରତି ମାସର ୧୩ ତାରିଖ | ପ୍ରତି ମାସର ୧୫ ତାରିଖ |
| ୬ | ମଣିଜଙ୍ଗା | ମଣିଜଙ୍ଗା | ପ୍ରତି ମାସର ୧୬ ତାରିଖ | ପ୍ରତି ମାସର ୧୮ ତାରିଖ |
| ୭ | ରଘୁନାଥପୁର | ରଘୁନାଥପୁର | ପ୍ରତି ମାସର ୨୦ ତାରିଖ | ପ୍ରତି ମାସର ୨୨ ତାରିଖ |
| ୮ | ବିରିଡି | ବିରିଡି | ପ୍ରତି ମାସର ୨୩ ତାରିଖ | ପ୍ରତି ମାସର ୨୫ ତାରିଖ |
| ୯ | ଜଗତ୍‌ସିଂହପୁର | ମଣ୍ଡାସାହି | ପ୍ରତି ମାସର ୨୪ ତାରିଖ | ପ୍ରତି ମାସର ୨୬ ତାରିଖ |
| ୧୦ | ଜଗତ୍‌ସିଂହପୁର | ଜଗତ୍‌ସିଂହପୁର ସହରାଞ୍ଚଳ | ପ୍ରତି ମାସର ୨୭ ତାରିଖ | |
| ୧୧ | ଜଗତ୍‌ସିଂହପୁର | ଜଗତ୍‌ସିଂହପୁର ସହରାଞ୍ଚଳ | ପ୍ରତି ମାସର ୨୮ ତାରିଖ | |

**Sd./- Dr. Kshetrabasi Dash**
**Chief District Medical & Public Health Officer, Jagatsinghpur**
OIPR-10043/11/0008/2223

## MADHUSUDAN LAW UNIVERSITY

**(State University Established under The Odisha Universities Act.1989)**
**Station Road, Cuttack,Odisha-753003**
**Website: www.mlu.ac.in**

**Ref.No.MLU-33/2626/2022** **Date:12.08.2022**

### Quotation Call

**No.CAD-1480:** Quotations in sealed envelope are invited from the intending agencies/companies having expertise in design, development, hoisting and maintenance of website and mobile application as per the guidelines of government. The Quotation can be received in the office of the undersigned from Dt.16.08.2022, 11:00 AM to Dt.30.08.2022, 05:00 PM during the office hour and will be opened on Dt.02.09.2022 at 11:00 AM in the office of the REGISTRAR, Madhusudan Law University, Cuttack- 753003. The rate should be inclusive of all taxes and charges including testing, domain registration, hoisting, maintenance, Training etc for both web based and mobile application. The undersigned reserves the right to reject / cancel any or all the quotations without assigning any reason thereof. For details visit the website of the University i.e. www.mlu.ac.in.

**Sd./- Registrar**
**Madhusudan Law University, Cuttack**
**OIPR-11051/11/0006/2223**

## ODISHA MINING CORPORATION LIMITED

**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**

OMC | ODISHA NEW OPPORTUNITIES — Mining Happiness

**No.CAD-1482:**

### E-procurement notice

**Bid document No.: OMC/E-PROC/CMC/79/2022** **dated: 12.08.2022**

| | | |
|---|---|---|
| 1 | Work name | Appointment of Service Provider for the work of Analysis of Exploration Samples (through e-tendering) |
| 2 | Availability of tender documents on the e-tendering portal of Government of Odisha | Date: 16.08.2022; Time: 3.00 PM |
| 3 | Last date for sending queries to OMC | Date: 26.08.2022; Time: 5.00PM; queries may be sent by email to cmc@odishamining.in |
| 4 | Pre-bid meeting | Date: 30.08.2022; Time: 3.30PM ; Venue: Through VC |
| 5 | Bid Due Date | Date: 15.09.2022; Time: 5.00 PM |
| 6 | Opening of Techno-Commercial Bid | Date: 15.09.2022; Time: 5.30PM |
| 7 | Tender Paper Fee (non-refundable) including GST | Payable online on the e-tender portal of Government of Odisha (www.tendersodisha.gov.in) |
| 8 | Earnest Money Deposit (EMD) | Payable online on the e-tender portal of Government of Odisha (www.tendersodisha.gov.in) |

All other details including tender fee & EMD can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

**Sd./- Advisor (C&P)**
**OIPR-30005/11/0104/2223**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ଭାରତୀୟ ଦଳରେ ଓଡ଼ିଶାର ଆଶିଷ


କର୍ମକର୍ତ୍ତାଙ୍କ ଗହଣରେ ୧୮ ବର୍ଷରୁ କମ୍ ଭାରତୀୟ ଭଲିବଲ ଦଳ।

**୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ**

ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)

ଇରାନର ତେହେରାନଠାରେ ୧୪ତମ ୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଶୁକ୍ରବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଆଶିଷ କୁମାର ସ୍ୱାଇଁ ସ୍ଥାନ ପାଇଛନ୍ତି। ମନୋନୀତ ୧୨ ଖେଳାଳି ଓ ୪ ଅଫିସିଆଲ୍ ତେହେରାନ ଯାତ୍ରା କରିଛନ୍ତି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ପକ୍ଷରୁ ଓଡ଼ିଶା ଭଲିବଲ ଆସୋସିଏଶନକୁ ସମ୍ଭାବ୍ୟ ୨୦ ଖେଳାଳିଙ୍କୁ ନେଇ କୋଚିଂ କ୍ୟାମ୍ପ ଆୟୋଜନ ଦାୟିତ୍ୱ ଦିଆଯାଇଥିଲା। କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ମେ' ୨୦ ତାରିଖରୁ ଆରମ୍ଭ ହୋଇ ଗତ ୧୧ରେ ଶେଷ ହୋଇଥିଲା। ପ୍ରଦର୍ଶନଭିତ୍ତିରେ ଉକ୍ତ ୨୦ ଖେଳାଳିଙ୍କ ମଧ୍ୟରୁ ୧୨ ଜଣଙ୍କୁ ଚୟନ କରାଯାଇଥିଲା। ଏହି ୧୨ ଜଣଙ୍କ ମଧ୍ୟରେ ଓଡ଼ିଶାର ଜଣେ ଖେଳାଳି ଆଶିଷ ସ୍ୱାଇଁ (ନୟାଗଡ଼) ଅନ୍ତର୍ଭୁକ୍ତ। କ୍ୟାମ୍ପ ପରିଚାଳନା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହ ଖେଳାଳି ଓ ଅଫିସିଆଲ୍‌ଙ୍କୁ କିଟ୍ ପ୍ରଦାନ କରିଥିବା ଭିଏଫ୍ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଆଗାମୀ ପ୍ରତିଯୋଗିତା ପାଇଁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଭାରତୀୟ ଦଳ:** ଖୁସ୍ ସିଂ, ଶେଖର ତରୁନ, ଆଦିତ୍ୟ ରାଣା, ନୟନଭାଇ ଧ୍ରୁଭିଲ ପଟେଲ, ଲାଭି କୁମାର, ଆଶିଷ କୁମାର ସ୍ୱାଇଁ, କାର୍ତ୍ତିକ ଶର୍ମା (ଅଧିନାୟକ), କାର୍ତ୍ତିକ ୟମନ (ଲିବେରୋ), ଅତୁଲ ସିଂ, ଅଭିଷେକ, କାବିଲନ ମହେନ୍ଦ୍ରନ, ଆର୍ଯ୍ୟନ ବଲିଆନ। ଅଫିସିଆଲ୍: ଜୟକୁମାର ନଦରାଜନ (ମ୍ୟାନେଜର), ବୀର ସିଂ ଯାଦବ (ମୁଖ୍ୟ କୋଚ୍), ଶୈଳେଶ ଚୌଧୁରୀ (ସହକାରୀ କୋଚ୍), ମହେନ୍ଦ୍ର ସିଂ ସରନ (ରେଫରି)।

## ଅଶୋକ ସାହୁଙ୍କୁ ଜାତୀୟ ଦାୟିତ୍ୱ



**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି:** ଅନ୍ତର୍ଜାତୀୟ ବାସ୍କେଟବଲ ଆସୋସିଏଶନ (ଏଫ୍ଆଇବିଏ)ର ୧୮ ବର୍ଷରୁ କମ୍ ଏସିଆନ ବାସ୍କେଟବଲ ଚାମ୍ପିୟନଶିପ୍ ଇରାନର ତେହେରାନଠାରେ ଚଳିତ ମାସ ୨୧ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ବାସ୍କେଟବଲ ଆସୋସିଏଶନ (ଓବିଏ) ସମ୍ପାଦକ ଅଶୋକ କୁମାର ସାହୁଙ୍କୁ ଭାରତୀୟ ଦଳର ମ୍ୟାନେଜର ନିଯୁକ୍ତ କରାଯାଇଛି। ଆଗାମୀ ପ୍ରତିଯୋଗିତାରେ ଭାରତ ସମେତ ୧୦ଟି ଦେଶ ଭାଗନେବେ। ଅଶୋକ ସାହୁଙ୍କୁ ଓବିଏର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ପାଇଁ ଶ୍ରଦ୍ଧାଞ୍ଜଳି ଓଡ଼ିଶା ମହିଳା ଫୁଟବଲ କୋଚ୍

ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଆସନ୍ତା ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ୩୬ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଗୁଜରାଟରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ମହିଳା ଫୁଟବଲ ଖେଳାଳିଙ୍କୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜାତୀୟ କ୍ରୀଡ଼ା ପାଇଁ ଏକ ସୁସଙ୍ଗଠିତ ମହିଳା ଫୁଟବଲ ଦଳ ଗଠନ କରିବାକୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ପୂର୍ବତନ ଭାରତୀୟ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ କୋଚ୍‌ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ଶ୍ରଦ୍ଧାଞ୍ଜଳିଙ୍କୁ ରାଜ୍ୟଠାରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ସେ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରିଛନ୍ତି। ତେଣୁ ଏବେ ମିଳିଥିବା ଗୁରୁଦାୟିତ୍ୱକୁ ମଧ୍ୟ ସେ ଠିକ୍‌ଭାବେ ତୁଲାଇ ପାରିବେ ବୋଲି ଦୃଢ଼ ଆଶା ରଖିଛନ୍ତି। ପ୍ରକାଶଯୋଗ୍ୟ ଯେ, ଗତ ସପ୍ତାହରେ ଦିଲ୍ଲୀଠାରେ ଅନୁଷ୍ଠିତ ଫିଫା ଲିଜେଣ୍ଡ୍ସ ମ୍ୟାଚ ଖେଳି ଶ୍ରଦ୍ଧାଞ୍ଜଳି ରାଜ୍ୟ କ୍ରୀଡ଼ା ପାଇଁ ଗୌରବ ଆଣିଥିଲେ। ଗତ ୧୧ ବର୍ଷ ମଧ୍ୟରେ ସେ କେବଳ ରାଜ୍ୟ ଦଳ ନୁହେଁ ଜାତୀୟ ଦଳରେ ମଧ୍ୟ କୋଚିଂ ଦାୟିତ୍ୱକୁ ଦକ୍ଷତାର ସହ ସମ୍ପାଦନ କରିଛନ୍ତି। ଏଥିପାଇଁ ସେ ନିଯୁକ୍ତିଦାତା ନାଲ୍‌କୋ, ଫାଓ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ମହିଳା ଫୁଟବଲର କୋଚିଂ କ୍ୟାମ୍ପ କିଟ୍ ପରିସରରେ ୧୧ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ଚାଲିବ।

# ସର୍ବଭାରତୀୟ ଏଲ୍ଆଇସି କ୍ରୀଡ଼ା ପାଇଁ ୧୬ ମନୋନୀତ

ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)

**କ୍ୟାରମ୍ ଓ ଚେସ୍ ପାଇଁ ଚୟନ ପ୍ରତିଯୋଗିତା ଶେଷ**

ଭାରତୀୟ ଜୀବନବୀମା ନିଗମ (ଏଲ୍ଆଇସି)ର ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କ୍ୟାରମ୍ ଏବଂ ଚେସ୍ (ମହିଳା ଓ ପୁରୁଷ) ଖେଳ ପାଇଁ ଚୟନ ପ୍ରତିଯୋଗିତା ଶେଷ ହୋଇଛି। ଏଥିରୁ ପ୍ରଦର୍ଶନଭିତ୍ତିରେ ଭୋପାଳରେ ଆସନ୍ତା ନଭେମ୍ବରରେ ହେବାକୁଥିବା ସର୍ବଭାରତୀୟ ଏଲ୍ଆଇସି କ୍ରୀଡ଼ା ପାଇଁ ୧୬ ଖେଳାଳି ମନୋନୀତ ହୋଇଛନ୍ତି। ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) କିରଣ ମନୀଷା ମହାନ୍ତି ଜୋନାଲ ଚାମ୍ପିୟନ ହୋଇଛନ୍ତି। କ୍ୟାରମର ମହିଳା ବିଭାଗରେ ସର୍ବଭାରତୀୟ ଯୋଗ୍ୟତା ପାଇଥିବା ପ୍ରତିଯୋଗୀମାନେ ହେଲେ ଦୀପିକା ସିହ୍ନା (ପାଟନା-୧ ଡିଭିଜନ), ଡି.ଆର. ଆଧା (ଭୁବନେଶ୍ୱର), ପୁନମ କୁମାରୀ (ଭାଗଲପୁର) ଓ ଏସ.ଟି. ମିଞ୍ଜ୍ (ଜାମସେଦପୁର)। ସେହିପରି ପୁରୁଷ ବିଭାଗରେ ଜେ.କେ. ସିହ୍ନା (ପାଟନା-୧), ଏସ.କେ. ସିହ୍ନା (ମୁଜାଫରପୁର), ଆର.ଏସ. ସାହୁ (ସମ୍ବଲପୁର) ଓ ସନ୍ତୋଷ କୁମାର ବେହେରା (ବ୍ରହ୍ମପୁର) ଯୋଗ୍ୟତା ହାସଲ କରିଛନ୍ତି। ଚେସ୍‌ର ମହିଳା ବିଭାଗରେ କିରଣ ମୀନକ୍ଷୀ ମହାନ୍ତି (ଭୁବନେଶ୍ୱର), ମନୀଷା ତ୍ରିବେଦୀ (ପାଟନା-୧), ଏ.ଆର. ଗୁଡ୍ଡୁ (ହଜାରିବାଗ), ଅନୁଜ ପ୍ରଭା ବେହେରା (କଟକ) ଏବଂ ପୁରୁଷରେ ଆଶୁତୋଷ ମହାପାତ୍ର (ଭୁବନେଶ୍ୱର), ବିଧୁ ଭୂଷଣ ମିଶ୍ର (ସମ୍ବଲପୁର), ହିମାଂଶୁ ଚକ୍ରବର୍ତ୍ତୀ (ଜାମସେଦପୁର) ଓ ଅମରେଶ କୁମାର (ମୁଜାଫରପୁର ଡିଭିଜନ) ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

# ଓଡ଼ିଶା ଏଫ୍‌ସି ଜର୍ସି ଉନ୍ମୋଚିତ


ନୂଆ ଜର୍ସି ପରିହିତ ୩ ଖେଳାଳି।

**ଭୁବନେଶ୍ୱର, ୧୨।୮:** ଓଡ଼ିଶା ଫୁଟ୍‌ବଲ କ୍ଲବ ଆଗାମୀ ହିରୋ ଇଣ୍ଡିଆନ ସୁପର ଲିଗ୍ ସିଜନ ପାଇଁ ତିନୋଟି ନୂଆ କିଟ୍ ଉନ୍ମୋଚନ କରିଛି। ଏହି ଇଭେଣ୍ଟ ଶୁକ୍ରବାର କିଟ୍ ୟୁନିଭର୍ସିଟିର କ୍ୟାମ୍ପସ ୧୫ରେ ରହିଥିବା ଚେସ୍ ହଲ୍‌ରେ ହୋଇଥିଲା। ରେଡ୍ଏଫ୍ଏମ୍‌ର ଆର.ଜେ ସ୍ମିତାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଡ୍ୟାନ୍‌ସିଂ ସେନ୍‌ସେଶନ ଶୈଳେନ୍ଦ୍ର ସାମନ୍ତରାୟଙ୍କ ପ୍ରଦର୍ଶନ ସହ ଆରମ୍ଭ ହୋଇଥିଲା। ଏହି ଅବସରରେ କ୍ଲବ ନିକଟରେ କମ୍ୟୁନିଟି ପ୍ରୋଗ୍ରାମ୍ ଆରମ୍ଭ କରିଥିବା ଏହାର ସଭାପତି ରାଜ୍ ଅଥୱାଲ କହିଥିଲେ। କ୍ଲବର ନିକଟ ଭବିଷ୍ୟତ ଯୋଜନା ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ। ପୁରୁଷ ଦଳର ମୁଖ୍ୟ କୋଚ୍ ଜୋସେପ୍ ଗୋମ୍ବାଉ କହିଥିଲେ, ନବଗଠିତ ମହିଳା ଦଳ ପ୍ରଭାବୀ ପ୍ରଦର୍ଶନ ନିଜ ପାଇଁ ସମର୍ଥକ ସୃଷ୍ଟି କରୁ। ଶେଷରେ ଜେନେରାଲ ମ୍ୟାନେଜର ଅଭିକ୍ ଚାଟାର୍ଜୀ ଅତିଥି, ପ୍ରାୟୋଜକ ଓ ଷ୍ଟାଫ୍‌ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦଳ ଡୁରାଣ୍ଡ କପ୍ ଖେଳି ସିଜନ ଆରମ୍ଭ କରିବ।

# ଲିଜେଣ୍ଡ୍ସ ଲିଗ୍: ଇଡେନ ଗାର୍ଡେନ୍ସରେ ଖେଳାଯିବ ସ୍ୱତନ୍ତ୍ର ମ୍ୟାଚ୍

**ନୂଆଦିଲ୍ଲୀ, ୧୨।୮ (ପି.ଟି.):** ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍ଏଲ୍‌ସି)ର ଦ୍ୱିତୀୟ ସଂସ୍କରଣର ପ୍ରଥମ ମ୍ୟାଚ କୋଲକାତାରେ ଇଡେନ ଗାର୍ଡେନ୍ସରେ ସେପ୍ଟେମ୍ବର ୧୬ରେ ଖେଳାଯିବ ବୋଲି ଆୟୋଜକଗଣ ଶୁକ୍ରବାର ପ୍ରକାଶ କରିଛନ୍ତି। ଇଣ୍ଡିଆ ମହାରାଜାଜ୍ ବନାମ ୱାର୍ଲ୍ଡ ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ ଭାରତ ସ୍ୱାଧୀନତାପ୍ରାପ୍ତିର ୭୫ତମ ବର୍ଷ ପାଳନ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ। ଏଲ୍ଏଲ୍‌ସିର କମିଶନର ରବି ଶାସ୍ତ୍ରୀ ଏ ବିଷୟରେ ସୂଚନା ଦେଇଛନ୍ତି। ଭାରତର ପୂର୍ବତନ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଇଣ୍ଡିଆନ ମହାରାଜାସ୍ ଦଳର ନେତୃତ୍ୱ ନେବେ। ସେହିପରି ୱାର୍ଲ୍ଡ ଜାଏଣ୍ଟ୍ସର ଅଧିନାୟକତ୍ୱ କରିବେ ଇଂଲଣ୍ଡର ୨୦୧୯ ବିଶ୍ୱକପ୍ ବିଜୟୀ ଅଧିନାୟକ ଇଅନ ମୋର୍ଗାନ। ସ୍ୱତନ୍ତ୍ର ମ୍ୟାଚ ଖେଳାଯିବାର ଦିନକ ପରେ ଏଲ୍ଏଲ୍‌ସି ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଖେଳାଯିବ। ଫ୍ରାଞ୍ଚାଇଜ୍‌ଭିତ୍ତିକ ଫର୍ମାଟରେ ଚାରୋଟି ଦଳକୁ ନେଇ ଏହା ଖେଳାଯିବ। ଏହି ସିଜନରେ ୨୨ ଦିନରେ ମୋଟ ଉପରେ ୧୫ଟି ମ୍ୟାଚ ଖେଳାଯିବ।

**ଜନ୍ମଦିନର ଶୁଭେଚ୍ଛା**



**ଅଞ୍ଜଳି କୁମାରୀ ସାହ**
ଗୁଡିଆକାଟେଣୀ, ଢେଙ୍କାନାଳ
ତୁମକୁ ତୁମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କି ତୁମେ ସବୁବେଳେ ଖୁସିରେ ରୁହ ଏବଂ ଦୀର୍ଘାୟୁ ହୁଅ। ଆଗାମୀ ଦିନରେ ବଡ଼ ମଣିଷ ହୋଇ ଆମ ସମସ୍ତଙ୍କୁ ଗୌରବାନ୍ୱିତ କର ।
ଈଶ୍ୱରଙ୍କ ସୃଷ୍ଟିରେ ଏକ ମୂଲ୍ୟବାନ ଅବଦାନ
"ବନ୍ଧୁତା ରୂପେ ସେ ଦେଲେ ଆମକୁ ଉପହାର
ବନ୍ଧୁଟିଏ ସିନା ବୁଝିପାରିଥାଏ ଏକ କୋମଳ ହୃଦୟ ମନ,
ଶୂନ୍ୟତାରେ ଭରିଦେଇଥାଏ ଅସଂଖ୍ୟ ଖୁସିର ଫଗୁଣ ।"
ଧ-୭୪୦୦୪

**ADVERTISEMENT FOR PROJECT ASSISTANT**
**P.G. DEPARTMENT OF SOCIAL SCIENCE**
**FAKIR MOHAN UNIVERSITY**
Vyasa Vihar, Balasore - 756089

Applications are invited from interested candidates for the engagement of one Project Assistant on purely temporary basis for the Odisha State Higher Education Council, Government of Odisha (OURIIP Seed Fund - 2022) sponsored project entitled as "A Multi-Level Analysis of Trends and Dimensions of Voting Behaviour in India since 1999. A Case study of Balasore district of Odisha" in the P.G. Department of Social Science, Fakir Mohan University, Balasore.
Please log into **http://fmuniversity.nic.in**. for details.
Sd./- Principal Investigator

# ଆନ୍ତଃସ୍କୁଲ, ଓ୍ୱାଇଜିଟିଟିଏ ଟିଟି ଉଦ୍‌ଘାଟିତ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳି।

ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ଆନୁକୂଲ୍ୟରେ ଆନ୍ତଃ-ସ୍କୁଲ ଏବଂ ୨୭ତମ ଓ୍ୱାଇଜିଟିଟିଏ ଟେବୁଲ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଆନ୍ତଃ-ସ୍କୁଲ ଟୁର୍ନାମେଣ୍ଟରେ ୭୦ଟି ବିଭିନ୍ନ ସ୍କୁଲ୍‌ରୁ ୯୫ ବାଳିକା ଓ ୧୯୦ ବାଳକ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୮ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଓଏସ୍‌ଟିଟିଏ ସଭାପତି ତଥା ଗ୍ରାମ୍ୟ ଉନ୍ନୟନ ଏବଂ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କଟକ ମହାନଗର ନିଗମ କମିଶନର ନିଖିଲ ପଓ୍ୱନକଲ୍ୟାଣ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଏସ୍‌ଟିଟିଏ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ନୀହାର ରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଜୟଦିଥ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ସୁଜିତ ରାୟ ମୁଖ୍ୟ ରେଫରି ଦାୟିତ୍ୱ ନିର୍ବାହ କରୁଛନ୍ତି। ଓ୍ୱାଇଜିଟିଟିଏ ଚାମ୍ପିୟନଶିପ୍‌ର ମ୍ୟାଚ ୧୪ ତାରିଖରୁ ଆରମ୍ଭ ହେବ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଦ୍ୱାଦଶାହ ଉପଲକ୍ଷେ**



**ଁ ରେଣୁବାଳା ମିଶ୍ର**
ଆବିର୍ଭାବ- ୧୪।୦୯।୧୯୫୦
ତିରୋଧାନ- ୦୨।୦୮।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଦୂରଦୃଷ୍ଟି, ଆଦର୍ଶ, ତ୍ୟାଗ ଓ ଆଶୀର୍ବାଦ ଆଗାମୀ ଦିନପାଇଁ ଅଭୁଲା ସ୍ମୃତି ହୋଇ ରହିବ । ଏହି ସ୍ନେହ ଆଉ ଶ୍ରଦ୍ଧା ଆମ ଉପରେ ଚିରଦିନ ପାଇଁ ଆଶୀର୍ବାଦ ପରି ରହିଥାଉ । ତୁମେ ଛାଡିଯାଇଥିବା ତୁମର ସ୍ୱାମୀ ରାଜକିଶୋର, ଜ୍ୟେଷ୍ଠପୁତ୍ର ଓ ପୁତ୍ରବଧୂ (କିଟୁନି ଓ ମାନୀ), କନିଷ୍ଠ ପୁତ୍ର ଓ ପୁତ୍ରବଧୂ (ବୁବୁନ୍ ଓ ମିଠୁ), ଜ୍ୟେଷ୍ଠା କନ୍ୟା ଓ ଜାମାତା (ମାନୀ ଓ ମନୁ), କନିଷ୍ଠା କନ୍ୟା ଓ ଜାମାତା (ଇନି ଓ ଅନିଲ) ଏବଂ ନାତି ଓ ନାତୁଣୀ (ଗୁଡୁଲ, ଗୁଗୁ, କାକୁଲ ଓ ମିକୁଲ) ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ବିନମ୍ର ପ୍ରାର୍ଥନା ତୁମର ଅମର ଆତ୍ମା ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ ।
ଧ-୧୨୫୦

# ଆସନ୍ତା ମାର୍ଚ୍ଚରେ ମହିଳା ଆଇପିଏଲ୍

**ନୂଆଦିଲ୍ଲୀ, ୧୨।୮(ପି.ଟି.):** ବହୁ ପ୍ରତୀକ୍ଷିତ ମହିଳା ଆଇପିଏଲ୍ ୨୦୨୩ ମାର୍ଚ୍ଚରୁ ଖେଳାଯିବ। ଏଥିପାଇଁ ଏକ ମାସ ସମୟ ରଖାଯାଇଥିବା ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଫେବୃୟାରୀ ୯ରୁ ୨୬ ଦକ୍ଷିଣ ଆଫ୍ରିକାରେ ହେବାକୁଥିବା ମହିଳା ଟି୨୦ ବିଶ୍ୱକପ୍ ପରେ ଏହା ଅନୁଷ୍ଠିତ ହେବ। ବର୍ତ୍ତମାନ ଆପାତତଃ ୫ଟି ଦଳକୁ ନେଇ ମହିଳା ଆଇପିଏଲ୍ କରିବାକୁ ସ୍ଥିର କରାଯାଇଛି। ନିବେଶକଙ୍କ ଆଗ୍ରହ ବଢିଲେ ଦଳ ସଂଖ୍ୟା ୬କୁ ବୃଦ୍ଧି କରାଯାଇପାରେ। ଠିକଣା ସମୟରେ ଟିମ୍ ନିଲାମ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦିଆଯିବ। ଉଭୟ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ପୂର୍ବରୁ ସେମାନଙ୍କର ପୃଥକ୍ ପୃଥକ୍ ସାକ୍ଷାତ୍‌କାରରେ ୨୦୨୩ରେ ମହିଳା ଆଇପିଏଲ୍ ଖେଳାଯିବା ସମ୍ପର୍କରେ ସୂଚନା ଦେଇ ସାରିଛନ୍ତି। ଅନେକ ଖେଳପ୍ରେମୀଙ୍କ ମତରେ ମହିଳା ଆଇପିଏଲ୍ ହେଲେ ଦେଶରେ ମହିଳା କ୍ରିକେଟରେ ବୈପ୍ଳବିକ ପରିବର୍ତ୍ତନ ହେବ।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶା ଆଗକୁ ବଢ଼ିବା...

ରାଜକିଶୋର ଦାସ, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଓ ମୟୂରଭଞ୍ଜ ଜିଲା ପରିଷଦ ସଭାପତି ଭାରତୀ ହାଁସଦା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ପାଇଁ ଏହି ଦୁଇଟି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋକପାତ କରିଥିଲେ। ସେହିପରି କରଞ୍ଜିଆ ହାତୀବାରିଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅତିଥି ଭାବେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ସବୁଠାରୁ ଲୋକପ୍ରିୟ ଓ ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ବୋଲି ବର୍ଣ୍ଣନା କରିଥିଲେ। ଓଡ଼ିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ତାଙ୍କୁ ସମସ୍ତଙ୍କ ପ୍ରିୟଭାଜନ କରିପାରିଛି ବୋଲି ମତ ରଖିଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ ଧନ୍ୟବାଦ ଅର୍ପଣ କରିଥିଲେ। ରାସଗୋବିନ୍ଦପୁରରେ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ଓ କରଞ୍ଜିଆରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହିତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଜିଲା ସମସ୍ତ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି ଓ ପୂର୍ବତନ ଜନପ୍ରତିନିଧିଗଣ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୂର୍ବାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ୍‌ଙ୍କ ସହିତ ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ଉପସ୍ଥିତ ଥିଲେ।

## ସଲ୍‌ମାନ ରଶ୍‌ଦିଙ୍କୁ...

ଆୟାତୋଲ୍ଲା ରୁହୋଲ୍ଲା ଖୋମେନି ଏକ ଫତଓ୍ୱା ବଳରେ ରଶ୍‌ଦିଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ସେ ହତ୍ୟାକାରୀଙ୍କୁ ୩ ନିୟୁତ ଡଲାର ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲେ। ଇରାନ ସରକାର ଖୋମେନିଙ୍କ ଫତଓ୍ୱାଠାରୁ ନିଜକୁ ଦୂରେଇ ରଖିଥିଲେ ମଧ୍ୟ ସେଠାରେ ରଶ୍‌ଦି ବିରୋଧୀ ମନୋଭାବ ଦୀର୍ଘବର୍ଷ ଧରି ରହିଥିଲା। ୨୦୧୨ରେ ଇରାନର ଏକ ଧର୍ମୀୟ ଫାଉଣ୍ଡେଶନ ରଶ୍‌ଦିଙ୍କ ହତ୍ୟା ଲାଗି ୨.୮ ନିୟୁତରୁ ୩.୩ ନିୟୁତ ଡଲାର ପର୍ଯ୍ୟନ୍ତ ପୁରସ୍କାର ଅର୍ଥ ସଂଗ୍ରହ କରିଥିଲା।

## ଆରମ୍ଭ ହେଲା...

ଆନିକଟ ସେତୁ ନିର୍ମାଣ ହେବ। ଏହି ପ୍ରକଳ୍ପ ପାଇଁ ୨୧୯ କୋଟି ୫୦ ଲକ୍ଷ ଟଙ୍କା ଏବଂ ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ଦେଢ଼ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ କାର୍ଯ୍ୟ ୩୩ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ ପ୍ରକଳ୍ପ ପରଜଙ୍ଗ ବ୍ଲକର ୨୨ ଗ୍ରାମ ଏବଂ ତାଳଚେର ବ୍ଲକର ୨୩ ଗ୍ରାମ ଓ ତାଳଚେର ସହର ଲୋକମାନଙ୍କ ନିମନ୍ତେ ପାନୀୟ ଜଳ ଯୋଗାଇବାରେ ସହାୟକ ହେବ। ଏହାଛଡ଼ା ଏହି ପ୍ରକଳ୍ପ ମାଛ ଚାଷ, ପଶୁଧନ ପାଳନ କାର୍ଯ୍ୟ, ସ୍ଥାନୀୟ ଲୋକଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ।

## ବାଘ ଶିକାରୀଙ୍କୁ...

ବୋଲି ସନ୍ଦେହ ହେଉଛି। ଦରକାର ପଡ଼ିଲେ ସଞ୍ଜୟଙ୍କୁ ରିମାଣ୍ଡରେ ଅଣାଯିବ। ବାଘକୁ ପଞ୍ଚରିଡ଼ା ଚଢ଼େୟାପଲ୍ଲୀ ବାଣିଝରୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଶିକାର କରାଯାଇଥିଲା। ବନ ବିଭାଗ ପକ୍ଷରୁ ୧୦/୨୦୨୨-୨୩ ରେ ମକଦ୍ଦମା କରାଯାଇ ତଦନ୍ତ କରାଯାଉଛି।

**ବାଘ ଗଣନା ରିପୋର୍ଟକୁ ପ୍ରଶ୍ନବାଚୀ**

୨୦୧୭ ବାଘ ଗଣନା ରିପୋର୍ଟ ଅନୁଯାୟୀ ନୟାଗଡ଼ ଜଙ୍ଗଲରେ ବାଘ ନ ଥିଲେ। କିନ୍ତୁ ରଣପୁର ବନାଞ୍ଚଳର ନେଳିପଡ଼ାର ଜଣେ ବାଘ ଶିକାରୀଙ୍କୁ ଏସ୍‌ଟିଏଫ୍ ପ୍ରାୟ ୨ ବର୍ଷ ତଳେ ଧରିଥିଲା। ବନ ବିଭାଗ ଏବେ ଆଉ ଜଣେ ଶିକାରୀଙ୍କୁ ଗିରଫ କରିଛି। ଯଦି ନୟାଗଡ ଜଙ୍ଗଲରେ ବାଘ ନାହାନ୍ତି, ତେବେ ୨ଟି ବାଘ ଶିକାର ହେଲାଣି କିପରି। ପୁଣି କିଛି ମାସ ତଳେ ବଜ୍ରକୋଟ ଅଞ୍ଚଳରେ ଆଉ ଏକ ବାଘ ଶିକାର ହୋଇଥିଲା ବୋଲି ଅଭିଯୋଗ ଉଠିଥିଲା। ଏନେଇ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ବାଘ ପାଦଚିହ୍ନ ମିଳୁଛି। ୨୦୨୨ ଜାନୁୟାରୀରେ ପୁଣି ବାଘ ଗଣନା ହୋଇଛି। ତାହାର ରିପୋର୍ଟ ପ୍ରକାଶ ପାଇଲେ ନୟାଗଡ଼ରେ ବାଘ ଅଛନ୍ତି କି ନାହିଁ ଜଣାପଡ଼ିବ ବୋଲି ଷଡ଼ଙ୍ଗୀ କହିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


SMART STORES
**** Present ****
ଇଣ୍ଡିଆର ସବୁଠାରୁ ବଡ଼ ଗ୍ରୋସରୀ ସେଲ୍
ଫୁଲ୍ ପଇସା ଅସୁଲ୍ ସେଲ୍
11th-15th Aug
ଆମର ତ ଗୋଟିଏ ହିଁ ଅସୁଲ୍
ସପିଙ୍ଗ୍ କର, ଫୁଲ ପଇସା ବସୁଲ୍
ଆପଣଙ୍କ ନିକଟତମ ଷ୍ଟୋରକୁ ଯାଆନ୍ତୁ ।
SMART SUPERSTORE
SMART POINT
ଅନଲାଇନ୍ ଶପିଙ୍ଗ୍ କରନ୍ତୁ JioMart.com ରେ
BUY ANY 2 GET ANY 1 FREE
ବିସ୍କୁଟ- ଲାର୍ଜ୍ ପ୍ୟାକ୍ 300 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
BUY ANY2 GET ANY1 FREE
MRP ପ୍ରତ୍ୟେକର ₹120 ତେଣିକି
ସନ୍‌ଫିଷ୍ଟ ୟିପୀ /ଟପ୍ ରାମେନ୍ / ଚିଙ୍ଗସ ସିକ୍ରେଟ୍ ନୁଡୁଲ୍ସ 240 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
BUY ANY2 GET ANY1 FREE
MRP ପ୍ରତ୍ୟେକର ₹60 ତେଣିକି
ଟାଟା ସମ୍ପନ୍ନ ପଲସ୍/ଚୁଡ଼ା ସମଗ୍ର ରେଞ୍ଜ୍
BUY ANY2 GET ANY1 FREE
MRP ପ୍ରତ୍ୟେକର ₹46 ତେଣିକି
ଡଭ୍ /ପେଅର୍ସ / ଲକ୍ସ / ଗୋଦରେଜ୍ No. 1 / ସିଂଥଲ୍ / ସନ୍ତୁର / ଡେଟଲ୍ / ଫିଆମା ସୋପ୍ (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ରେଞ୍ଜ୍)
BUY ANY2 GET ANY1 FREE
MRP ପ୍ରତ୍ୟେକର ₹180 ତେଣିକି
କ୍ଲୋଜ୍ ଅପ୍ ରେଡ୍/କୋଲଗେଟ୍ ମ୍ୟାକ୍ସଫ୍ରେଶ୍/ ମେସୱାକ୍/ପେପ୍ସୋଡେଣ୍ଟ ଟୁଥ୍‌ପେଷ୍ଟ 300 g (ନିର୍ଦ୍ଦିଷ୍ଟ ରେଞ୍ଜ୍)
BUY ANY2 GET ANY1 FREE
MRP ପ୍ରତ୍ୟେକର ₹138 ତେଣିକି
BUY ANY 1 GET ANY 1 FREE
ବିସ୍କୁଟ- ଲାର୍ଜ୍ ପ୍ୟାକ୍ 400 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
BUY ANY1 GET ANY1 FREE
MRP ₹130 ତେଣିକି
ଅର୍ଗାନିକ୍ ସିଲେକ୍ଟିଭ୍ ରେଞ୍ଜ୍ (24 ମନ୍ତ୍ର, ଅର୍ଗାନିକ୍ ତତ୍ତ୍ୱ, ପ୍ରୋ ନେଚର) ଲିକ୍ୱିଡ୍
BUY ANY1 GET ANY1 FREE*
*MRP ଉପରେ
ଡୋମେକ୍ସ ଫ୍ଲୋର କ୍ଲିନର / ଟଏଲେଟ କ୍ଲିନର 1 ℓ (ନିର୍ଦ୍ଦିଷ୍ଟ ରେଞ୍ଜ୍)
BUY ANY1 GET ANY1 FREE
MRP ₹215 ତେଣିକି
ମେନ୍‌ସ ଆଣ୍ଡ ଓମେନ୍‌ସ ଡିଓ 135 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
BUY ANY1 GET ANY1 FREE
MRP ₹225 ତେଣିକି
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍ସ / ଲୋରିଅଲ୍ / ପ୍ୟାଣ୍ଟିନ / ଟ୍ରେସ୍ମି ଶାମ୍ପୁ 580 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
BUY ANY1 GET ANY1 FREE
MRP ₹645 ତେଣିକି
କୋକା କୋଲା / ସ୍ପ୍ରାଇଟ୍ / ଥମ୍ସ ଅପ୍ 750 ml
BUY ANY3 GET ANY1 FREE
MRP ପ୍ରତ୍ୟେକର ₹40 ତେଣିକି
ଟାଟା ଟି ପ୍ରିମିଅମ୍ ଡଷ୍ଟ ଚା' 1 kg
ସଞ୍ଚୟ ₹65
MRP ₹380 ତେଣିକି
ଆମ ମୂଲ୍ୟ ₹315 ତେଣିକି
ହର୍ଲିକ୍ସ କ୍ଲାସିକ ମଲ୍ଟ ହେଲ୍‌ଥ ଡ୍ରିଙ୍କ ପାଉଡର୍ 1 kg
ସଞ୍ଚୟ ₹115
MRP ₹540 ତେଣିକି
ଆମ ମୂଲ୍ୟ ₹425 ତେଣିକି
ଚକୋଲେଟ୍ ହୋମ୍ ପ୍ୟାକ୍ (ଡେରୀ ମିଲ୍କ 126 g / ପର୍କ 175 g / ଫାଇଭ୍ ଷ୍ଟାର 200 g)
BUY ANY2 GET ANY1 FREE
MRP ପ୍ରତ୍ୟେକର ₹99 ତେଣିକି
ମାଜା 1.2 ℓ
BUY 2 GET 1 FREE
MRP ପ୍ରତ୍ୟେକର ₹70 ତେଣିକି
ଡାଏରୀ, ଫ୍ରୋଜନ୍ ଏବଂ ବେକରୀ (ନିର୍ଦ୍ଦିଷ୍ଟ ରେଞ୍ଜ୍)
ସର୍ବନିମ୍ନ 25% ଛାଡ଼
*MRP ଉପରେ
ଦାଓ୍ୱତ୍ ଦେବାୟା ବାସମତୀ ରାଇସ୍ 5 kg + ସଫୋଲା ଗୋଲ୍ଡ ଅଏଲ୍ 3 ℓ
ଆମ ମୂଲ୍ୟ ₹875
କମ୍ବାଇଣ୍ଡ MRP ₹1310
ସଞ୍ଚୟ ₹435
ଧାମପୁର ମିଷ୍ଟି ସୁଗାର 5 kg
ଆମ ମୂଲ୍ୟ ₹199 (₹39.80 /kg)
MRP ₹320
ସଞ୍ଚୟ ₹121
ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g
ଆମ ମୂଲ୍ୟ ₹325 / ₹385
MRP ₹549 / ₹499
ସଞ୍ଚୟ ₹224 / ₹114
ଏଚ୍ଏମ୍‌ଟି କୋଲମ ରାଇସ୍ 10 kg
ଆମ ମୂଲ୍ୟ ₹489 (₹48.90/kg)
MRP ₹500
ସଞ୍ଚୟ ₹11
ଚକି ଅଟା 5 kg
ଆମ ମୂଲ୍ୟ ₹159
MRP ₹200
ସଞ୍ଚୟ ₹41
ଡାଲଡା କଚି ଘାନୀ ସୋରିଷ ତେଲ 1 ℓ
ଆମ ମୂଲ୍ୟ ₹149
MRP ₹209
ସଞ୍ଚୟ ₹60
ଅନ୍ନପୂର୍ଣ୍ଣା ଦେଶୀ ଘୀ 1 ℓ
ଆମ ମୂଲ୍ୟ ₹429
MRP ₹562
ସଞ୍ଚୟ ₹133
ହ୍ୟାଣ୍ଡୱାଶ୍ 750 ml (ନିର୍ଦ୍ଦିଷ୍ଟ ରେଞ୍ଜ୍) (ରିଫିଲ୍ ପ୍ୟାକ୍)
BUY 1 GET 1 FREE
MRP ₹189 ତେଣିକି
ଟାଇଡ୍ 6 kg / ସର୍ଫ ଏକ୍ସେଲ 5 kg / ମେଟିକ୍ 6 kg / ଲିକ୍ୱିଡ୍ 2 ℓ / ଏରିଅଲ୍ ମେଟିକ୍ 6 kg / ଲିକ୍ୱିଡ୍ 2 ℓ (ଟପ୍/ଫ୍ରଣ୍ଟ ଲୋଡ୍)(ନିର୍ଦ୍ଦିଷ୍ଟ ରେଞ୍ଜ୍)
25% ଛାଡ଼
MRP ₹410 ତେଣିକି
ଆମ ମୂଲ୍ୟ ₹308 ତେଣିକି
ହ୍ୱିସପର୍ ଅଲଟ୍ରା XL 44 S / ଷ୍ଟେଫ୍ରୀ ଡ୍ରାଇମାକ୍ସ ଅଲ୍ ନାଇଟ୍ 42 S ସାନିଟାରୀ ନାପକିନ (ନିର୍ଦ୍ଦିଷ୍ଟ ରେଞ୍ଜ୍)
40% ଛାଡ଼
MRP ₹499 ତେଣିକି
ଆମ ମୂଲ୍ୟ ₹300 ତେଣିକି
ବ୍ରାଣ୍ଡେଡ୍ କେସରୋଲ୍ 1000 ml
ଆମ ମୂଲ୍ୟ ₹99
MRP ₹225 ତେଣିକି
ସଞ୍ଚୟ ₹126 ତେଣିକି
ପଲିସେଟ୍ ଷ୍ଟାର କଣ୍ଟେନର ସେଟ୍ ଅଫ୍ 4 (5ℓ, 7ℓ,10ℓ,15ℓ)
ଆମ ମୂଲ୍ୟ ₹399
MRP ₹799
ସଞ୍ଚୟ ₹400
10% CASHBACK#
SBI Debit Card | SBI card
#Min. Trxn.: ₹2,500; Max. Cashback: ₹500 per card account.
Validity: 11 Aug - 15 Aug 2022. T&C Apply.
ଅଫର୍ କେବଳ ଏହା ଉପରେ ପ୍ରଯୁଜ୍ୟ:
ଭୁବନେଶ୍ୱର • କଟକ • ଢେଙ୍କାନାଳ • ଭଦ୍ରକ • ଯାଜପୁର ରୋଡ୍ • ସେମିଲିଗୁଡ଼ା • ଅନୁଗୁଳ • ବାଲେଶ୍ୱର • ବାରିପଦା
• ବଲାଙ୍ଗୀର • ଝାରସୁଗୁଡ଼ା • ସୁନ୍ଦରଗଡ • ପୁରୀ • ରାୟଗଡ଼ା • ରାଉରକେଲା • ସମ୍ବଲପୁର • ଖୋର୍ଦ୍ଧା • କେନ୍ଦ୍ରାପଡା • ବରଗଡ଼

## ସଂକ୍ଷେପରେ

### ଜେଲରେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

ପୁରୀ ଅଫିସ,୧୨।୮: ପୁରୀ ଜିଲା କାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସମ୍ପୃକ୍ତ କଏଦୀ ଜଣକ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଶିଶୁପୁର ଗ୍ରାମର ବିଶ୍ୱନାଥ ବାରିକ ଓରଫ ବାଦଲ(୨୨)। ଶୁକ୍ରବାର ସକାଳେ ବାଦଲ କାରାଗାର ଗାଧୁଆଘରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ପୁଅକୁ ଜେଲ୍‌ରେ ହତ୍ୟା କରାଯାଇଥିବା ବାଦଲଙ୍କ ମା' ମାଗି ବାରିକ ଅଭିଯୋଗ ଆଣିଛନ୍ତି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏହି ଦାବିରେ ମାଗି ଓ ତାଙ୍କ ପରିବାରବର୍ଗ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମୃତଦେହ ରଖି ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବାଦଲ ଗତବର୍ଷ ପ୍ରେମ ବିବାହ କରିଥିଲେ। ଏହାକୁ ନାବାଳିକାଙ୍କ ଘରଲୋକେ ବିରୋଧ କରିବାରୁ ଉଭୟ ଫେରାର୍ ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ବ୍ରହ୍ମଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ମେ' ୫ତାରିଖରେ ମୋବାଇଲ ଟ୍ରାକିଂ କରି ପୋଲିସ ବାଦଲଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ବାଦଲଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଖାରଜ ପରେ ତାଙ୍କୁ କାରାଗାରକୁ ପଠାଯାଇଥିଲା।

### ଟ୍ରକ୍ ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ: ଗ୍ରାମବାସୀଙ୍କ ରାସ୍ତାରୋକୋ

ବାରଙ୍ଗ,୧୨।୮(ଡି.ଏନ୍.ଏ.): ବାରଙ୍ଗସ୍ଥିତ ଦାରୁଠେଙ୍ଗ ଗାଁମୁଣ୍ଡରେ ରବିବାର ବିଏମ୍‌ସିର ଅଳିଆ ନେଇ ଆସୁଥିବା ଏକ ଟ୍ରକ ଧକ୍କାରେ ଗୁରୁତର ଆହତ ହୋଇ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମର ରେଶବ ରାଉତରାୟ (୨୦)। ରେଶବଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଦାରୁଠେଙ୍ଗ ଗାଁରେ ଉତ୍ତେଜନା ଦେଖାଦେବା ସହ ସକାଳ ୮ଟାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଗାଁମୁଣ୍ଡର ଜୁଝଗଡ ବସଷ୍ଟାଣ୍ଡ ଓ ଡମ୍ପିୟାର୍ଡ ରାସ୍ତାମୁହଁରେ ରାସ୍ତା ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ପିତାପଲ୍ଲୀ ବାରଙ୍ଗ ମୁଖ୍ୟ ରାସ୍ତାରେ ଯାତାୟାତ ହୋଇପାରି ନ ଥିଲା। ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ଡମ୍ପିୟାର୍ଡରେ ଅଳିଆ ନ ପକାଇବା ଦାବି ନେଇ ଗ୍ରାମବାସୀ ଦାବି କରିଥିଲେ। ଖବରପାଇ ଚନ୍ଦକା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ଶୁଣି ନ ଥିଲେ। ଖବର ଶୁଣି ପରେ ପାଖରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବିଜେଡି ଜିଲା ସଭାପତି ବିଭୂତି ଭୁଷଣ ବଳବନ୍ତରାୟ ପହଞ୍ଚି ଗ୍ରାମବାସୀଙ୍କୁ ସମର୍ଥନ ଜଣାଇଥିଲେ। ପରେ ୨ ପ୍ଲାଟୁନ ପୋଲିସ ଫୋର୍ସ ଧରି ଆଡସିନାଲ ଡିସିପି ପ୍ରକାଶଚନ୍ଦ୍ର ପାଲ ଓ ଏସିପି ରମେଶ ଚନ୍ଦ୍ର ବିଶୋଇ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇଥିଲେ ମଧ ସେମାନେ ତାଙ୍କ ଜିଦରେ ଅଟଳ ରହିଥିଲେ। ଅପରାହ୍ନ ୪ଟାରେ ଉପଜିଲାପାଳ ଦେବବ୍ରତ ସାହୁ, ତହସିଲଦାର ପ୍ରଦୀପ ସାହୁ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ୧୫ତାରିଖ ପରେ ଗ୍ରାମବାସୀଙ୍କ ଦାବି ଉପରେ ବିଏମ୍‌ସି, ପୋଲିସ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ସମାଧାନ କରାଯିବାର ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ୨ ଅଭିଯୁକ୍ତଙ୍କ ସହ କ୍ରେତା ଗିରଫ

**ଜେନେରେଟର ଚୋରି ଘଟଣା**
- ୨ ଜେନେରେଟର, ଟାଟା ଏସିଇ ଜବତ
- ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ

ନିରାକାରପୁର,୧୨।୮(ଡି.ଏନ୍.ଏ.)

ଜେନେରେଟର ଚୋରି ଅଭିଯୋଗରେ ଶୁକ୍ରବାର ନିରାକାରପୁର ଥାନା ପୋଲିସ ୨ ଅଭିଯୁକ୍ତଙ୍କ ସହ କ୍ରେତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ହେମନ୍ତ ପ୍ରଧାନ ଓରଫ ଶୁଲା, ରାଉତପଡ଼ା ପଞ୍ଚାୟତ ମୁଳିଝରଗଡ଼ର କ୍ରେତା ପ୍ରଶାନ୍ତ କୁମାର ଜେନା ଓରଫ ବୁଲୁ ଏବଂ ପୁରୀ ଜିଲା ଗଡ଼ିଶାଗଦା ଥାନା ଅଧୀନ ମୁଗୁପଦର ଗ୍ରାମର ରାଜକିଶୋର ବରାଳ ଓରଫ ରାଜା। ଏମାନଙ୍କ ନିକଟରୁ ଚୋରି ହୋଇଥିବା ୨ଟି ଜେନେରେଟର, ଏକ ଟାଟା ଏସିଇ (ଓଡି–୦୧–ଏମ୍–୪୪୦୨) ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତଦନ୍ତକାରୀ ଅଧିକାରୀ ଗୀତାଞ୍ଜଳି ନାୟକଙ୍କ ସୂଚନା ମୁତାବକ,


ଗିରଫ ୩ ଅଭିଯୁକ୍ତ ଏବଂ ଜବତ ଜେନେରେଟର।

୨୦୨୧ ମେ'ରେ କେତେଜଣ ଦୁର୍ବୃତ୍ତ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର କମ୍ପ୍ୟୁଟର ରୁମ୍‌ର ତାଲା ଭାଙ୍ଗି ଗୋଟିଏ ଜେନେରେଟର, ୩ଟି ମନିଟର ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିଲେ। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ମଞ୍ଜାରିଆ ପାଟଣାରୁ ଏକ ଜେନେରେଟର ଚୋରି ହୋଇଥିବା ନେଇ ସୁକାନ୍ତି ବେହେରା ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଥିଲା। ପରବର୍ତ୍ତୀ ସମୟରେ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ପ୍ରଶାନ୍ତଙ୍କୁ ବିକ୍ରି କରିଥିବା ମାନିଥିଲେ। ପରେ ପୋଲିସ ପ୍ରଶାନ୍ତ ଓ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଜବତ ଗାଡ଼ିର ଚାଳକ ରାଜା ଗିରଫ ହୋଇଥିବା ବେଳେ ପୋଲିସ ଉକ୍ତ ଗାଡ଼ି ମାଲିକଙ୍କୁ ପଚରାଉଚରା କରି ଛାଡ଼ି ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ କମ୍ପ୍ୟୁଟର ସାମଗ୍ରୀକୁ ପୋଲିସ ଜବତ କରିପାରିନାହିଁ। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ନାୟକ କହିଛନ୍ତି।

### ମୋବାଇଲ ଲୁଟ୍ କରି ୨ ଗିରଫ

କଟଣୀ,୧୨।୮(ଡି.ଏନ୍.ଏ.): ମୋବାଇଲ ଫୋନ ଲୁଟ୍ ଘଟଣାରେ ଜଟଣୀ ପୋଲିସ ଶୁକ୍ରବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବେଗୁନିଆ ଥାନା ଅଧୀନ ଓସ୍ତପୁର ଗ୍ରାମର ଚନ୍ଦନ ଓରଫ ଜଗନ ପ୍ରଧାନ(୨୪) ଓ କଟକ ଜିଲା ବାରଙ୍ଗ ଥାନା ଅଧୀନ ପଞ୍ଚୁପାଳ ଗ୍ରାମର ଗୁଡୁ ଓରଫ ବିଶାଳ ବିଶ୍ୱାଳ (୨୨)। ଏମାନଙ୍କ ନିକଟରୁ ୪ଟି ମୋବାଇଲ ସହିତ ଏକ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଗତ ୧୦ ତାରିଖରେ ସ୍ଥାନୀୟ ଶ୍ରୀହରି ବିହାରର ଜିତୁ ପ୍ରସାଦ ମହାପାତ୍ର ହରିଭାଇନା ଛକରୁ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଏକ ବାଇକ୍‌ରେ ଆସି ଜିତୁଙ୍କ ମୋବାଇଲ ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୮୫/୨୨) ରୁଜୁକରି ତଦନ୍ତ ଚଳାଇଥିଲା।



### ନନ୍ଦନକାନନ: ଅସ୍ଥାୟୀ କର୍ମଚାରୀଙ୍କ ମୃତ୍ୟୁ

ବାରଙ୍ଗ,୧୨।୮(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀଉଦ୍ୟାନର ସିଂହ ସଫାରି ଫିଡିଂ ଚାମ୍ବରର ଜଣେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଧୁସୂଦନ ସାମଲ(ବାଙ୍କୁ)। ସେ ଶୁକ୍ରବାର ସକାଳେ ସିଂହ ସଫାରି ଫିଡିଂ ଚାମ୍ବରରେ ସିଂହଙ୍କୁ ସଫାରି ଭିତରକୁ ଛାଡିବା ପରେ ଫିଡିଂ ଚାମ୍ବର ସଫା କରୁଥିଲେ। ଏହି ସମୟରେ ସେ ହଠାତ୍ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜନ୍ତୁ ବିଭାଗର କର୍ମଚାରୀମାନେ ଚିକିତ୍ସା ନିମନ୍ତେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ବାଙ୍କୁର ଅବସ୍ଥା ସଙ୍କଟପୂର୍ଣ୍ଣ ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ନନ୍ଦନକାନନର ବରିଷ୍ଠ ଅଧିକାରୀ ଓ ନିୟୋଜିତ କରିଥିବା ଘରୋଇ ସଂସ୍ଥାର ଅଧିକାରୀମାନେ ଡାକ୍ତରଖାନାକୁ ଯାଇ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରକାଶଥାଉ କି, ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ କାମ କରୁଥିବା ଅସ୍ଥାୟୀ କର୍ମଚାରୀ ଏକ ଘରୋଇ ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥାନ୍ତି। କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ସେମାନଙ୍କୁ ଠିକ ପାରିଶ୍ରମିକ ମିଳୁ ନ ଥିବା ଅଭିଯୋଗ ହେଉଛି।


ଖୋର୍ଦ୍ଧା: ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଶୁକ୍ରବାର ବିଭିନ୍ନ ବେଶରେ ସଜ୍ଜିତ ସିଗ୍ମା ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର।

# ଆଜାଦୀ କା ଅମୃତ ମହୋତ୍ସବ

ବୋଲଗଡ଼/ନିରାକାରପୁର, ୧୨।୮(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ପାଳୁଛି ଆଜାଦୀ କା ଅମୃତ ମହୋତ୍ସବ। ଏହି ଉପଲକ୍ଷେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସଦର ମହକୁମାରେ ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଏବଂ ବୁଦ୍ଧିଜୀବୀଙ୍କ ମିଳିତ ପ୍ରଚେଷ୍ଟାରେ ଏହି ମହୋତ୍ସବ ପାଳିତ ହୋଇଯାଇଛି। ଖଦି ଓ ଗ୍ରାମୋଦ୍ୟୋଗ ସଂଘ, ନନ୍ଦିଘୋଷ ଅନୁଷ୍ଠାନ, ନାରାୟଣ ସେବା ସଂଘ, ବାପୁଜୀ ଯୁବକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟଙ୍କ ସମେତ ଖବରଦାତା ଓ ଅନ୍ୟମାନେ ସ୍ଥାନୀୟ ଗାନ୍ଧୀ ମଣ୍ଡପଠାରେ ଏକତ୍ରିତ ହୋଇ ଜାତୀୟ ପତାକା ତ୍ରିରଙ୍ଗା ପଦଯାତ୍ରାରେ ବାହାରିଥିଲେ। ଭାରତ ମାତା କୀ ଜୟ ଧ୍ୱନି ସହ ବିଭିନ୍ନ ଜାତୀୟତାବାଦୀ ସ୍ଲୋଗାନ ଦେଇ ତହସିଲ ଛକସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବୋଲଗଡ଼ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଓ ଅବଦାନ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସେହିପରି ରାମେଶ୍ୱରସ୍ଥିତ ବଘେଇ ଠାକୁରାଣୀଙ୍କ ନିକଟରୁ ୬୦ରୁ ଊର୍ଦ୍ଧ୍ୱ ଯୁବକ ଜାତୀୟ ପତାକା ଧରିବା ସହିତ ଏକ ୧୨ ହାତର ପତାକାକୁ ମଝିରେ ରଖି ସ୍ଲୋଗାନ ଦେଇ ବାହାରିଥିଲେ। ରାମେଶ୍ୱର ଧାନଘର ପାହାଡ଼ ପାଦଦେଶରେ ଉକ୍ତ ପତାକାକୁ ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଭବାନୀ ପ୍ରସାଦ ପଟ୍ଟନାୟକ, ସତ୍ୟନାରାୟଣ ଶ୍ରୀଚନ୍ଦନ, କାର୍ତ୍ତିକ ସାମନ୍ତରାୟ, ସ୍ୱରାଜ କୁମାର ମହାନ୍ତି, କାହ୍ନୁଆ ନାୟକ, ରଞ୍ଜନ କୁମାର ଦାଶ, ବିନାୟକ ବେହେରା ପ୍ରମୁଖ ସାମିଲ ହୋଇଥିଲେ।



ବୋଲଗଡ଼ରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି।

### ହର୍ ଘର୍ ତ୍ରିରଙ୍ଗା ପାଇଁ ସଚେତନ କଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା ଅଫିସ,୧୨।୮

ସ୍ୱାଧୀନତାର ୭୫ ବର୍ଷ ପାଇଁ ଦେଶ ପାଳନ କରୁଛି ଆଜାଦୀ କା ଅମୃତ ମହୋତ୍ସବ। ଚାଲିଛି ହର୍ ଘର୍ ତ୍ରିରଙ୍ଗା ଅଭିଯାନ। ଏହିକ୍ରମରେ ଖୋର୍ଦ୍ଧା ବିଡିଏ କଲୋନୀ ସ୍ଥିତ ସିଗ୍ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସଜ୍ଜେଇ ହୋଇ ଦେଶପ୍ରେମ ବାର୍ତ୍ତା ଦେଇଥିଲେ। ଏକ ଶୋଭାଯାତ୍ରାରେ ବାହାରି ବନ୍ଦେ ମାତରଂ, ଭାରତ ମାତା କୀ ଜୟ ନାର ଦେଇ ସ୍ୱାଧୀନତାର ବାର୍ତ୍ତା ବାଣ୍ଟିଥିଲେ। ବାଇକ୍, କାର ଚାଳକଙ୍କୁ ପତାକା ନେଇ ଘର ଉପରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ସ୍କୁଲ ଅଧକ୍ଷ ମମତାଞ୍ଜଳି ପଟ୍ଟନାୟକ, ନିର୍ଦ୍ଦେଶକ ଶୁଭ୍ରାଂଶୁ ଶେଖର ସାମନ୍ତରାୟ, ଶିକ୍ଷକ ତୁଷାର ରଞ୍ଜନ ମହାନ୍ତି, ଜ୍ୟୋତି ପ୍ରକାଶ ସାହୁ, ବର୍ଣ୍ଣାଳି ମାଝୀ, ସୁମିତ୍ରା ତ୍ରିପାଠୀ ପ୍ରମୁଖ ପରିଚାଳନା କାର୍ଯ୍ୟକ୍ରମ କରିଥିଲେ।

### ୱାର୍ଡ ଅଫିସରଙ୍କୁ ଦିଆଗଲା ଜାତୀୟ ପତାକା

ଖୋର୍ଦ୍ଧା ଅଫିସ,୧୨।୮

ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ଘରେ ପତାକା ଉଡାଇବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏନେଇ ପୌର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୌର ପ୍ରଶାସନ ପକ୍ଷରୁ ସହରର ୨୨ଟି ୱାର୍ଡରେ ପ୍ରାୟ ଦଶ ହଜାର ଘରେ ବିନା ଦେୟରେ ପତାକା ବଣ୍ଟନ କରାଯିବ। ଏଥିରେ ୱାର୍ଡ ଅଫିସର ମାନଙ୍କୁ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ ସୁପରଭାଇଜରମାନେ ସହଯୋଗ କରିବେ। ପୌର କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଇପସ୍ତିତ ସାହୁ ଯୋଗଦେଇ ପତାକା ବଣ୍ଟନ କରିଥିଲେ। ନାରାୟଣ ଜେନା, ମୟୁରୀ ମହାପାତ୍ର, ଜୟକୃଷ୍ଣ ସେନାପତି, ଦେବାଶିଷ ବରାଳ, ସୌମ୍ୟରଞ୍ଜନ ମିଶ୍ର, ଦେବାଶିଷ ମହାପାତ୍ର, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଭଗବତୀଙ୍କ ଗହ୍ମାଡିଆଁ ପର୍ବ



ବାଣପୁର,୧୨।୮(ଡି.ଏନ୍.ଏ.)

ଗହ୍ମା ପୂର୍ଣ୍ଣିମା ଅବସରରେ ଗୁରୁବାର ବିଳମ୍ବିତ ରାତିରେ ବାଣପୁରର ଅଧିଷ୍ଠାତ୍ରି ଦେବୀ ମା'ଭଗବତୀଙ୍କ ଗହ୍ମାଡିଆଁ ପର୍ବ ପାଳିତ ହୋଇଯାଇଛି। ବିଭିନ୍ନ ନୀତିକାନ୍ତି ପରେ ମା'ଙ୍କ ବିଜେ ପ୍ରତିମା କାଠି ଠାକୁରାଣୀ ଚନ୍ଦ୍ରଶେଖର ଓ ଗୋପୀନାଥଙ୍କ ସହ ଘଣ୍ଟା, ଘଣ୍ଟ, କାହାଳି, ଆଲଟ, ଚାମର, ଛତ୍ର ତରାସରେ ସେବାୟତଙ୍କ ଗହଣରେ ପୂର୍ବ ଦିଗକୁ ଯାତ୍ରା କରିଥିଲେ। ବିଷରପାଟଣା ଛକରେ ପୂର୍ବରୁ ପଲେଇ ସେବାୟତଙ୍କ ଦ୍ୱାରା ବାଲିରେ ବେଦି କରାଯାଇ ଆସନ ପକା ଯାଇଥିଲା। ମା'ଭଗବତୀ, ଚନ୍ଦ୍ରଶେଖର ଏବଂ ଗୋପୀନାଥ ଦେବ ଉକ୍ତ ବେଦି ଉପରେ ବିଜେ କରିବା ପରେ ପରିଚ୍ଛା ସାମନ୍ତଙ୍କ ଦ୍ୱାରା ଷୋଡଶ ଉପଚାରରେ ପୂଜା କରାଯାଇ ଶାକର ନଡିଆ ପାତି ନୈବେଦ୍ୟ ଅର୍ପଣ ପରେ ଆଳତି କରାଯାଇଥିଲା। ଶେଷରେ ପଲେଇ ସେବକଙ୍କ ଦ୍ୱାରା ଅଣାଯାଇଥିବା ବାଛୁରିକୁ ଫୁଲ ଚନ୍ଦନରେ ବନ୍ଦାପନା କରାଯାଇ ଘଣ୍ଟା କାହାଳି ଶବ୍ଦରେ ବାଲି ବେଦି ଉପରକୁ ଡିଆଁଇ ଗହ୍ମାଡିଆଁ ପର୍ବ ଶେଷ ହୋଇଥିଲା। ଉପସ୍ଥିତ ଶତାଧିକ ଶ୍ରଦ୍ଧାଳୁଙ୍କ ଜୟଧ୍ୱନୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେଠାରୁ ଫେରିବା ବାଟରେ ପରିଚ୍ଛା ସାମନ୍ତଙ୍କ ଦ୍ୱାରରେ ମଣ୍ଡା, କାକରା ଭୋଗ ଖାଇ ମା' ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ଗଜରାଜଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ବନବାସୀ

ପୁରୁଣା ଭୁବନେଶ୍ୱର, ୧୨।୮(ଡି.ଏନ୍.ଏ.)

ଗଜରାଜଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୨କୁ ବିଶ୍ୱ ହସ୍ତୀ ଦିବସ ଭାବେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଚନ୍ଦକା–ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଳେଇଠାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନବାସୀମାନେ ହାତୀମୁଖା ପିନ୍ଧି ନିଆରା ଢଙ୍ଗରେ ଜନ ସଚେତନତାର ବାର୍ତ୍ତା ବାଣ୍ଟିବା ସହ ଗଜରାଜଙ୍କ ସୁରକ୍ଷା ପାଇଁ ସଙ୍କଳ୍ପ ନେଇଥିଲେ। ସୂଚନାଯୋଗ୍ୟ, ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀ ଜନବସତି ମୁହାଁ ହେଉଛନ୍ତି। ଯଦ୍ୱାରା ଏମାନଙ୍କ ଜୀବନ ଅକାରଣେ ଯାଉଛି। ଖାଦ୍ୟ ଅଭାବ ଦୂର ପାଇଁ ଜଙ୍ଗଲରେ ସିଡ୍‌ସବଲ୍ ଅର୍ଥାତ୍ (ବିହନ ପେଣ୍ଡୁ) ମାଧ୍ୟମରେ ହାତୀର ପ୍ରିୟ ଖାଦ୍ୟ ଗଛ ସୃଷ୍ଟି ପାଇଁ ବନବାସୀମାନେ ସଙ୍କଳ୍ପ ନେଇଥିଲେ। ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଗଣେଶ ପୂଜା ପ୍ରସ୍ତୁତି ବୈଠକ



ଜଟଣୀ,୧୨।୮(ଡି.ଏନ୍.ଏ.)

ଜଟଣୀ ପୌର ପରିଷଦ ପକ୍ଷରୁ ଶୁକ୍ରବାର ଟାଉନ ହଲ୍ ପରିସରରେ ଗଣେଶ ପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଅନନ୍ତ ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ଗଣେଶ ପୂଜାର ସଫଳ ରୂପାୟନ ନେଇ ଆଲୋଚନା କରାଯାଇଥିଲା। ଗଣେଶ ମହୋତ୍ସବ ସମୟରେ ଟ୍ରାଫିକ୍ ବ୍ୟବସ୍ଥା, ପରିମଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଜଳଯୋଗାଣ ସହିତ ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ପ୍ରଦୀପ ସାବତ, ତହସିଲଦାର ରୁମାନୀ ଜାଫ୍ରି, ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ କେ. ସାହୁ, ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା, ପ୍ରଭାକର ସାହୁ, ଅରୁଣ ସୁବୁଦ୍ଧି, ସଂଗ୍ରାମ କେଶରୀ ରାଉତରାୟ, ସୁଦର୍ଶନ ସୁନ୍ଦରାୟ ଉପସ୍ଥିତ ଥିଲେ।

# ରତ୍ନଭଣ୍ଡାର ଖୋଲିବା ନେଇ ଜୋର୍ ଧରିଲା ଚର୍ଚ୍ଚା

ପୁରୀ ଅଫିସ,୧୨।୮

ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେ (ଏଏସ୍‌ଆଇ) ଚିଠି ଲେଖିବା ପରେ ରତ୍ନଭଣ୍ଡାର ଖୋଲିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଚାଳନା କମିଟି କି ନିଷ୍ପତ୍ତି ନେଉଛି ତାହାରି ଉପରେ ସମସ୍ତଙ୍କ ନଜର ରହିଛି। ପରିଚାଳନା କମିଟି ସୁପାରିସ ଉପରେ ସବୁ କିଛି ନିର୍ଭର କରୁଛି। ତେଣୁ ଆଇନ ବିଭାଗକୁ ଶ୍ରୀମନ୍ଦିର ପରିଚାଳନା କମିଟି କ'ଣ ସୁପାରିସ କରିବ ତାହାକୁ ନେଇ ମଧ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପରିଚାଳନା କମିଟି ବୈଠକରେ ଏଏସ୍‌ଆଇ ଚିଠିକୁ ଶ୍ରୀମନ୍ଦିର ପ୍ରଶାସନ ଉପସ୍ଥାପନ କରିବ। ରତ୍ନଭଣ୍ଡାର ଯାଞ୍ଚ ଓ ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍‌ଆଇ ଚିଠି ଲେଖିଛି। ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯିବା ପରେ ସ୍ୱୀକୃତି ଲାଗି ଆଇନ ବିଭାଗକୁ ପଠାଯିବ। ଏହାପରେ ରାଜ୍ୟ ସରକାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ମୁଖ୍ୟତଃ ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରୁଛି ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି।

୨୦୧୮ରେ ରତ୍ନଭଣ୍ଡାର ଯାଞ୍ଚ ପାଇଁ ଗଠିତ କମିଟିର ସଦସ୍ୟ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ୨୦୧୮ ମସିହାରେ ପ୍ରାଧିକୃତ କମିଟି ସ୍ଥିତି ଯାଞ୍ଚ ବେଳେ ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ମରାମତି ଆବଶ୍ୟକ ବୋଲି ହୃଦ୍‌ବୋଧ କରିଥିଲା। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ରତ୍ନଭଣ୍ଡାର ମରାମତି ନିହାତି ଆବଶ୍ୟକ। ତେଣୁ ମୋର ବ୍ୟକ୍ତିଗତ ମତ ହେଉଛି, ରତ୍ନଭଣ୍ଡାର ମରାମତି ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଉ। ସେହିଭଳି ଶ୍ରୀମନ୍ଦିର ଭଣ୍ଡାର ମେକାପ ନାରାୟଣ ମେକାପ ମଧ ସମାନ କଥା କହିଛନ୍ତି। ସେ କହିଛନ୍ତି, ଭଣ୍ଡାର ମେକାପ ଭାବେ ଆମେ ଆମ ଦାୟିତ୍ୱ ସମ୍ପାଦନ କରିଛୁ। ବିଭିନ୍ନ ସମୟରେ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବା ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ରତ୍ନଭଣ୍ଡାରରେ କ୍ରମାଗତ ଭାବେ ପାଣି ଗଳୁଥିବା ପ୍ରସଙ୍ଗ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ପ୍ରଶାସନ ଏନେଇ ପଦକ୍ଷେପ ନେବା ଦରକାର। ତେବେ ପରିଚାଳନା କମିଟି ସଦସ୍ୟମାନେ ବୈଠକ ପୂର୍ବରୁ ଏନେଇ କ'ଣ ନିଷ୍ପତ୍ତି ନିଆଯିବ ତାହା କହିବା କଷ୍ଟ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ପରିଚାଳନା କମିଟି ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନାଠାରୁ ଦୂରେଇ ରହୁଛି, ସେହି କମିଟି ଏହି ପ୍ରସଙ୍ଗରେ କ'ଣ ନିଷ୍ପତ୍ତି ନେବ କୋଟି କୋଟି ଜଗନ୍ନାଥପ୍ରେମୀଙ୍କର ତା' ଉପରେ ନଜର ରହିବ। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ସବୁଠୁ ବଡ଼ କଥା ହେଉଛି, ପରିଚାଳନା କମିଟିର ସୁପାରିସ ନିରପେକ୍ଷ ଭାବେ ଓ ସମସ୍ତଙ୍କ ମତକୁ ସମ୍ମାନ ଦେଇ କରାଯିବା ଦରକାର। ପରିଚାଳନା କମିଟିର ସୁପାରିସ ଅନୁଯାୟୀ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ତେଣୁ ପରିଚାଳନା କମିଟି ଯାଞ୍ଚ ରିପୋର୍ଟ ଉପରେ ବିଚାରବିମର୍ଶ କରି ରତ୍ନଭଣ୍ଡାର ମରାମତି ଲାଗି ସୁପାରିସ କରିବା ଉଚିତ ବୋଲି ବରାଳ କହିଛନ୍ତି।

**ସ୍ଥିତି ଯାଞ୍ଚ ନେଇ ଏଏସ୍‌ଆଇର ଚିଠି ପ୍ରସଙ୍ଗ**



**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବ୍ରହ୍ମଗିରିବାସୀ**

ବ୍ରହ୍ମଗିରି,(ଡି.ଏନ୍.ଏ): ଅଲାରନାଥ ମନ୍ଦିରର ବିକାଶ ପାଇଁ ଶୁକ୍ରବାର ବ୍ରହ୍ମଗିରି ସୁରକ୍ଷା ମଞ୍ଚ ଓ ବ୍ରହ୍ମଗିରିବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ଶୁଭମନାସି ଅଲାରନାଥଙ୍କ ନିକଟରେ ଦୀପଦାନ କରିଛନ୍ତି। ପ୍ରକାଶ ଥାଉକି, ଓଡିଶାର ପର୍ଯ୍ୟଟନ ସ୍ଥଳ ଓ ଧାର୍ମିକ ଅନୁଷ୍ଠାନର ଉନ୍ନତୀକରଣ ଯୋଜନାରେ ବ୍ରହ୍ମଗିରି ଅଲାରନାଥ ମନ୍ଦିର ଅନ୍ତର୍ଭୁକ୍ତ ହୋଇଛି। ଏ ନେଇ ଗୁରୁବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ବ୍ରହ୍ମଗିରି ଗସ୍ତ କରି ଅଲାରନାଥ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରର ବିକାଶ ନିମନ୍ତେ ସେବାୟତ ଓ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ବ୍ରହ୍ମଗିରି ଅଞ୍ଚଳବାସୀ ସହିତ ବ୍ରହ୍ମଗିରି ସୁରକ୍ଷା ମଞ୍ଚ ତରଫରୁ ନୀଳମଣି ସୁଆର, ରମାଶଙ୍କର ପାତ୍ର, ସଞ୍ଜୟ ପରିଡା, ନାରାୟଣ ପଣ୍ଡା, ଯୁଧିଷ୍ଠିର ବାରିକ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଧନ୍ୟବାଦ ଦେଇଛନ୍ତି।




୧୨।୮।୨୦୨୨

| | |
|---|---|
| ୪,୪୩,୧୮୭ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୬.୪୦୦ ଗ୍ରାମ |

# ରତ୍ନଭଣ୍ଡାର ଖୋଲିବା ନେଇ ଜୋର୍ ଧରିଲା ଚର୍ଚ୍ଚା

**ସ୍ଥିତି ଯାଞ୍ଚ ନେଇ ଏଏସ୍ଆଇର ଚିଠି ପ୍ରସଙ୍ଗ**

- କମିଟି ସଦସ୍ୟ ଓ ଭଣ୍ଡାର ମେକାପ କହିଲେ ମରାମତି ଆବଶ୍ୟକ
- ପରିଚାଳନା କମିଟି ନିଷ୍ପତ୍ତି ଉପରେ ନିର୍ଭର: ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ

ପୁରୀ ଅଫିସ,୧୨।୮:

ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେ (ଏଏସ୍ଆଇ) ଚିଠି ଲେଖିବା ପରେ ରତ୍ନଭଣ୍ଡାର ଖୋଲିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଚାଳନା କମିଟି କି ନିଷ୍ପତ୍ତି ନେଉଛି ତାହାରି ଉପରେ ସମସ୍ତଙ୍କ ନଜର ରହିଛି। ପରିଚାଳନା କମିଟି ସୁପାରିସ ଉପରେ ସବୁ କିଛି ନିର୍ଭର କରୁଛି। ତେଣୁ ଆଇନ ବିଭାଗକୁ ଶ୍ରୀମନ୍ଦିର ପରିଚାଳନା କମିଟି କ'ଣ ସୁପାରିସ କରିବ ତାହାକୁ ନେଇ ମଧ୍ୟ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପରିଚାଳନା କମିଟି ବୈଠକରେ ଏଏସ୍ଆଇ ଚିଠିକୁ ଶ୍ରୀମନ୍ଦିର ପ୍ରଶାସନ ଉପସ୍ଥାପନ କରିବ। ରତ୍ନଭଣ୍ଡାର ଯାଞ୍ଚ ଓ ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍ଆଇ ଚିଠି ଲେଖିଛି। ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯିବା ପରେ ସ୍ୱୀକୃତି ଲାଗି ଆଇନ ବିଭାଗକୁ ପଠାଯିବ। ଏହାପରେ ରାଜ୍ୟ ସରକାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ମୁଖ୍ୟତଃ ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରୁଛି ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି।

୨୦୧୮ରେ ରତ୍ନଭଣ୍ଡାର ଯାଞ୍ଚ ପାଇଁ ଗଠିତ କମିଟିର ସଦସ୍ୟ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ୨୦୧୮ ମସିହାରେ ପ୍ରାଧିକୃତ କମିଟି ସ୍ଥିତି ଯାଞ୍ଚ ବେଳେ ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ମରାମତି ଆବଶ୍ୟକ ବୋଲି ହୃଦ୍‌ବୋଧ କରିଥିଲା। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ରତ୍ନଭଣ୍ଡାର ମରାମତି ନିହାତି ଆବଶ୍ୟକ। ତେଣୁ ମୋର ବ୍ୟକ୍ତିଗତ ମତ ହେଉଛି, ରତ୍ନଭଣ୍ଡାର ମରାମତି ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଉ। ସେହିଭଳି ଶ୍ରୀମନ୍ଦିର ଭଣ୍ଡାର ମେକାପ ନାରାୟଣ ମେକାପ ମଧ୍ୟ ସମାନ କଥା କହିଛନ୍ତି। ସେ କହିଛନ୍ତି, ଭଣ୍ଡାର ମେକାପ ଭାବେ ଆମେ ଆମ ଦାୟିତ୍ୱ ସମ୍ପାଦନ କରିଛୁ। ବିଭିନ୍ନ ସମୟରେ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବା ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ରତ୍ନଭଣ୍ଡାରରେ କ୍ରମାଗତ ଭାବେ ପାଣି ଗଳୁଥିବା ପ୍ରସଙ୍ଗ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ପ୍ରଶାସନ ଏନେଇ ପଦକ୍ଷେପ ନେବା ଦରକାର। ତେବେ ପରିଚାଳନା କମିଟି ସଦସ୍ୟମାନେ ବୈଠକ ପୂର୍ବରୁ ଏନେଇ କ'ଣ ନିଷ୍ପତ୍ତି ନିଆଯିବ ତାହା କହିବା କଷ୍ଟ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ପରିଚାଳନା କମିଟି ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନାଠାରୁ ଦୂରେଇ ରହୁଛି, ସେହି କମିଟି ଏହି ପ୍ରସଙ୍ଗରେ କ'ଣ ନିଷ୍ପତ୍ତି ନେବ କୋଟି କୋଟି ଜଗନ୍ନାଥପ୍ରେମୀଙ୍କର ତା' ଉପରେ ନଜର ରହିବ। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ସବୁଠୁ ବଡ଼ କଥା ହେଉଛି, ପରିଚାଳନା କମିଟିର ସୁପାରିସ ନିରପେକ୍ଷ ଭାବେ ଓ ସମସ୍ତଙ୍କ ମତକୁ ସମ୍ମାନ ଦେଇ କରାଯିବା ଦରକାର। ପରିଚାଳନା କମିଟିର ସୁପାରିସ ଅନୁଯାୟୀ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ତେଣୁ ପରିଚାଳନା କମିଟି ଯାଞ୍ଚ ରିପୋର୍ଟ ଉପରେ ବିଚାରବିମର୍ଶ କରି ରତ୍ନଭଣ୍ଡାର ମରାମତି ଲାଗି ସୁପାରିସ କରିବା ଉଚିତ ବୋଲି ବରାଳ କହିଛନ୍ତି।

# ଶ୍ରୀମନ୍ଦିରରେ ରକ୍ଷାବନ୍ଧନ, ବଳଭଦ୍ରଙ୍କ ଜନ୍ମନୀତି



ମାର୍କଣ୍ଡେୟ ପୁଷ୍କରିଣୀ ନିକଟରେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ସମ୍ପନ୍ନ କରାଯାଉଛି।

ପୁରୀ ଅଫିସ, ୧୨।୮:

ଗହ୍ମାପୂର୍ଣ୍ଣିମା ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପାଳିତ ହେବା ସହ ମାର୍କଣ୍ଡେୟ ପୁଷ୍କରିଣୀଠାରେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ବଳଭଦ୍ର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିଥିଲେ। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଓ ଗୁଆମାଳ ପ୍ରସ୍ତୁତ କରିଥିଲେ। ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିଥିଲେ।

ଶ୍ରୀବିଗ୍ରହମାନଙ୍କ ଭୋଗମଣ୍ଡପ ସରି ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ହୋଇଥିଲା। ତିନିବାଡ଼ରେ ସର୍ବାଙ୍ଗ ନୀତି ସମ୍ପନ୍ନ ପରେ ବୋଇରାଣୀ ପଟନୀ ନୂଆଲୁଗା ଓ ୬ମୂର୍ତ୍ତି ଅଳଙ୍କାର ଲାଗିକରାଯାଇ ଦ୍ୱିପ୍ରହର ଧୂପବେଶ ବଢ଼ିଥିଲା। ଦୁଇଠାକୁରଙ୍କ ଦକ୍ଷିଣ ଭୁଜରେ ଗୋଟିଏ ଓ ବାମଭୁଜରେ ଦୁଇଟି ଆଜ୍ଞାମାଳ ଲାଗି କରାଯାଇଥିଲା। ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ବଳଭଦ୍ରଙ୍କ ଶ୍ରୀହସ୍ତରେ ୪ଟି ରାଖୀ ଓ ଗୁଆମାଳକୁ ପୁଷ୍ପାଳକ ସେବକମାନେ ବାନ୍ଧିଥିଲେ। ପରେ ବଳଭଦ୍ରଙ୍କ ସମ୍ମୁଖରେ ସିଂହାସନ ତଳେ ଷଷ୍ଠୀ ମାର୍କଣ୍ଡି ଓ ବରୁଣ ପୂଜା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ ଓ ଯାତ୍ରାଗୀ ଭୋଗ ସରି ମଙ୍ଗଳାର୍ପଣ ଓ ବନ୍ଦାପନା ନୀତି ହୋଇଥିଲା। ଶ୍ରୀମଦନମୋହନ ରତ୍ନ ସିଂହାସନକୁ ବିଜେ କରିଥିଲେ। ପରେ ଆଜ୍ଞାମାଳ ପାଇ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଝୁଲଣ ମଣ୍ଡପକୁ ବିଜେ କରିଥିଲେ। ଅନ୍ୟାନ୍ୟ ନୀତିକାନ୍ତି ପରେ ଶ୍ରୀସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରିଣୀ ମଣ୍ଡପକୁ ବିଜେ କରାଯାଇଥିଲା। ଶୁଦ୍ଧସୁଆର ମାଟିରେ ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ସାମନ୍ତ ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିଥିଲେ। ମୁଦିରସ୍ତ ପ୍ରସାଦଲାଗି ଓ ପୂଜାପଣ୍ଡା ସାମନ୍ତ ପଞ୍ଚଉପଚାରରେ ଶୀତଳ ଭୋଗ କରିଥିଲେ। ବନ୍ଦାପନା ନୀତି ପରେ ପ୍ରତିମୂର୍ତ୍ତିକୁ ଜଳରେ ବିସର୍ଜନ କରାଯାଇଥିଲା। ଶ୍ରୀସୁଦର୍ଶନ ଚାରି ଆଶ୍ରମ (ମାର୍କଣ୍ଡେୟ, ଭୃଗୁ, ଅଙ୍ଗିରା ଏବଂ ପଣ୍ଡୁ) ଓ ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ହେବା ସହ ଅନ୍ୟାନ୍ୟ ନୀତି ବଢ଼ିଥିଲା।



ମହାପ୍ରଭୁଙ୍କ ଲାଗି ପାଟରାଖୀ ନିଆଯାଉଛି।

## ସଂକ୍ଷେପରେ

### ଗୁଆମାଳ ରାଖୀ ପିନ୍ଧିଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୧୨।୮(ଡି.ଏନ୍.ଏ./ସ୍ୱ.ପ୍ର.)- ସାକ୍ଷୀଗୋପାଳ ମନ୍ଦିରରେ ଶୁକ୍ରବାର ପରମ୍ପରାକ୍ରମେ ଗହ୍ମାପୂର୍ଣ୍ଣିମା ପର୍ବ ପାଳିତ ହୋଇଯାଇଛି। ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ଠାକୁରଙ୍କୁ ନୂତନ ବସ୍ତ୍ର ଲାଗି, ଆଳତି, ଉପଚାର ଓ ଜାତଭୋଗରେ ଗହମ ଓ ନଡିଆପୁରରେ ପ୍ରସ୍ତୁତ ମଣ୍ଡାପିଠା ଲାଗିକରାଯାଇଥିଲା। ଏହି ଅବସରରେ ସିଂହରି ପୂଜାପଣ୍ଡା ଭଣ୍ଡାର ମେକାପ ଓ ସେବାୟତ ସାକ୍ଷୀଗୋପାଳ ଓ ଶ୍ରୀରାଧାଙ୍କୁ ଗୁଆମାଳ ରାଖୀ ପିନ୍ଧାଇଥିଲେ। ସନ୍ଧ୍ୟାରେ ଠାକୁରଙ୍କ ବିଜେ ପ୍ରତିମା ଗହ୍ମାବେଦିକୁ ବିଜେ କରିଥିଲେ। ଝୁଲଣ କୁଞ୍ଜରେ ଠାକୁରଙ୍କୁ ଝୁଲାଇବା ସହ ଗୋଟିପୁଅ, ଆଖଡ଼ା ନୃତ୍ୟ ହୋଇଥିଲା।

### ମହାପ୍ରଭୁଙ୍କ ପାଇଁ ରାଖୀ ତିଆରି କଲେ ଭକ୍ତ

ପୁରୀ ଅଫିସ ୧୨।୮: ଗହ୍ମା ପୂର୍ଣ୍ଣିମା ଉପଲକ୍ଷେ ତିନିଜଣ ଭକ୍ତ ପ୍ରସ୍ତୁତ କରିଥିବା ରାଖୀକୁ ଶୁକ୍ରବାର ମହାପ୍ରଭୁଙ୍କୁ ପ୍ରଦାନ କରିଛନ୍ତି। ସେମାନେ ୭ଦିନ ଧରି ନଡ଼ିଆ କତା, ଝୋଟ, ଚାଉଳ, ଷଡ଼େଇ ଆଦି ବ୍ୟବହାର କରି ଏହି ରାଖୀ ପ୍ରସ୍ତୁତ କରିଥିଲେ। ଭଦ୍ରକ ଗଣେଶ୍ୱରପୁର ଶାସନର ଦେବାଶିଷ ଆର୍ଯ୍ୟଙ୍କ ସହ ତିନିଜଣ ଭକ୍ତ ମିଶି ୩ଟି ରାଖୀ ତିଆରି କରି ଆଣିଥିଲେ। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଶ୍ରୀପତିତପାବନଙ୍କ ଉଦ୍ଦେଶ୍ୟରେ ୩ଟି ରାଖୀ ଅର୍ପଣ କରିଥିଲେ। ମହାପ୍ରଭୁଙ୍କ ଲାଗି ରାଖୀ ତିଆରି କରି ସେମାନେ ଖୁସି ବୋଲି ଦେବାଶିଷ କହିଛନ୍ତି।

### ତ୍ରିରଙ୍ଗା ବ୍ୟାନରରେ ଫଟୋ ଥିବାରୁ ଦୁର୍ବୃତ୍ତ ଚିରିଦେଲେ

ଅସ୍ତରଙ୍ଗ,୧୨।୮(ଡି.ଏନ୍.ଏ.)- ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ତ୍ରିରଙ୍ଗା ଅମୃତ ମହୋତ୍ସବ ରାଜ୍ୟବ୍ୟାପୀ ପାଳନ ହେଉଛି। ଏହି ପଦଯାତ୍ରା ପୁରୀ ଜିଲା ଡେଲାଙ୍ଗ ବେରବୋଇ ମହାତ୍ମାଗାନ୍ଧୀଙ୍କ ସ୍ମୃତିପୀଠଠାରୁ ଆରମ୍ଭ ହୋଇ ଅସ୍ତରଙ୍ଗର ଲବଣ ସ୍ମୃତିପୀଠ କୁହୁଡ଼ିଠାରେ ଶେଷ ହୋଇଥିଲା। ୧୧ ତାରିଖରେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ନିମାପଡା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଓ ଅସ୍ତରଙ୍ଗ ବ୍ଲକର କେତେଜଣ ନିର୍ବାଚିତ ପ୍ରତିନିଧିଙ୍କ ଫଟୋ ଏକ ତ୍ରିରଙ୍ଗା ପଦଯାତ୍ରା ବ୍ୟାନରରେ ଲଗାଯାଇଥିଲା। କିନ୍ତୁ ପରଦିନ ସକାଳ ୮ଟାରେ କେତେଜଣ ଅସାମାଜିକ ଲୋକ ଆସି ବ୍ୟାନରକୁ ଚିରିଦେବା ସହ ବାଇଧର ମଲ୍ଲିକଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଭାଜପା ନେତା ଓ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ କୁହୁଡ଼ିର ତ୍ରିରଙ୍ଗା ପଦଯାତ୍ରାର ଉଦ୍‌ଯାପନୀ ସଭାରେ ଯେତିକି ସଂଖ୍ୟକ କର୍ମୀ ଆସିବା କଥା ତାହା ସେଠାରେ ଦେଖିବାକୁ ମିଳି ନ ଥିଲା।



ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିଭିନ୍ନ ସଙ୍କଳ୍ପ ନେଇ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

# ଜାତିସଂଘର ୬ ଯୁବ ଅଧିବକ୍ତାଙ୍କ ମଧ୍ୟରେ ଓଡ଼ିଶାର ସୌମ୍ୟ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ଜାତୀୟ ଯୁବ ଦିବସ ଅବସରରେ ଶୁକ୍ରବାର ଜାତିସଂଘ ଭାରତ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଭାରତର ୬ଜଣ ଯୁବ ଅଧିବକ୍ତାଙ୍କୁ ଜାତିସଂଘ ପକ୍ଷରୁ ସ୍ୱୀକୃତି ଦିଆଯାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଗୁଣ୍ଡଳବା ଗ୍ରାମର ସୌମ୍ୟ ରଞ୍ଜନ ବିଶ୍ୱାଳ ସ୍ଥାନ ପାଇଛନ୍ତି। ୨୦୨୨ ଅଗଷ୍ଟ ୧୨ରୁ ୨୦୨୪ ଅଗଷ୍ଟ ୧୨ ଯାଏ ୨ବର୍ଷ ପାଇଁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାତିସଂଘ ଭାରତର ରେସିଡେଣ୍ଟ କୋଅର୍ଡିନେଟର ଶୋମ୍ବି ଶାର୍ପ, ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ୟୁଏନ୍‌ଡିପି ମୁଖ୍ୟ ଶୋକା ନୋଡା, ୟୁନିସେଫ୍ ମୁଖ୍ୟ ୟାସୁମାସା କିମୁରା ପ୍ରମୁଖଙ୍କ ସମେତ ଜାତିସଂଘ ଓ ଭାରତ ସରକାରଙ୍କ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ଅନୁଭବ କରି ଉପକୂଳ ଜୈବ ବିବିଧତା ସୁରକ୍ଷା ପାଇଁ ସୌମ୍ୟ ନିଜସ୍ୱ ଅଭିନବ ଉପାୟରେ କାମ କରୁଛନ୍ତି। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା, ଲୁଣା ଜଙ୍ଗଲ ସୁରକ୍ଷା ଓ ନଦୀ ପ୍ରଦୂଷଣ ରୋକିବା ପାଇଁ ସେ ପ୍ରୟାସ ଜାରି ରଖିବା ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ପ୍ରକାର କାର୍ଯ୍ୟଧାରା ପାଇଁ ପୂର୍ବରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନ ପାଇବା ସହ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ପାଇଛନ୍ତି। ସେହିପରି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ପାଖରୁ ପ୍ରଶଂସିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ହୋଇଥିବା ଅନେକ କାର୍ଯ୍ୟ ଜାତୀୟ ସ୍ତରରେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀଙ୍କ ସମେତ ବିଭିନ୍ନ ସ୍ତରରେ ପ୍ରଶଂସିତ ହୋଇଛି। ଉଲ୍ଲେଖଯୋଗ୍ୟ, ସୌମ୍ୟ ଗତବର୍ଷ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଜଳବାୟୁ ପରିବର୍ତ୍ତନକୁ ନେଇ ଆୟୋଜିତ ଯୁବ ସମ୍ମିଳନୀରେ ଯୁବବକ୍ତା ଭାବେ ଯୋଗଦେଇଥିଲେ।




ସୌମ୍ୟରଞ୍ଜନ ବିଶ୍ୱାଳ ଜାତିସଂଘର ସ୍ୱୀକୃତିପତ୍ର ଗ୍ରହଣ କରୁଛନ୍ତି।

## ଜନତାଙ୍କ ସ୍ୱର ପାଲଟିବ ଜନ କଲ୍ୟାଣ ମଞ୍ଚ

ଡେଲାଙ୍ଗ,୧୨।୮(ଡି.ଏନ୍.ଏ.):

ଡେଲାଙ୍ଗ ଓ ପିପିଲି ବ୍ଲକର ଜନତାଙ୍କ ପାଇଁ ଜନକଲ୍ୟାଣ ମଞ୍ଚର ଶୁଭାରମ୍ଭ ହୋଇଛି। ଶୁକ୍ରବାର ଗୁଆଳିପଡ଼ା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରାଧାମୋହନ ଏବଂ ପୂର୍ବତନ ଜିଲା ଭାଜପା ସମ୍ପାଦକ ଜନ୍ମେଜୟ ଜେନା ଏହି ମଞ୍ଚର ଶୁଭାରମ୍ଭ କରିଛନ୍ତି। ମଞ୍ଚ ଲୋକଙ୍କ ସମସ୍ୟା ବୁଝିବ ଓ ଦୁର୍ଦ୍ଦିନରେ ସହଯୋଗ ବୋଲି ଆବାହକ ରାଧାମୋହନ କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚର ଏହି ଦୁଇ ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ମହମ୍ମଦ ସାହିଦ ରାଜା, ସୁକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚର କର୍ମକର୍ତ୍ତା କହିଛନ୍ତି, ରାଜଧାନୀ ଭୁବନେଶ୍ୱର ନିକଟବର୍ତ୍ତୀ ପିପିଲି ନିର୍ବାଚନମଣ୍ଡଳୀର ଆଖିଦୃଶିଆ ବିକାଶ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଡେଲାଙ୍ଗରେ ଥିବା ବିଶ୍ୱନାଥ ପାହାଡ଼, ବେରବୋଇ ଗାନ୍ଧୀପୀଠ, ବେନୁପଡ଼ା ଗାଦିବ୍ରହ୍ମ ପୀଠ, ଅରାଗଡ଼ ବୌଦ୍ଧପୀଠ, ପିପିଲି ଚାନ୍ଦୁଆର ବିକାଶ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ଐତିହ୍ୟ ବହନ କରିଥିବା ଧାର୍ମିକ ପୀଠଗୁଡ଼ିକ ଅବହେଳିତ ହୋଇରହିଛି। ଭକ୍ତ ଦାସିଆ ପୀଠର ଉନ୍ନତୀକରଣ ହେଉନାହିଁ କି ରାସ୍ତା ମରାମତି କରାଯାଉନାହିଁ। ଅନେକ କୁଟୀରଶିଳ୍ପ ବୁଡ଼ିବାକୁ ବସିଲାଣି। ଅନେକ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ଚାଷୀ ଠିକ ସମୟରେ ସାର, ବିହନ ପାଇବାରୁ ବଞ୍ଚିତ ହେଉଛନ୍ତି। ସାତଶଙ୍ଖସ୍ଥିତ ଉତ୍ତରାୟଣୀ ଶୀତଳ ଭଣ୍ଡାର ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲିପଡ଼ିଛି। ସେହିପରି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# ସୁଆଣ୍ଡୋ ରାସ୍ତା ହେଉ ପଣ୍ଡିତ ଗୋପବନ୍ଧୁ ମାର୍ଗ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି ପିନାକୀ ମିଶ୍ର**

ପୁରୀ ଅଫିସ,୧୨।୮:

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପଟ୍ଟନାୟିକିଆ ଛକଠାରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ରାସ୍ତାକୁ ପଣ୍ଡିତ ଗୋପବନ୍ଧୁ ମାର୍ଗରେ ନାମିତ କରିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ଅନେକ ଶିକ୍ଷିତ ଯୁବଗୋଷ୍ଠୀ ଏନେଇ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। ବିଧିବଦ୍ଧ ଭାବେ ଏହି ଦାବି ପ୍ରଶାସନ ନିକଟରେ ଉପସ୍ଥାପନ କରାଯାଇଛି। ଏହି ପ୍ରୟାସରେ ପୁରୀ ଏମ୍‌ପି ପିନାକୀ ମିଶ୍ର ସାମିଲ ହୋଇଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ସମ୍ପୃକ୍ତ ମାର୍ଗକୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମରେ ନାମିତ କରିବା ପାଇଁ ନିବେଦନ କରିଛନ୍ତି। ସେ ଲେଖିଛନ୍ତି ଯେ, ଉତ୍କଳମଣି ଗୋପବନ୍ଧୁଙ୍କୁ ଆନୁଷ୍ଠାନିକ ମର୍ଯ୍ୟାଦା ପ୍ରଦାନରେ ମୁଖ୍ୟମନ୍ତ୍ରୀ ଯଥେଷ୍ଟ ପ୍ରଚେଷ୍ଟା କରିଛନ୍ତି। ତେଣୁ ତାଙ୍କୁ ସ୍ମୃତିକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସମ୍ପୃକ୍ତ ମାର୍ଗକୁ ଉତ୍କଳମଣିଙ୍କ ନାମରେ ନାମିତ କରାଯାଉ। ଫଳରେ ତାଙ୍କ ଜନ୍ମଭୂମିର ପ୍ରଚାର ପ୍ରସାର ହେବା ସହ ପର୍ଯ୍ୟଟକମାନେ ଉତ୍କଳମଣିଙ୍କ ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ପାଇପାରିବେ।

# ୬ ଗାଈ ଜୀବନ୍ତ ଦଗ୍ଧ

ଗୋପ,୧୨।୮(ଡି.ଏନ୍.ଏ.)

ଗୋପ ଥାନା ଅନ୍ତର୍ଗତ ପୟରା ପଞ୍ଚାୟତ ନୋରଡ ନିକଟବର୍ତ୍ତୀ ଚଡକପଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଦିଗମ୍ବର ମଲ୍ଲିକଙ୍କ ଗୁହାଳରେ ଦିଆଯାଇଥିବା ଧୂଆଁରୁ ଅଗ୍ନିକାଣ୍ଡ ଘଟିଛି। ଫଳରେ ଗୁହାଳରେ ଥିବା ୮ଟି ଗାଈ ବଳଦ ମଧ୍ୟରୁ ୬ଟି ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ହେଲେ ଗୋଟିଏ ବଳଦ ଓ ଗୋଟିଏ ଗାଈ ଗୁରୁତର ଅବସ୍ଥାରେ ଅଛନ୍ତି। ଏଭଳି ଅଗ୍ନିକାଣ୍ଡ ପରେ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ପୟରା ସରପଞ୍ଚ ସୁମନ୍ତ କୁମାର ନାୟକ ଶୁକ୍ରବାର ବିପନ୍ନଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ଗୋପ ତହସିଲ ଅଫିସ ପକ୍ଷରୁ ପଲିଥିନ ଦିଆଯାଇଛି। ପ୍ରକାଶ ଯେ, ସବୁଦିନ ପରି ଦିଗମ୍ବରଙ୍କ ଭାଇ ମହେଶ୍ୱର ମଲ୍ଲିକ ରାତି ୧୧ଟାରେ ଗୁହାଳରେ ଧୂଆଁ ଦେଇ ଘରକୁ ଆସିଥିଲେ। ମାତ୍ର ବିଳମ୍ବିତ ରାତିରେ ଦିଆଯାଇଥିବା ଧୂଆଁରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ହୋଇଥିଲା। ନିଆଁ ଲାଗିବାରେ ଗୋଟିଏ ଗାଈ ଖୁଣ୍ଟ ଓପାଡି ବାହାରକୁ ଆସି ମାଲିକଙ୍କ ଦୁଆର ମୁହଁରେ ବୋବାଇବାରେ ଦିଗମ୍ବରଙ୍କ ଝିଅଙ୍କ ନିଦ ଭାଙ୍ଗିବା ପରେ ଅଗ୍ନିକାଣ୍ଡ ସମ୍ପର୍କରେ ଜାଣି ଗୋପ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚିବାବେଳକୁ ଆଉ ଗୋଟିଏ ବଳଦ ଗୁରୁତର ଅବସ୍ଥାରେ ବାହାରକୁ ଆସିଥିବା ବେଳେ ଗୁହାଳ ଘରେ ଅବଶିଷ୍ଟ ୬ଟି ଗାଈ ବାଛୁରି ଜିଅନ୍ତା ଜଳି ଯାଇଥିଲେ।



ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଶୁକ୍ରବାର ଭାଜପା ପୁରୀ ଜିଲା ଶାଖା ପକ୍ଷରୁ ସହର ପରିକ୍ରମା ପାଇଁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

# ବାଇକ୍-କାର୍ ଧକ୍କା: ଶିଶୁ ମୃତ

**ମା', ବାପା, ଝିଅ ଗୁରୁତର: ଗ୍ରାମବାସୀଙ୍କ ରାସ୍ତାରୋକୋ**

କଣାସ,୧୨।୮(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ନୂଆଜଗନ୍ନାଥ ସଡକର ଶୁକ୍ରବାର ଅପରାହ୍ନରେ ଚୁପୁରିଙ୍ଗି ଛକ ନିକଟରେ ଏକ ବାଇକ୍- କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଗୋଟିଏ ପରିବାରର ପୁଅର ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଗୁରୁତର ହୋଇଛନ୍ତି। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି। ଖବର ଅନୁଯାୟୀ, କଣାସ ଥାନା ଅନ୍ତର୍ଗତ ପାହିଲୁଣ୍ଡି ଗ୍ରାମର ଅଜିତ୍ କୁମାର ବଳିୟାରସିଂହ(୪୩), ସ୍ତ୍ରୀ ସୁନିତା ପ୍ରିୟଦର୍ଶିନୀ(୩୮), ଝିଅ ଅର୍ପିତା(୭) ଓ ପୁଅ ଅଂଶୁମାନ(୫) ଏକ ବାଇକ୍ (ନଂ.ଓ ଆର ୧୩ ଏଫ ୬୯୦୪) ଯୋଗେ ଜଙ୍କିଆ ବଜାରକୁ ଆସୁଥିଲେ। ଏହି ସମୟରେ ପୁରୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ସାରି ବିଶାଖାପାଟଣା ଶ୍ରୀକାକୁଲମର କେତେକ ବ୍ୟକ୍ତି ଏପି ୩୦ଏଏସ୍ ୭୬୭୭ ନମ୍ବର କାରରେ ଫେରୁଥିବା ବେଳେ ଚୁପୁରିଙ୍ଗି ଛକ ପାଖାପାଖି ଜଗନ୍ନାଥ ସଡକରେ ଉକ୍ତ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ବାପ, ମାଆ, ଝିଅ, ପୁଅ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିବା ବେଳେ କାର୍‌ଟି ନୟନଯୋଡିକୁ ଗଡିପଡିଥିଲେ ମଧ୍ୟ କାରରେ ଥିବା କାହାରକିଛି କ୍ଷତି ହୋଇନାହିଁ। ସ୍ଥାନୀୟ ଲୋକେ ଆହତମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ହେଁ ପୁଅ ଅଂଶୁମାନର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଅନ୍ୟପଟେ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଯାଇଛି। ଅପରପକ୍ଷେ ସ୍ଥାନୀୟ ଗ୍ରାମବାସୀ କ୍ଷତିପୂରଣ ଦାବିକରି ଜଗନ୍ନାଥ ସଡକକୁ ଅବରୋଧ କରିଥିଲେ। ଖବରପାଇ ଗଡିଶାଗୋଦା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା, କଣାସ ଥାନା ଆଇଆଇସି ସୁଜିତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୁ ହଟିଥିଲେ।

# ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟ ଘୋଷଣା ଦାବି

**୧୧୪ତମ ପ୍ରତିଷ୍ଠା ଦିବସ ପାଳିତ**

ସାକ୍ଷୀଗୋପାଳ, ୧୨।୮(ଡି.ଏନ୍.ଏ./ସ୍ୱ.ପ୍ର.)

ପରାଧୀନ ଭାରତରେ ଶିକ୍ଷା, ସଂସ୍କାର, ସେବା ଏବଂ ଜାତୀୟତା ଆନ୍ଦୋଳନ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୪ ତମ ପ୍ରତିଷ୍ଠା ଦିବସ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ବନ୍ଦେ ଉତ୍କଳ ଜନନୀ ଦେଶାତ୍ମବୋଧ ସଙ୍ଗୀତ ଗାନ କରାଯାଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ବିଇଓ ଦାୟିତ୍ୱରେ ଥିବା ଭବମ ପ୍ରଧାନ କାର୍ଯ୍ୟକ୍ରମ ସଭାପତିତ୍ୱ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟ ଭାବେ ଘୋଷଣା କରାଯାଉ ବୋଲି ଦାବି କରି ଏଥିନିମନ୍ତେ ଦସ୍ତଖତ ଅଭିଯାନ କରିବା ଦିଗରେ ପ୍ରସ୍ତାବ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଆଲୁମୁନି କମିଟି ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ଜୟପୁର ସରପଞ୍ଚ ଆରାଧନା ସାମନ୍ତରାୟ ଓ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜୟପୁର ସରପଞ୍ଚ ଆରାଧନା ସାମନ୍ତରାୟ ସ୍ୱର୍ଗତ ପ୍ରଭାତ ଚନ୍ଦ୍ର ସାମନ୍ତରାୟଙ୍କ ସ୍ମୃତିରେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ବିଜୟ କୁମାର ପରିଡା ଅତିଥି ପରିଚୟ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସତ୍ୟବାଦୀ ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।




ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ବିଦ୍ୟାଳୟରେ ସବୁଜ ଦିବସ ଉତ୍ସବ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାରସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟରେ ସବୁଜ ଦିବସ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚିତ୍ରାଙ୍କନ, ରାଖୀ ପ୍ରସ୍ତୁତି, ପରିବେଶ ସୁରକ୍ଷା ଉପରେ ସ୍ଲୋଗାନ୍ ଓ ପୋଷ୍ଟର ପ୍ରସ୍ତୁତି, ବର୍ଜ୍ୟବସ୍ତୁରୁ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି କରିବା, ବକ୍ତୃତା, ରଚନା ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସବୁଜ ସାମଗ୍ରୀ, ଚିତ୍ର ଆଦିକୁ ନେଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ ଅଭିଭାବକ ଓ ସ୍ଥାନୀୟ ଲୋକେ ଦେଖିଥିଲେ। ଅଧକ୍ଷ ଶକ୍ତି ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଜ୍ଞା ପାରମିତା ମହାନ୍ତି, ୱାହିଦା ରେହେମାନ୍, ମାର୍ଗାରେଟ୍ ବିହାରୀ, ମୋନିସା ମହାନ୍ତି, ସବିତା ଲେଙ୍କା, ମିନତି ପାତ୍ର, ଶୁଭଶ୍ରୀ ପରିଡ଼ା, ରାଜଶ୍ରୀ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

କଟକ

- ସିଏମ୍‌ସି ପକ୍ଷରୁ ଜାତୀୟ ପତାକା ତ୍ରିରଙ୍ଗା ବିତରଣ ଉତ୍ସବ, ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ସକାଳ ୯ଟା।
- ହାଇକୋର୍ଟ ଲିଗାଲ ସର୍ଭିସେସ୍ କମିଟି ତତ୍ତ୍ୱାବଧାନରେ ହାଇବ୍ରିଡ୍ ମୋଡ୍‌ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ପୂର୍ବାହ୍ନ ୧୧ଟା।
- କଟକ ନଗର ଯୁବ ମୋର୍ଚ୍ଚା ନେତୃତ୍ୱରେ ତ୍ରିରଙ୍ଗା ପଦଯାତ୍ରା, ଚଣ୍ଡି ଛକ, ପୂର୍ବାହ୍ନ ୧୧ଟା।
- କଟକ ମାରୱାଡି ସମାଜ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନ ପ୍ରଦାନ ସମାରୋହ, ଶହୀଦ ଭବନ, ଅପରାହ୍ନ ୪ଟା ୩୦।

# ମଧୁସେତୁ ଅପରାଧୀଙ୍କ ଖସିବା ବାଟ

**କଟକ ଅଫିସ,୧୨।୮**

କଟକ ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ସହରର ଅନେକ ସ୍ଥାନରେ ଅପରାଧ ଘଟାଇ ଆନ୍ତଃରାଜ୍ୟ ଓ ଜିଲାର ଅଭିଯୁକ୍ତମାନେ ମଧୁସେତୁ ଦେଇ ଖସିଯିବାରେ ସକ୍ଷମ ହେଉଛନ୍ତି। ଚହଟାରୁ ନୂଆପାଟଣାକୁ ସଂଯୋଗ କରୁଥିବା ମଧୁସେତୁରେ ଆଲୋକ କି କ୍ୟାମେରା ବ୍ୟବସ୍ଥା ନ ଥିବାରୁ ଅପରାଧୀଙ୍କ ଖସିବା ବାଟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ଏହି ସେତୁକୁ ୨୦୧୮ ଏପ୍ରିଲ ୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ଏହି ସେତୁ ନିର୍ମାଣ ଫଳରେ କଟକରୁ ଢେଙ୍କାନାଳର ଦୂରତା ୧୬ କି.ମି. କମିଛି। ସିଡିଏ ଫେଜ୍‌-୨ ଥାନା ଅଧୀନରେ ଥିବା ଏହି ସେତୁ ଦେଇ ଲୋକମାନେ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଅଭିମୁଖେ ଯିବା ପାଇଁ ପସନ୍ଦ କରୁଛନ୍ତି। ମାତ୍ର ସଞ୍ଜ ହେଲେ ଉକ୍ତ ସେତୁରେ ଅପରାଧୀମାନେ ଆଡ୍ଡା ଜମାଇ ଲୁଟ୍ କରିବା ସହ ଅନ୍ୟ



ମଧୁସେତୁରେ କ୍ୟାମେରା ଓ ଆଲୋକ ବ୍ୟବସ୍ଥା ନାହିଁ।

### ଲାଗିନି କ୍ୟାମେରା, ଆଲୋକ

ଅପରାଧୀ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଫଳରେ ସନ୍ଧ୍ୟାପରଠାରୁ ଏହି ସେତୁ ଦେଇ ଲୋକମାନେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। କିଛି ମାସ ତଳେ ଜଣେ ମାଛ ବ୍ୟବସାୟୀ ଉକ୍ତ ସେତୁରେ ଯାଉଥିବା ସମୟରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ତାଙ୍କଠାରୁ ଟଙ୍କା ଲୁଟି ନେଇଥିଲେ। ସେହିପରି ଆଉ ଏକ ରାତିରେ ଢେଙ୍କାନାଳରୁ ଆସୁଥିବା ଏକ କାର୍‌କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଗୁଳିମାଡ଼ କରିଥିଲେ। ଏଥିସହ ଉକ୍ତ ସେତୁରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏହାବାଦ୍ ଦୁର୍ବୃତ୍ତମାନେ ଚୋରି, ଡକାୟତି କରି ରିଂରୋଡ୍ ଦେଇ ମଧୁସେତୁ ବାଟେ ଖସିଯାଉଛନ୍ତି। ଉକ୍ତ ସେତୁରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହିତ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଯୋଜନା ହୋଇଥିଲା। କ୍ୟାମେରା ଲଗାଯିବା ପାଇଁ ଅନେକ ଥର ସର୍ଭେ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ଏ ସମ୍ପର୍କରେ ଏସିପି ଅନିଲ ମିଶ୍ର କହିଛନ୍ତି, ଆଗାମୀ ଦିନରେ ସେତୁରେ କ୍ୟାମେରା ଲଗାଇବାର ଯୋଜନା ରହିଛି। କୌଣସି ସହୃଦୟ ବ୍ୟକ୍ତି କ୍ୟାମେରା ଦାନକଲେ ପୋଲିସ ସହଭାଗିତାରେ ଉକ୍ତ କାର୍ଯ୍ୟକ୍ରମ କରିବାକୁ ଅଗ୍ରାଧିକାର ଦିଆଯିବ। ଅପରପକ୍ଷରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି, ମଧୁସେତୁରେ ଆଲୋକୀକରଣ ପାଇଁ ଯୋଜନା ପ୍ରସ୍ତୁତ ସରିଛି। ଖୁବ୍‌ଶୀଘ୍ର ଲାଇଟ୍ ଲଗାଯିବ।

# ଜାତିସଂଘର ୬ ଯୁବ ଅଧିବକ୍ତାଙ୍କ ମଧ୍ୟରେ ଓଡ଼ିଶାର ସୌମ୍ୟ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ଜାତୀୟ ଯୁବ ଦିବସ ଅବସରରେ ଶୁକ୍ରବାର ଜାତିସଂଘ ଭାରତ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଭାରତର ୬ଜଣ ଯୁବ ଅଧିବକ୍ତାଙ୍କୁ ଜାତିସଂଘ ପକ୍ଷରୁ ସ୍ୱୀକୃତି ଦିଆଯାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଗୁଣ୍ଡଲବା ଗ୍ରାମର ସୌମ୍ୟ ରଞ୍ଜନ ବିଶ୍ୱାଳ ସ୍ଥାନ ପାଇଛନ୍ତି। ୨୦୨୨ ଅଗଷ୍ଟ ୧୨ରୁ ୨୦୨୪ ଅଗଷ୍ଟ ୧୨ ଯାଏ ୨ବର୍ଷ ପାଇଁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାତିସଂଘ ଭାରତର ରେସିଡେଣ୍ଟ କୋଅର୍ଡିନେଟର ଶୋମ୍ବି ଶାର୍ପ, ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ୟୁଏନ୍‌ଡିପି ମୁଖ୍ୟ ଶୋକା ନୋଡା, ୟୁନିସେଫ୍ ମୁଖ୍ୟ ୟାସୁମାସା କିମୁରା ପ୍ରମୁଖଙ୍କ ସମେତ ଜାତିସଂଘ ଓ ଭାରତ ସରକାରଙ୍କ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ଅନୁଭବ କରି ଉପକୂଳ ଜୈବ ବିବିଧତା ସୁରକ୍ଷା ପାଇଁ ସୌମ୍ୟ ନିଜସ୍ୱ ଅଭିନବ ଉପାୟରେ କାମ କରୁଛନ୍ତି। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା, ଲୁଣା ଜଙ୍ଗଲ ସୁରକ୍ଷା ଓ ନଦୀ ପ୍ରଦୂଷଣ ରୋକିବା ପାଇଁ ସେ ପ୍ରୟାସ ଜାରି ରଖିବା ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ପ୍ରକାର କାର୍ଯ୍ୟଧାରା ପାଇଁ ପୂର୍ବରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନ ପାଇବା ସହ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ପାଇଛନ୍ତି। ସେହିପରି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ପାଖରୁ ପ୍ରଶଂସିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ହୋଇଥିବା ଅନେକ କାର୍ଯ୍ୟ ଜାତୀୟ ସ୍ତରରେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀଙ୍କ ସମେତ ବିଭିନ୍ନ ସ୍ତରରେ ପ୍ରଶଂସିତ ହୋଇଛି। ଉଲ୍ଲେଖଯୋଗ୍ୟ, ସୌମ୍ୟ ଗତବର୍ଷ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଜଳବାୟୁ ପରିବର୍ତ୍ତନକୁ ନେଇ ଆୟୋଜିତ ଯୁବ ସମ୍ମିଳନୀରେ ଯୁବବକ୍ତା ଭାବେ ଯୋଗଦେଇଥିଲେ।




ସୌମ୍ୟରଞ୍ଜନ ବିଶ୍ୱାଳ ଜାତିସଂଘର ସ୍ୱୀକୃତିପତ୍ର ଗ୍ରହଣ କରୁଛନ୍ତି।

## ବ୍ରାଉନ୍‌ସୁଗାର ଜବତ, ବ୍ୟବସାୟୀ ଗିରଫ

**କଟକ ଅଫିସ,୧୨।୮:** କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜଣେ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟକାର ଗ୍ରାମର ଅନନ୍ତ ଦାସ। ତାଙ୍କଠାରୁ ୨୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୭୦/୨୨-୨୩) ରୁଜୁ ହୋଇଛି। ଉକ୍ତ ବିଶ୍ୱବିଦ୍ୟାଳୟ ନିକଟରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଖବର ମିଳିବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## ଡ୍ରିମ୍‌ସରେ ଜାତୀୟ ଗ୍ରନ୍ଥାଗାରିକ ଦିବସ

**କଟକ ଅଫିସ, ୧୨।୮:** ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ଆନୁକୂଲ୍ୟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ଓ ଗ୍ରନ୍ଥାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଡ. ଏସ୍. ଆର. ରଙ୍ଗନାଥନ୍‌ଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଡ୍ରିମ୍‌ସର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ, ବିଜ୍ଞାନର ଅଗ୍ରଗତି, ଶିକ୍ଷା ଓ ଗବେଷଣା ସର୍ବୋପରି ବ୍ୟକ୍ତିକୁ ସ୍ୱୟଂସମ୍ପୂର୍ଣ୍ଣ କରିବାରେ ଗ୍ରନ୍ଥାଗାରିକଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ସେହିପରି ନିର୍ଦ୍ଦେଶକ ଲୋକନାଥ ବେହେରା, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ, ଅଧକ୍ଷ ଡ. ନୟନ ରଞ୍ଜନ ସାମଲ, ମୁଖ୍ୟ ଗ୍ରନ୍ଥାଗାରିକ ଡ. ବିଭୁପ୍ରସାଦ ପଣ୍ଡା, ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଧାପିକା ଡ. କ୍ରିଷ୍ଣାପ୍ରଦା ଦାଶ କାର୍ଯ୍ୟକ୍ରମ ସଂଯୋଜନା, ସହକାରୀ ଗ୍ରନ୍ଥାଗାରିକ ପବିତ୍ର ନାୟକ ପ୍ରାରମ୍ଭିକ ସୂଚନା ଓ ଅଧାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।




ଶୁକ୍ରବାର କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ନାଭାଲ ୟୁନିଟ୍‌ର ଏନ୍‌ସିସି କ୍ୟାଡେଟ୍‌ମାନେ।

## ଶୈଳବାଳାରେ ଅନ୍ତର୍ଜାତୀୟ ଯୁବ ଦିବସ

**କଟକ ଅଫିସ,୧୨।୮**

କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଜାତୀୟ ସେବା ଯୋଜନା ଓ ମୋ କଲେଜ ଅଭିଯାନର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୁବ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ନୃତ୍ୟଶିଳ୍ପୀ ଜାହ୍ନବୀ ବେହେରା, ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ଗାର୍ଗୀ ମହାନ୍ତି ଓ କ୍ରୀଡାବିତ୍ ମଧୁସ୍ମିତା ବେହେରା ଯୋଗଦେଇଥିଲେ। ଏଥିରେ ଯୋଗମାୟା ପଣ୍ଡା, ଡ. ଯାମିନୀ ରଞ୍ଜନ ମହାନ୍ତି, ବିକାଶ ଦାସ, ଡ. ଗାୟତ୍ରୀ କର ପ୍ରମୁଖ ଉପସ୍ଥିତ ଥିଲେ । ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ।

# ସିଏମ୍‌ସି ପକ୍ଷରୁ ଛେନା, ପନିରର ମାନ ଯାଞ୍ଚ

**କଟକ ଅଫିସ,୧୨।୮**

କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ସହରରେ ଛେନା ଓ ପନିରର ମାନ ଯାଞ୍ଚ କରାଯାଇଛି। ନିମାପଡା ଓ କାକଟପୁରରୁ ଆସୁଥିବା ଛେନାର ନମୁନା ସଂଗ୍ରହ କରାଯାଇଥିଲା। ବିଶେଷକରି ଲିଙ୍କ୍‌ରୋଡ୍‌ଠାରେ ୫ଟି ଗାଡିରୁ ଉକ୍ତ ସାମଗ୍ରୀର ନମୁନା ସଂଗ୍ରହ କରାଯାଇଥିଲା। ଶନିବାର ତାହାକୁ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯିବ। ରିପୋର୍ଟରେ ଏହି ସାମଗ୍ରୀର ମାନ ଖରାପ ଆସିଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର କହିଛନ୍ତି।

# ନିଗମାନନ୍ଦଙ୍କ ଜୟନ୍ତୀ ପାଳିତ

**ଖୁଣ୍ଟୁଣୀ, ୧୨।୮(ଡି.ଏନ.ଏ.)**

ଖୁଣ୍ଟୁଣୀସ୍ଥିତ ଠାକୁର ନିଗମ ଆସନ ମନ୍ଦିର ପରିସରରେ ଠାକୁର ନିଗମାନନ୍ଦଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ନିଗମାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଏଥିରେ କଟକ, ଭୁବନେଶ୍ୱର, ଢେଙ୍କାନାଳ, ଆଠଗଡ଼, ବଡମ୍ବା, ନରସିଂହପୁର, ସାଲେପୁର, ଜଗତ୍‌ସିଂହପୁର ଅଞ୍ଚଳର ଲୋକମାନେ ଯୋଗଦେଇଥିଲେ। ଖୁଣ୍ଟୁଣୀ ସଂଘ ସଭାପତି ଶତ୍ରୁଘ୍ନ ସାହୁ, ସମ୍ପାଦିକା ପ୍ରଭାତ ନଳିନୀ ପାତ୍ର ଓ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ସଂଘର କର୍ମକର୍ତ୍ତାମାନେ ସଂକୀର୍ତ୍ତନ ଗାନ କରିଥିଲେ। ଏଥିରେ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ କମିଟିର ଉପଦେଷ୍ଟା ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସାମନ୍ତରାୟ, ସମ୍ପାଦକ ଦିଲୀପ କୁଁଅର ସେଠ, ଉପସଭାପତି ବିପିନ ବିହାରୀ ପ୍ରଧାନ ଓ ରଜନୀକାନ୍ତ ଜେନା ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଅମୃତ ମହୋତ୍ସବ ଅବସରରେ ତ୍ରିରଙ୍ଗା ଶୋଭାଯାତ୍ରା

**କଣ୍ଟାପଡା, ୧୨।୮(ଡି.ଏନ୍.ଏ.):** କଣ୍ଟାପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶୁକ୍ରବାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ସ୍ୱାଇଁଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ କଣ୍ଟାପଡା ଗ୍ରାମ ଓ ବ୍ଲକ ଛକ ପରିକ୍ରମା କରିଥିଲେ। ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ସେମାନେ କହିଥିଲେ। ଶିକ୍ଷାନୁଷ୍ଠାନର ଗୁରୁମା ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଜପା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**କଟକ ଅଫିସ, ୧୨।୮:** ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଟକ ନଗର ଭାଜପା ପକ୍ଷରୁ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ତ୍ରିରଙ୍ଗା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ସହରରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ବତନ ମନ୍ତ୍ରୀ ସମୀର ଦେ ସହରବାସୀଙ୍କୁ ନିବେଦନ କରିଛନ୍ତି। ଏହା ସହିତ ସେ ନିଜ ବାସଭବନରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି କଟକ ନଗର ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, ଓଡ଼ିଆ ବ୍ୟଙ୍ଗାତ୍ମକ ପତ୍ରିକାର ସମ୍ପାଦକ ମାଧବାନନ୍ଦ ସ୍ୱାଇଁଙ୍କୁ ଜାତୀୟ ପତାକା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଇମୁଣ୍ଡି ମଣ୍ଡଳ ସଭାପତି ଲଲାଟେନ୍ଦୁ ଦାସ, ଦୟାନିଧି ଲେଙ୍କା, ରଜନୀକାନ୍ତ ଦାସ, ନିମାଇଁ ଚରଣ ନାୟକ ଓ ବ୍ରହ୍ମାନନ୍ଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇଦ୍ରାବାଦରୁ ମୁଖ୍ୟ ଅଭିଯୁକ୍ତ ଗିରଫ

**ବାଙ୍କୀ,୧୨।୮(ସ୍ୱ.ପ୍ର)**

### ଖଜୁରିପଦା ଡବଲ ମର୍ଡର ଘଟଣା

ବାଙ୍କୀ ବ୍ଲକ ଖଜୁରିପଦା ଡବଲମର୍ଡର ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗଣେଶ୍ୱର ପ୍ରଧାନଙ୍କୁ ହାଇଦ୍ରାବାଦରୁ ଶୁକ୍ରବାର ପୋଲିସ ଗିରଫ କରିଛି। ଏପର୍ଯ୍ୟନ୍ତ ଏହି ଘଟଣାରେ ୧୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ପ୍ରଧାନ ଧରାପଡ଼ିବା ପରେ ଏହି ସଂଖ୍ୟା ୧୬ରେ ପହଞ୍ଚିଛି। ଅଭିଯୁକ୍ତ ପ୍ରଧାନ ଦୀର୍ଘଦିନ ହେବ ଫେରାର ଥିଲେ। ସେ ହାଇଦ୍ରାବାଦରେ ଆତ୍ମଗୋପନ କରିଥିଲେ। ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ସ୍ୱାଇଁ କୌଣସିସୂତ୍ରରୁ ଖବରପାଇ ଅଭିଯୁକ୍ତ ପ୍ରଧାନଙ୍କୁ ଧରିବା ପାଇଁ ଏକ ପ୍ରତିନିଧି ଦଳକୁ ହାଇଦ୍ରାବାଦ ପଠାଇଥିଲେ। ଶନିବାର ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୧୫ରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଖଜୁରୀପଦା ସରପଞ୍ଚଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଓ ଖବରଦାତା ଆଦିତ୍ୟ ରଣ ସିଂହଙ୍କୁ ଦୁର୍ବୃତ୍ତମାନେ ଯୋକ ଲାଞ୍ଜିଠାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବାଙ୍କୀ ଚିକିତ୍ସାଳୟକୁ ନେବାବେଳେ ବାଟରେ ଆଦିତ୍ୟଙ୍କ ମୃତ୍ୟୁ ଘଟିଥିଲା। ଭଗବାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବଡ ଡାକ୍ତରଖାନା ନିକଟରେ ତାଙ୍କ ମୃତ୍ୟୁ ହୋଇଥିଲା। ତତ୍କାଳୀନ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ଏହି ଘଟଣାର ତଦନ୍ତ କରି ୧୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଧରିଥିଲେ। ପରବର୍ତ୍ତୀ ସମୟରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏବେ ସେମାନଙ୍କ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଛି।

# ୧୪୪ ଜାରି ସତ୍ତ୍ୱେ ଧାରଣା ଦେଲେ ଗୌରହରି

**ଖୁଣ୍ଟୁଣୀ,୧୨।୮(ଡି.ଏନ.ଏ.)**

### ଖୁଣ୍ଟୁଣୀ ଡାକ୍ତରଖାନା



ଖୁଣ୍ଟୁଣୀ ଡକ୍ତରଖାନା ପରିସରରେ ଗୌରହରି ମହାନ୍ତି ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଦାବିରେ ସାମାଜିକ କର୍ମୀ ଗୌରହରି ମହାନ୍ତି ଶୁକ୍ରବାର ଡାକ୍ତରଖାନା ପରିସରରେ ଧାରଣା ଦେଇଛନ୍ତି। ଏହି ଧାରଣା ଶନିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ଚାଲିବ। ୧୪ ତାରିଖ ସକାଳ ୬ଟାରୁ ସେ ଅନଶନ କରିବେ ଓ ୧୫ ତାରିଖ ସ୍ୱାଧୀନତା ଦିବସରେ ସେ ଡାକ୍ତରଖାନା ପରିସରରେ ଆତ୍ମାହୁତି ଦେବା ପାଇଁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେ ୧୫ ଦିନ ପୂର୍ବରୁ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ୫-ଟି ସଚିବଙ୍କ ସମେତ ରାଜ୍ୟ, ଜିଲା ଓ ବ୍ଲକ ପ୍ରଶାସନକୁ ଲିଖିତ ଆକାରରେ ଜଣାଇଛନ୍ତି। ଏହାକୁ ଦୃଷ୍ଟିରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଗତ ଗୁରୁବାରଠାରୁ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଡାକ୍ତରଖାନା ପରିସରରେ ୧୪୪ ଧାରା ଜାରି କରିଛନ୍ତି। ଏହାସତ୍ତ୍ୱେ ଗୌରହରି ଡାକ୍ତରଖାନା ପରିସରସ୍ଥ ପତାକା ଉତ୍ତୋଳନ ମଞ୍ଚଠାରେ ସକାଳ ୮ଟାରୁ ଧାରଣାରେ ବସିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ପୋଲିସ ଫୋର୍ସ ସହିତ ଡାକ୍ତରଖାନା ପରିସରରେ ଉପସ୍ଥିତ ଅଛନ୍ତି।

ଗୌରହରିଙ୍କୁ ଏହି ସମାଜ ମଙ୍ଗଳ କାମରେ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟି ସମସ୍ତ ସଦସ୍ୟଙ୍କ ସମେତ ୧୦ଟି ପଞ୍ଚାୟତର ଜନସାଧାରଣ, ସରପଞ୍ଚ, ସମିତିସଭ୍ୟ, ଆଠଗଡ଼ ବିକାଶ ମଞ୍ଚର ସଭାପତି ମାନସ ବସ୍ତିଆ ସମର୍ଥନ ଜଣାଇଛନ୍ତି। ସେହିପରି ଗୌରହରିଙ୍କୁ ସମର୍ଥନ ଜଣାଇ ଖୁଣ୍ଟୁଣୀ ସରପଞ୍ଚ କୈଳାଶ ଚନ୍ଦ୍ର ଦାସ ଓ ସମିତିସଭ୍ୟ ଗଗନ ବିହାରୀ ପରିଡାଙ୍କ ନେତୃତ୍ୱରେ ବିଜୁ ଯୁବ ବାହିନୀର ବହୁ ଯୁବକ ନୂଆବଜାର ଓଭରବ୍ରିଜ୍ ନିକଟରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ଶନିବାର ଖୁଣ୍ଟୁଣୀର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବାକୁ ନିବେଦନ କରିଥିଲେ। ଆଞ୍ଚଳିକ ସଂଘର୍ଷ ବାହିନୀ ସଭାପତି ନିଗମାନନ୍ଦ ପ୍ରଧାନ ମଧ ଏହି ଧାରଣାକୁ ସମର୍ଥନ ଦେଇଛନ୍ତି। ଅପରପକ୍ଷେ ଥାନାଧିକାରୀ ଖୁଣ୍ଟିଆ ଡାକ୍ତରଙ୍କୁ ଡାକି ଗୌରହରିଙ୍କ ସ୍ୱାସ୍ଥ୍ୟାସ୍ଥା ପରୀକ୍ଷା କରିଥିଲେ।



କଟକ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।




ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନ୍‌ସନ୍ ହଲ୍‌ରେ ବରିଷ୍ଠ ଆଇନଜୀବୀ କେଦାର ନାଥ ଜେନାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶୁକ୍ରବାର ଅନୁଷ୍ଠିତ ସଭାରେ ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ବକ୍ତବ୍ୟ ଦେଉଛନ୍ତି।

# ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା

ସାଲେପୁର,୧୨।୮(ଡି.ଏନ୍.ଏ.)

ସାଲେପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟର ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ତୃତୀୟ ପର୍ଯ୍ୟାୟରେ ବ୍ଲକ୍‌ର ବଣହରା ଉଚ୍ଚ ବିଦ୍ୟାଳୟ, ନନ୍ଦିନୀ ହାଇସ୍କୁଲ ସିଡ଼ୋ, ପଞ୍ଚାୟତ ହାଇସ୍କୁଲ ଛୋଟିପେଡ଼ା, ରାମକୃଷ୍ଣପୁର ହାଇସ୍କୁଲ, ବଳଦେବଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ କଟରପା, ଭାତପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଗାନ୍ଧିଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଲେଖନପୁର, କୁକୁଡ଼ାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଚମ୍ପତି, ଜୟ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବାରବୋଡ଼ିଆ, ଗୁଆଳି ସରକାରୀ ଉଚ୍ଚ ବିଦ୍ୟାଳୟ, ମହାନଦୀ ସରକାରୀ ଉଚ୍ଚ ବିଦ୍ୟାଳୟ କାଳିକାପୁର, ପଞ୍ଚାୟତ ହାଇସ୍କୁଲ ବୋଇଲୋର ରୂପାନ୍ତରଣ କରାଯିବ। ତେବେ ଯେଉଁ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ନାହିଁ, ସେଠାରେ ନୂତନ ଗୃହ ନିର୍ମାଣ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଯେପରି ସବୁ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରାଯିବ ସେ ଦିଗରେ ସମସ୍ତ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଓ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଗୁରୁତ୍ୱ ଦେବାକୁ ସେ ଅନୁରୋଧ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଏବିଡିଓ ସୂର୍ଯ୍ୟକାନ୍ତ ରାଉତ, ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀଙ୍କ ସମେତ ନିର୍ମାଣ ହେବାକୁ ଥିବା ୧୩ଟି ବିଦ୍ୟାଳୟ ଅନ୍ତର୍ଗତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ପୁରାତନ ଛାତ୍ର କମିଟି ସଭାପତି ଓ ବହୁ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

# ଶାଖା କେନାଲ ରାସ୍ତା ମଝିରେ ଗର୍ତ୍ତ

■ ଗମନାଗମନ ଠପ୍

■ ଜଳସେଚନ ବାଧା ଉପୁଜିବା ଆଶଙ୍କା

ମାହାଙ୍ଗା ୧୨।୮(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ତଥା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧୀନରେ ଥିବା ୮ ଏଫ୍ ଶାଖା କେନାଲ ବନ୍ଧ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଗୋତରା ସେନାପତି ସାହି ନିକଟରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଜଳସେଚନ ଏବଂ ଗମନାମନରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ପ୍ରକାଶ ଯେ, ଏହି କେନାଲ ବନ୍ଧ ରାସ୍ତାଟି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ୬.୫ କି.ମି. ଏହି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା।

୨୦୧୮ରେ ନାବାର୍ଡ ସହାୟତାରେ ୨ କୋଟି ୮୭ ଲକ୍ଷ ୧୦ ହଜାର ଟଙ୍କା ଅର୍ଥ ରାଶି ମଞ୍ଜୁର କରାଯାଇ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ୨୦୧୯ରେ କାର୍ଯ୍ୟ ଶେଷ ହେବା ନେଇ ଅବଧି ଥିଲା। କିନ୍ତୁ ୨୦୨୧ରେ ଏହା ଶେଷ ହୋଇଥିଲା। ମାତ୍ର କାର୍ଯ୍ୟ ସରିବାର ଏକ ମାସ ମଧ୍ୟରେ ବର୍ଷା ହେବା ଯୋଗୁ ୩ ଶହ ମିଟରରୁ ଉର୍ଦ୍ଧ୍ୱ ରାସ୍ତା ବର୍ଷା ପାଣିରେ ଧୋଇ ହୋଇଯାଇଥିଲା। ପରେ ଏହାକୁ ପୁନଃ ନିର୍ମାଣ କରାଯାଇଥିଲା। କିନ୍ତୁ ଏବେ କେନାଲରେ ପାଣି ଆସିବା ପରେ ଗୋତରା ସେନାପତି ସାହି ନିକଟରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ରାସ୍ତାରେ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହାକୁ ତୁରନ୍ତ ମରାମତି କରାନଗଲେ ସେଠାରେ ବଡ଼ ଘାଇ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନି। ରାସ୍ତା କାର୍ଯ୍ୟ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ଠିକାଦାର ମନମୁଖିଭାବେ ନିମ୍ନମାନର କାର୍ଯ୍ୟ କରିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି କେନାଲ ଅଚ୍ଯୁତପୁର ଜଳ ସମ୍ପଦ ବିଭାଗ ଅଧୀନରେ ରହିଛି। ମାତ୍ର ବିଭାଗୀୟ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିବାକୁ ଆସୁ ନ ଥିବାରୁ କେନାଲର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଗର୍ତ୍ତ ମରାମତି କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

# କୃତୀ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନ

ଟିଗିରିଆ,୧୨।୮(ଡି.ଏନ.ଏ.)

ମାଣିଆବନ୍ଧ ବିଦ୍ୟାଳୟ ପରିସରରେ ଶୁକ୍ରବାର ଚଳିତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥିଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ମୋ ସ୍କୁଲ ଅଭିଯାନର ସଭାପତି ଦୁର୍ଯ୍ୟୋଧନ ମହାରଣା, ଜିଲା ପରିଷଦ ସଭ୍ୟା ନୟନା ସାହୁ, ମୁଖ୍ୟବକ୍ତାଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମଧୁସ୍ମିତା ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମାଣିଆବନ୍ଧ ଉଚ୍ଚ ବିଦ୍ୟାଳୟର ଏ-୧ରେ ୧୭ ଜଣ ଓ ଏ-୨ରେ ୭୧ ଜଣ ବିଦ୍ୟାର୍ଥୀଙ୍କ ସମେତ ମହୁଲିଆ ବିଦ୍ୟାପୀଠର ଏ-୨ରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ଜଣ ବିଦ୍ୟାର୍ଥୀଙ୍କୁ ମାନପତ୍ର ଓ ପଦକ ଦିଆଯାଇଥିଲା।

## SAMBALPUR UNIVERSITY

PRIVATE EXAMINATION CELL
Jyoti Vihar-768019,Odisha

Letter No.274/PEC Dt.12.08.2022

**Admission Open for UG and PG courses from date 16.08.2022**

Online Applications are invited for Admission-cum-Examination into PG and UG courses under Private Examination Cell of Sambalpur University.

UG Course: BA/B.Com. (Hons.)

PG Courses: PG in Commerce, Economics, English, Hindi, History, IRPM, LLPM, Mathematics, Odia, Political Science, Public Administration and Sanskrit.

Last date of Online submission of Application: 30th September 2022.

Candidates are advised to visit website of Private Examination Cell, Sambalpur University. (https://www.pec.suniv.ac.in) for details information of admission procedure.

Sd./- Director
Private Examination Cell, S.U.

## ଏସ୍ଏଲ୍ଆର୍/ଭିପିର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୧୨/୧୩-୨୨ ତାରିଖ: ୧୧।୦୮।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ **https://www.ireps.gov.in/**websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍ଏଲ୍ଆର୍/ଭିପିଗୁଡ଼ିକର ଲିଜିଂ। **(୧) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୧୨-୨୨। **ନିଲାମ ତାରିଖ:** ୨୬।୦୮।୨୦୨୨। **ନିଲାମ ଆରମ୍ଭ ସମୟ:** ୧୧.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୩.୫୦ ଘଟିକା। **(୨) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୧୩-୨୨। **ନିଲାମ ତାରିଖ:** ୨୯।୦୮।୨୦୨୨। **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୭.୩୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-471) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

## ୧୨ ଗୋଟି ଇଏମ୍‌ୟୁ ଏବଂ ୦୮ ଗୋଟି ମେଲ୍/ଏକ୍ସପ୍ରେସ୍ ଟ୍ରେନ୍‌ରେ ବିଜ୍ଞାପନ ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଏଡିଭିଟି-କେଜିପି-ଇଏମ୍‌ୟୁ ଏବଂ ଏମ୍‌ଇ-୦୫-୨୦୨୨ ତାରିଖ: ୧୦।୦୮।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ: https://www.ireps.gov.in/**websiteରେ ଅଧିସୂଚିତ ୧୨ ଗୋଟି ଇଏମ୍‌ୟୁ ଲୋକାଲ୍‌ର ବାହ୍ୟପୃଷ୍ଠରେ ସମ୍ପୂର୍ଣ୍ଣ ସାଇଡ୍ ୱାଲ୍ (ଝରକା ଏବଂ ରେଳପଥର ବାଧ୍ୟତାମୂଳକ ମାର୍କିଂଗୁଡ଼ିକୁ ଛାଡ଼ି)ରେ ବ୍ୟବସାୟିକ ବିଜ୍ଞାପନ ଠିକା ଏବଂ ୦୮ ଗୋଟି ମେଲ୍/ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକର ବାହ୍ୟପୃଷ୍ଠରେ ସମ୍ପୂର୍ଣ୍ଣ ସାଇଡ୍ ୱାଲ୍ (ଝରକା ଏବଂ ରେଳପଥର ବାଧ୍ୟତାମୂଳକ ମାର୍କିଂଗୁଡ଼ିକୁ ଛାଡ଼ି)ରେ ବ୍ୟବସାୟିକ ବିଜ୍ଞାପନ ଠିକା। **(୧) ବର୍ଗ:** ବିଜ୍ଞାପନ। **କାଟାଲଗ୍ ନଂ.:** ଏଡିଭିଟି-ଇଏଫ୍ଏଫ୍-ଇଏମ୍‌ୟୁ-୦୨। **ନିଲାମ ତାରିଖ:** ୨୬।୦୮।୨୦୨୨। **ନିଲାମ ଆରମ୍ଭ ସମୟ:** ୧୨.୧୫ ଘଟିକା। **ନିଲାମ ସମାପ୍ତି ସମୟ:** ୧୪.୩୫ ଘଟିକା। **(୨) ବର୍ଗ:** ବିଜ୍ଞାପନ। **କାଟାଲଗ୍ ନଂ.:** ଏଡିଭିଟି-ଇଏଫ୍ଏଫ୍-ଏମ୍‌ଇ-୦୩। **ନିଲାମ ତାରିଖ:** ୨୯।୦୮।୨୦୨୨। **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୩.୪୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ତଥା ତତ୍-ସମ୍ପର୍କିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-470) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

# କ୍ଷୀର ଗାଡ଼ି ଧକ୍କା: ସାପୁଆ ନଦୀକୁ ଖସି ୨ ନିଖୋଜ

ଆଠଗଡ଼,୧୨।୮(ସ୍ୱ.ପ୍ର.)

୬୫ ନମ୍ବର ରାଜ୍ୟ ରାଜପଥର ଆଠଗଡ଼ ଥାନା ଅନ୍ତର୍ଗତ ସାପୁଆନଦୀ ବ୍ରିଜ ଉପରେ ଏକ କ୍ଷୀର ଗାଡ଼ି ଭାରସାମ୍ୟ ହରାଇ ୨ଟି ଦୁର୍ଘଟଣା ଘଟାଇଛି। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ୨ଜଣ ସାପୁଆନଦୀକୁ ଖସି ନିଖୋଜ ହୋଇଯାଇଛନ୍ତି। ଆଠଗଡ଼ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଛନ୍ତି। ଖବର ଲେଖା ହେବା ବେଳକୁ ଉଭୟଙ୍କ ପତ୍ତା ମିଳି ନ ଥିଲା। ଆଠଗଡ଼ ପଟୁ ଖୁଣ୍ଟୁଣୀ ଅଭିମୁଖେ ଯାଉଥିବା କ୍ଷୀର ଗାଡ଼ିଟି ପ୍ରଥମେ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସମ୍ପୃକ୍ତ ଯୁବକ ହେଲେ ଆଠଗଡ଼ ଥାନା ଆଶ୍ୱରା ଗ୍ରାମର ସୁନୀଲ କୁମାର ଦାସ(୨୮)। ପରେ କ୍ଷୀର ଗାଡ଼ିଟି ଆଠଗଡ଼ ଅଭିମୁଖେ ଆସୁଥିବା ଗୋବରା ପ୍ରାଇମେରି ସ୍କୁଲର ପ୍ରଧାନଶିକ୍ଷକ ପବିତ୍ର ମୋହନ ରାଉଳ ଏବଂ ତାଙ୍କ ସହ ଆସୁଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ସାପୁଆନଦୀକୁ ଛିଟିକି ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଲଗାଣ ବର୍ଷା ଫଳରେ ସାପୁଆ ନଦୀରେ ପାଣି ଆସିଥିବାରୁ ଉଭୟ ଭାସି ଯାଇଥିବା ଅନୁମାନ କରାଯାଉଛି।

## OFFICE OF THE OFFICE OF THE REVENUE DIVISIONAL COMMISSIONER NORTHERN DIVISION, ODISHA, SAMBALPUR

e-Mail ID: rdcsbp@nic.in

File No. XV-10/2022 No. 7272/Estt.(A) Dated: 12.08.2022

**ADVERTISEMENT FOR ENGAGEMENT OF RETIRED GOVT. SERVANT**

Applications are invited from the willing retired personnel for re-engagement in the Office of the RDC (ND), Sambalpur against 03 (Three) numbers of vacant posts of Senior Stenographer on Contractual Basis for a period of one year or till the vacancies are filled up, whichever is earlier. The application duly filled in may be sent to the O/o. RDC, ND. Sambalpur by Regd./Speed Post only and should be reached on or before 30.08.2022 by 5.00 P.M. The application forms, details of terms and conditions, related Government guidelines etc. will be available at district website **www.sambalpur.nic.in** till 30.08.2022.

Sd./- RDC, ND, Sambalpur

## OFFICE OF THE COLLECTOR, CUTTACK
(Social Security Section)
**CORRIGENDUM NOTICE**

No. F-191: This is to notify that the last date for submission of Tender Call Notice - 3273/SS, dated 06.08.2022 for supply of materials for running of Special School at IIC, CDA, Cuttack is extended to 19.08.2022 before 03.00 P.M. and the same will be opened at 05.00 P.M. on the same day. The remaining conditions of the advertisement are same and unchanged.

Detailed quotation document along with terms and conditions can be downloaded from the district website **www.cuttack.nic.in**.

OIPR-24178/11/0006/2223 Sd./- Collector, Cuttack

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
(ରାସ୍ତା ଓ ଗୃହ) ବିଭାଜନ ନଂ.୧,ଭୁବନେଶ୍ୱର
OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO. I, BHUBANESWAR

Email: - eebbsr1@yahoo.co.in, Phone/Fax: 06742597097

**INVITATION FOR BIDS (IFB)**

No.B-477: Estg No-6491 Date-12.08.2022
Government of Odisha
e-Procurement Bid Identification No- C.C. (R&B) - 01
e - Procurement Notice No. (49) of 2022-23

| | | |
|---|---|---|
| 1 | Name of the Work | 1. Supply, Installation, testing & commissioning of 6 Passenger (G+3) (408 kg) Lift with MS structure at Geeta Gobinda Sadan, Bhubaneswar |
| 2 | Total no of works | 1 No. work |
| 3 | Estimated cost | 1.Rs.43,03,898.00 |
| 4 | Class of Contractor | 1.Manufacturer/authorised dealer |
| 5 | Period of Completion | 03 [Three] calendar Months |
| 6 | Type of Tender | **Single Cover** |
| 7 | Date & Time of availability of Bid Document in the portal | From 11.00 Hours of 17.08.2022 to 17.00 Hours of 29.08.2022. |
| 8 | Last Date & Time for receipt of Bids in the Portal | 17.00 PM on 29.08.2022. |
| 9 | Name & Address of the officer inviting Bid | Er. Trinatha Behera Superintending Engineer, Bhubaneswar (R&B) Division -1, Bhubaneswar |

**Further details can be seen from the e-procurement portal https://tenderodisha.gov.in.**

**N.: Subsequent corrigendum/addendum if required shall be available in the website as indicated above.**

Sd./- Superintending Engineer
OIPR-34076/11/0012/2223 Bhubaneswar (R&B] Division No.I, BBSR

## MILK UNION,SAMBALPUR
**VEHICLE REQUIRED ON HIRE**

TATA ACE or similar type of vehicle required on Hire for Bheden to MCP Bargarh Milk Route running both morning & evening covering 120 K.M.
Interested Parties may purchase and submit Tenders by 25.08.2022.
Tender Paper Cost- Rs.200/-+GST
EMD- Rs.2,000/-

# ଚକ୍ଷୁ ପରୀକ୍ଷା ଶିବିର

ଟିଗିରିଆ, ୧୨।୮(ଡି.ଏନ.ଏ.)

ଟିଗିରିଆ ବ୍ଲକ ନୂଆପାଟଣାସ୍ଥିତ ନୂଆପାଟଣା ନଂ.୧ ବୁଣାକାର ତନ୍ତୁବାୟ ସହଯୋଗ ସମିତି ତରଫରୁ ୪ ଦିନିଆ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ସମ୍ମାନିତ ଅତିଥିଭାବେ ନୂଆପାଟଣା ନଂ ୧ ସମିତି ସଭାପତି କେଶବ ପାତ୍ର ଯୋଗ ଦେଇଥିଲେ। ସମ୍ପାଦକ ହେମନ୍ତ କୁମାର କୁଣ୍ଡ ସହଯୋଗ କରିଥିଲେ।

# ଆଜାଦୀ କା ଅମୃତ ମହୋତ୍ସବ

ବାଙ୍କୀ,୧୨।୮(ସ୍ୱ.ପ୍ର.)

ବାଙ୍କୀ ମୁଖ୍ୟ ଡାକଘର ପକ୍ଷରୁ ଶୁକ୍ରବାର ବରିଷ୍ଠ ନାଗରିକ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ବାଙ୍କୀ ଉପଖଣ୍ଡ ମୁଖ୍ୟ ଡାକପାଳ ଧନେଶ୍ୱର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଗୋପିମୋହନ କର, ଉପଜିଲାପାଳ ରଞ୍ଜନ କୁମାର ଜେନା, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ସ୍ୱାଇଁ, ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଜାତୀୟ ପତାକା ବଣ୍ଟନ କରିଥିଲେ। ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ଓ ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 17/ET/SBP/ENGG/2022-23, ତା:108.08.2022

**1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 12-eT-SDENE-SBP-22**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢାଖୋଲ ଙ୍କ ପରିସୀମା ଅଧୀନସ୍ଥ ସମ୍ବଲପୁର - ଅନୁଗୁଳ ସେକ୍ସନ ଠାରେ ବିଭିନ୍ନ ପ୍ୟାଚଗୁଡ଼ିକରେ ସେସ୍ ଏବଂ ଅନ୍ୟ ଆବଶ୍ୟକ କାର୍ଯ୍ୟର ପ୍ରଶସ୍ତିକରଣ (Widening)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,24,98,583.37, EMD(ଟଙ୍କାରେ):₹2,12,500/-

**2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-SDENE-SBP-22**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର ସିଟି-ଅନୁଗୁଳ ସେକ୍ସନ ରେ ବିଭିନ୍ନ ପ୍ୟାଚଗୁଡ଼ିକରେ 7.697 TKM. ପାଇଁ କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,60,01,104.50, EMD(ଟଙ୍କାରେ):₹2,80,100/-

**3.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-SDENE-SBP-22**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନ ଠାରେ 12.090 TKM. ଏବଂ ଝାରସୁଗୁଡ଼ା ଜଂ. - ବରଗଡ଼ ରୋଡ୍ ସେକ୍ସନ ଠାରେ 5.934 TKM. ନିମନ୍ତେ ଥ୍ରୁ ରେଲ ନବୀକରଣ (ପ୍ରାଥମିକ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,08,27,891.85, EMD(ଟଙ୍କାରେ):₹2,54,200/-

**କାର୍ଯ୍ୟ ଶେଷ ହେବା ଅବଧି :** 08(ଆଠ) ମାସ (କ୍ରମ ସଂ. 1 ପାଇଁ), 12(ବାର) ମାସ (କ୍ରମ ସଂ. 2 ଏବଂ 3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.07.09.2022 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-377/N/22-23

## WORKS DEPARTMENT
## OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

e-mail: - seec_bls@rediffmail.com

**Government of Odisha "e" Procurement Notice**
**Bid Identification No.CCEEC-09/ 2022-23**

No.B-479: No: 3888 / Dt: 08.08.2022

1. Nature of work :- OAV Building Works
2. Number of works :- 6 (Six) No Buildings
3. Amount put to Tender :- Rs.113.18 Lakh to Rs. 319.55 Lakh
4. Class of Contractor :- "B" Class / "A" Class / "Special"
5. Date & Time of availability of bid document in the portal :- Dt.16.08.2022 at 10:00 A.M.
6. Last Date / Time of receipt of bid in the portal :- Dt.30.08.2022 upto 05:00 P.M.
7. Date of opening of bid :- Dt.02.09.2022 at 11:00 A.M.
8. Name & address of the Office inviting bid :- Chief Construction Engineer, Eastern Circle (R&B), Balasore
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- R.Rout
Chief Construction Engineer
Eastern Circle (R&B) Balasore
OIPR-34026/11/0011/2223

## OFFICE OF THE SUPERINTENDING ENGINEER, RWSS DIVISION, BERHAMPUR

Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com

**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM-10/2022-23**

No. O-823: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 06 Nos. |
| 3 | Estimated Cost (Approximate) | From Rs.27.87 lakhs to Rs.40.47 lakhs |
| 4 | Period of Completion | From 180 to 180 days |
| 5 | Date & time of availability of bid document in the portal | From 19.08.2022 at 11.00 hrs. to 02.09.2022 upto 17.00 hrs. |
| 6 | Last date & time for seeking clarification | 30.08.2022 upto 17.00 hrs. |
| 7 | Dt. of Opening of Bid | 03.09.2022 at 11.00 hrs. |
| 8 | Last date/time for receipt of bids in the portal | 02.09.2022 upto 17.00 hrs. |
| 9 | Name & address of the Officer Inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

Superintending Engineer
RWS&S Division, Berhampur
OIPR-25035/11/0006/2223

## NOTICE INVITING BIDS

sudaodisha1990@gmail.com

**No. 003/SUDA Dtd.12.08.2022/Bhubaneswar**

No. CAD-1473: SUDA (State Urban Development Agency) under Housing & Urban Development Department, Govt. of Odisha intends to select agencies/organisations for engagement as resource organisations for capacity building for Mission Shakti Groups & Slum Dwellers Associations under MUKTA.

For this purpose, SUDA now invites eligible entities to indicate their interest in providing the above services. For details, interested Bidders may refer to the website of SUDA i.e. **www.sudaodisha.org**. The proposal complete in all respect may be delivered to the undersigned by Registered Post/Speed Post/in person (by Hand) to SUDA on or before 25th August 2022 upto 1.00 P.M. in a sealed envelope clearly mentioning on the top of it. **RFP for selection of Resource Organisations for Capacity Building for Mission Shakti Groups & Slum Dwellers Associations under MUKTA.** The administrative officer SUDA - Odisha reserves the right to accept or reject all or any of the proposals and terminate the selection process without assigning any reason thereof.

**Sd./- Administrative Officer**
OIPR-13036/11/0007/2223

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-822 **"e" Procurement Notice for Road Work**

Letter No. 3163 **Identification No. - Online Tender - Road N.C.B. No. 350 for 2022-23** Date: 10.08.2022

1. Name of the Work : Periodical Maintenance of PMGSY Road
2. Total No. of Work : 07 Nos. of work
3. Estimated Cost : From Rs.99.59 lakhs to Rs.208.41 lakhs (Approximately)
4. Eligible Class of Contractor : 'B' & 'A' Class (of Odisha PWD) or relevant Class of other licencing authorities (as per annexure).
5. Period of Completion : From 03 to 04 Calendar months for the work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 350 | 16.08.2022 at 11.00 A.M. | 25.08.2022 upto 5.00 P.M. | 24.08.2022 upto 5.00 P.M. | 26.08.2022 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.

OIPR-25105/11/0029/2223 Sd./- Chief Construction Engineer, R.W. Circle, Balasore

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## NUHASS

Require one Project-Manager for Targeted Intervention Project, At-Danguasahi, Basudevpur, Bhadrak. Qualification-MSW/M.A. in Sociology with 2 yrs experience & Computer knowledge. Salary-15,000/- P.M. Apply within 7 days.
Contact-9437041228,
Email-nuhassbbsr@gmail.com

## WANTED

Male candidate having knowledge of CorelDRAW, Photoshop & Online form fill up for a Cyber café & Xerox shop at Cuttack
**Salary: 12000**
Contact with Bio-data:
**Prudent Communication**
Link Road, Cuttack-12
Mob:9337273594

## TELECALLERS REQUIRED

Telecallers Required for Worlds Best Airhostess Training Institute
**Female only,**
**Experience:1-2 years**
**Salary: 10,000/- to 12,000/- per month (Incentive Extra)**
**CONTACT-9040048566**

See Career Appointment on every **Wednesday & Saturday**

## STEWART SCHOOL, BHUBANESWAR
UNIT-8, CRP SQUARE, BHUBANESWAR-751012

**APPOINTMENT**

Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar.

| SL. | Subject |
|---|---|
| 1 | **English** – M.A./B.A. with B.Ed. and must have cleared CTET/OTET |
| 2 | **Hindi** – M.A./B.A. with B.Ed. and must have cleared CTET/OTET |
| 3 | **Primary Teacher** – Requisite training with proficiency in English |

Interested candidates may send their applications with complete Bio-data and Photocopy of Certificates/Testimonials to the undersigned within seven days from the publication of this advertisement.

Fluency in spoken English and experienced candidates will be preferred.

SECRETARY

## OFFICE OF THE PRINCIPAL +3 KASHI BISWANATH MAHAVIDYALAYA PAIKSAHI, DIST-ANGUL-759125

**WALK-IN-INTERVIEW**

The interested candidates are requested to come with their all documents on date 22.08.2022 at 10.00 AM for the post of Lecturers and Non-Teaching Staffs on Management basis.

| Sl.No. | Post | Qualification |
|---|---|---|
| 1 | Lecturer in Education | M.A. in Education (55%) |
| 2 | Lecturer in Sanskrit | M.A. in Sanskrit (55%) |
| 3 | 2nd Junior Clerk | B.A. with PGDCA |
| 4 | Assistant Librarian | B.A. B.Lib |

Sd./-Principal
+3 K.B. Mahavidyalaya, Paiksahi

## OFFICE OF THE PRINCIPAL GOVT. AUTONOMOUS COLLEGE, ANGUL

Ph.-06764-230342, Email-principalgaca@gmail.com
No.1846/Dt.12.08.22

A Walk-In-Interview for empanelment to engage Guest Faculties for the Session 2022-23 and 2023-24 in Govt. Autonomous College, Angul will be held from 20.08.2022 to 29.08.2022. For details visit the College Website www.gaca.nic.in.

Sd./- Principal
Govt. Autonomous College, Angul